READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

EKAMAATRA
# ଏକମାତ୍ର
ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524



ବର୍ଷ-୯ | ସଂଖ୍ୟା-୪୩ | ୩ ନଭେମ୍ବର - ୯ ନଭେମ୍ବର, ୨୦୨୫ | ଭୁବନେଶ୍ୱର | Monday Weekly | VOL-9 | ISSUE-43 | 3rd NOVEMBER- 9th NOVEMBER, 2025 | BHUBANESWAR | ₹ 5/- (8 Pages)

### ଦିଲ୍ଲୀରେ ବିଷାକ୍ତ ବାୟୁ ପ୍ରଦୂଷଣ
## ସ୍ୱାସ୍ଥ୍ୟ ସଙ୍କଟ ସୃଷ୍ଟି

**ନୂଆଦିଲ୍ଲୀ :** ଦିଲ୍ଲୀ-ଏନସିଆରରେ ବିଷାକ୍ତ ବାୟୁ ପ୍ରଦୂଷଣ ଏବଂ ଋତୁକାଳୀନ ଭାଇରାଲ୍ ସଂକ୍ରମଣ ଏକ ବଡ଼ ଜନସ୍ୱାସ୍ଥ୍ୟ ସଙ୍କଟ ସୃଷ୍ଟି କରିଛି। ସାମ୍ପ୍ରଦାୟିକ ପ୍ଲାଟଫର୍ମ ଲୋକାଲ ସର୍କଲ ଦ୍ୱାରା କରାଯାଇଥିବା ଏକ ନୂଆ ସର୍ଭେରୁ ଜଣାପଡ଼ିଛି ଯେ ଏହି ଅଞ୍ଚଳର ପ୍ରତି ଚାରିଟି ପରିବାରରୁ ତିନିଟିରେ (୭୫%) ଅତି କମରେ ଜଣେ ସଦସ୍ୟ ଅସୁସ୍ଥ ଅଛନ୍ତି। ସର୍ଭେରେ ଦିଲ୍ଲୀ, ଗୁରୁଗ୍ରାମ, ନୋଏଡା, ଫରିଦାବାଦ ଏବଂ ଗାଜିଆବାଦରୁ ୧୫,୦୦୦ରୁ ଅଧିକ ଉତ୍ତର ସଂଗ୍ରହ କରାଯାଇଥିଲା। ସେପ୍ଟେମ୍ବର ମାସ ଶେଷରେ ଯେଉଁ ଘରଗୁଡ଼ିକରେ ଅସୁସ୍ଥ ସଦସ୍ୟ ଥିବାର ୫୬% ରିପୋର୍ଟ କରାଯାଇଥିଲା, ତାହା ବର୍ତ୍ତମାନ ୭୫%କୁ ବୃଦ୍ଧି ପାଇଛି। ବାଣ ଧୂଆଁ, ପଡ଼ୋଶୀ ରାଜ୍ୟର ଚାଷ ଜମିରେ ନିଆଁ ଲଗାଇବା ଏବଂ ସ୍ଥାନୀୟ ନିର୍ଗମନ ଯୋଗୁଁ ଦିଲ୍ଲୀରେ ଏକ୍ୟୁଆଇ ସ୍ତର ୪୦୦ ରୁ ୫୦୦



ମଧ୍ୟରେ ରହୁଛି। ପିଏମ୍୨.୫ ସ୍ତର: ସୂକ୍ଷ୍ମ କଣିକା (ପିଏମ୍୨.୫)ର ସ୍ତର ୩୫୦ ପର୍ଯ୍ୟନ୍ତ ପହଞ୍ଚିଛି, ଯାହା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ହୁ) ଦ୍ୱାରା ନିର୍ଦ୍ଧାରିତ ସୁରକ୍ଷିତ ସୀମାଠାରୁ ପ୍ରାୟ ୧୦ ଗୁଣ ଅଧିକ। ୭୫% ପରିବାରର ସଦସ୍ୟମାନେ ନିଶ୍ୱାସ ନେବାରେ କଷ୍ଟ, କାଶ, ଗଳା ଦରଜ, ନାକ ବନ୍ଦ ହେବା ଏବଂ ଆଖି ପୋଡ଼ିବା ଭଳି ପ୍ରଦୂଷଣ ସମ୍ବନ୍ଧୀୟ ଲକ୍ଷଣ ଅନୁଭବ କରୁଛନ୍ତି। ଡାକ୍ତରମାନେ ଏଚ୍୨ଏନ୍୨ ଇନ୍ଫ୍ଲୁଏଞ୍ଜା ଏବଂ ଅନ୍ୟାନ୍ୟ ଭାଇରାଲ୍ ସଂକ୍ରମଣ ମାମଲାରେ ବୃଦ୍ଧି ରିପୋର୍ଟ କରିଛନ୍ତି। ରୋଗୀମାନଙ୍କ ଠାରେ ଜ୍ୱର, କାଶ, ଗଳା ଦରଜ ଏବଂ ଥକାପଣ ଭଳି ଲକ୍ଷଣ ଦେଖାଯାଉଛି। ସର୍ଭେ ଅନୁଯାୟୀ, ଅନେକ କ୍ଷେତ୍ରରେ ସୁସ୍ଥ ହେବାକୁ ୧୦ ଦିନରୁ ଅଧିକ ସମୟ ଲାଗୁଛି। ପିଲାମାନେ, ବୃଦ୍ଧ ଏବଂ ପୂର୍ବରୁ ରୋଗରେ ପୀଡ଼ିତ ବ୍ୟକ୍ତିମାନେ ଅଧିକ ପ୍ରଭାବିତ ହେଉଛନ୍ତି। ସର୍ଭେ ଅନୁଯାୟୀ, ୧୭% ଘରେ ୪ କିମ୍ବା ୪ରୁ ଅଧିକ ସଦସ୍ୟ ଅସୁସ୍ଥ ଅଛନ୍ତି। ୨୫% ଘରେ ୨ ରୁ ୩ ଜଣ ସଦସ୍ୟ ଅସୁସ୍ଥ। ୩୩% ଘରେ ଜଣେ ସଦସ୍ୟ ଅସୁସ୍ଥ। ମାତ୍ର ୨୫% ପରିବାରରେ ସମସ୍ତେ ସୁସ୍ଥ ଅଛନ୍ତି। ସର୍ଭେ ରିପୋର୍ଟରେ ତୁରନ୍ତ ବାୟୁ ପ୍ରଦୂଷଣର ମୂଳ କାରଣ (ଯେପରିକି ଯାନବାହନ ନିର୍ଗମନ, ନିର୍ମାଣ ଧୂଳି) ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏବଂ ମାସ୍କ ବ୍ୟବହାର ତଥା ଇନଡୋର ବାୟୁ ଗୁଣବତ୍ତା ଉପରେ ଜନସଚେତନତା ସୃଷ୍ଟି କରିବାକୁ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରାଯାଇଛି।

### ଫ୍ଲୋ ମିଟର ନଥାଇ ଜଳ ଶୋଷୁଛନ୍ତି ୧୪୫୪ ଶିଳ୍ପ ସଂସ୍ଥା
## ୪୬୩୪ କୋଟି କ୍ଷତି

**ଭୁବନେଶ୍ୱର :** ରାଜ୍ୟର ୧୪୫୪ଟି ଶିଳ୍ପ ଓ ବାଣିଜ୍ୟିକ ସଂସ୍ଥା ମନଇଚ୍ଛା ଜଳ ବ୍ୟବହାର କରୁଛନ୍ତି। ଫ୍ଲୋ ମିଟର ନଲଗାଇ ଜଳ ଉଠାଉଥିବାରୁ ରାଜକୋଷକୁ ୪୬୩୪ କୋଟି ୨୦ଲକ୍ଷ ଟଙ୍କାର ଜଳକର କ୍ଷତି ସହିବାକୁ ପଡ଼ିଛି। ଏନେଇ ସେପ୍ଟେମ୍ବର ୨୫ତାରିଖରେ ଭୁବନେଶ୍ୱରସ୍ଥିତ ଏଜି (ଅଡିଟ୍-୧) ନିଜର ଡ୍ରାଫ୍ଟ ଅଡିଟ୍ ରିପୋର୍ଟ ପଠାଇ ରାଜ୍ୟ ଜଳସମ୍ପଦ ବିଭାଗକୁ ସ୍ପଷ୍ଟୀକରଣ ମାଗିବା ପରେ ସରକାରଙ୍କ ଚେତା ପଶିଛି। ଆଉ ମୁଖ୍ୟ ଯନ୍ତ୍ରୀ (ଜଳ ସେବା)ଙ୍କୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। କେବଳ ସେତିକି ନୁହେଁ ଗତମାସରେ ବିଧାନସଭାରେ ଜଳସମ୍ପଦ ବିଭାଗ ମନ୍ତ୍ରୀ ତଥା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ରାଜ୍ୟର ବିଭିନ୍ନ ଶିଳ୍ପ ସଂସ୍ଥା ଉପରେ ୧୦୭୬୦କୋଟି



ଟଙ୍କାର ଜଳକର ବାକି ରହିଥିବା ମଧ୍ୟ ସୂଚନା ଦେଇଥିଲେ। ଯାହାକି ୨୦୨୧-୨୨ ଆର୍ଥିକ ବର୍ଷରେ ୪୯୧୪କୋଟି ଟଙ୍କା ଥିଲା। ଭୁବନେଶ୍ୱରସ୍ଥିତ ଏଜି (ଅଡିଟ୍-୧)ଙ୍କ ଦ୍ୱାରା ସେପ୍ଟେମ୍ବର ୨୫ତାରିଖରେ ରାଜ୍ୟ ଜଳସମ୍ପଦ ବିଭାଗକୁ ସ୍ପଷ୍ଟୀକରଣ ମଗାଯାଇଛି। ରାଜ୍ୟରେ ଶିଳ୍ପ ସଂସ୍ଥା ଓ ବାଣିଜ୍ୟିକ ପ୍ରତିଷ୍ଠାନଗୁଡ଼ିକ ମନମୁଖୀ ସରକାରୀ ଉତ୍ସରୁ ଜଳ ଉଠାଣ କରି ଉପଯୋଗ କରୁଥିବା ସିଏଜି ତାଙ୍କ ଅଡିଟ୍ ବେଳେ ଜାଣିବାକୁ ପାଇଛନ୍ତି। ଏହି ଅନିୟନ୍ତ୍ରିତ ଓ ବେଆଇନ ଜଳଉଠାଣ ଯୋଗୁ ରାଜସ୍ୱ କ୍ଷତି ସହ ରାଜ୍ୟର ଜଳସମ୍ପଦ ପ୍ରତି ମଧ୍ୟ ବିପଦ ସୃଷ୍ଟି ହୋଇଥିବା ସିଏଜି ତାଙ୍କ ଡ୍ରାଫ୍ଟ ରିପୋର୍ଟରେ ଉଲ୍ଲେଖ କରିଛନ୍ତି। ରାଜ୍ୟର ମୋଟ ୧୪୫୪ଟି ଶିଳ୍ପ ଓ ବାଣିଜ୍ୟିକ ସଂସ୍ଥା ବିନା ଫ୍ଲୋ ମିଟରରେ ସରକାରୀ ଉତ୍ସରୁ ଜଳ ଉପଯୋଗ କରୁଥିବାରୁ ରାଜ୍ୟ ସରକାରଙ୍କୁ ୪୬୩୪ କୋଟି ୨୦ଲକ୍ଷ ଟଙ୍କାରୁ ଅଧିକ ଜଳକର କ୍ଷତି ସହିବାକୁ ପଡ଼ିଛି। ରାଜ୍ୟର କେଉଁ ଜଳସମ୍ପଦ ଡିଭିଜନରେ କେଉଁ ସଂସ୍ଥା ଦ୍ୱାରା ଏଭଳି ଅନିୟମିତତା ହୋଇଛି ତା'ର ବିସ୍ତୃତ ତଥ୍ୟ ସିଏଜି ମଧ୍ୟ ବିଭାଗକୁ ଦେଇଛନ୍ତି। ସିଏଜିଙ୍କ ଏହି ଡ୍ରାଫ୍ଟ ଅଡିଟ୍ ରିପୋର୍ଟ ପରେ ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ (ଇସିଆଇ)ଙ୍କ କାର୍ଯ୍ୟାଳୟ ପକ୍ଷରୁ ଅକ୍ଟୋବର ୨୫ ତାରିଖରେ ➤ ପୃ-୬

### ଫେବୃଆରୀ ୧୭ରୁ ସିବିଏସଇ ବୋର୍ଡ ପରୀକ୍ଷା

**ନୂଆଦିଲ୍ଲୀ :** କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍ଇ) ୨୦୨୬ ବୋର୍ଡ




ପରୀକ୍ଷା ପାଇଁ ଚୂଡ଼ାନ୍ତ ତାରିଖ ପ୍ରକାଶ କରିଛି। ପ୍ରକାଶିତ ତାରିଖ ଅନୁଯାୟୀ, ସିବିଏସ୍ଇ ଦଶମ ପରୀକ୍ଷା ଫେବୃଆରୀ ୧୭, ୨୦୨୬ ରୁ ଆରମ୍ଭ ହୋଇ ମାର୍ଚ୍ଚ ୧୦, ୨୦୨୬ ପର୍ଯ୍ୟନ୍ତ ଚାଲିବ, ଯେତେବେଳେ କି ଦ୍ୱାଦଶ ପରୀକ୍ଷା ଫେବୃଆରୀ ୧୭ ରୁ ଏପ୍ରିଲ ୯, ୨୦୨୬ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ସିବିଏସ୍ଇ ଦଶମ ଏବଂ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ବିଷୟ ଉପରେ ନିର୍ଭର କରି ସକାଳ ୧୦:୩୦ ରୁ ଅପରାହ୍ନ ୧୨:୩୦ କିମ୍ବା ଅପରାହ୍ନ ୧:୩୦ ପର୍ଯ୍ୟନ୍ତ ଚାଲିବ। ଦଶମ ପରୀକ୍ଷାର ପ୍ରଥମ ଦିନରେ ଗଣିତ (ଉଭୟ ଷ୍ଟାଣ୍ଡାର୍ଡ ଓ ବେସିକ୍) ପରୀକ୍ଷା ହେବ। ➤ ପୃ-୬

## ରାଜ୍ୟରେ ନିର୍ମାଣ ହେବ ୯୨ ରେଳ ଓଭରବ୍ରିଜ୍

**ଭୁବନେଶ୍ୱର :** ଓଡ଼ିଶାରେ ୯୨ଟି ରେଳ ଓଭରବ୍ରିଜ୍ ନିର୍ମାଣ ସମେତ ଦିଲ୍ଲୀ ରେଳଷ୍ଟେସନ ଶୈଳୀରେ ଭୁବନେଶ୍ୱର ଓ ପୁରୀ ଷ୍ଟେସନରେ ଆଧୁନିକ 'ଯାତ୍ରୀ ସୁବିଧା କେନ୍ଦ୍ର' ନିର୍ମାଣ ହେବ। ରେଳ ମନ୍ତ୍ରଣାଳୟ ଏଥିପାଇଁ ଆବଶ୍ୟକ ପାଣ୍ଠି ଖର୍ଚ୍ଚ କରିବ। ଓଡ଼ିଶାରେ ରେଳବାଇ ଭିତ୍ତିଭୂମି ବିକାଶ ନିମନ୍ତେ ୯୨ଟି ରେଳ ଓଭରବ୍ରିଜ (ଆରଓବି) ନିର୍ମାଣ ପାଇଁ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତିକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଧନ୍ୟବାଦ ଦେଇଛନ୍ତି। ରାଜ୍ୟରେ ୯୨ଟି ଆରଓବି ନିର୍ମାଣ ପାଇଁ ସମସ୍ତ ଖର୍ଚ୍ଚ କେନ୍ଦ୍ର ରେଳ ମନ୍ତ୍ରଣାଳୟ ବହନ କରିବ। ଓଡ଼ିଶା ସରକାରଙ୍କ ଏହି ପ୍ରସ୍ତାବକୁ ମନ୍ତ୍ରଣାଳୟ ଅନୁମୋଦନ ଦେଇଛନ୍ତି। ପୂର୍ବରୁ ରାଜ୍ୟରେ ଆରଓବି ନିର୍ମାଣ ଖର୍ଚ୍ଚ ଉଭୟ ରେଳ ମନ୍ତ୍ରଣାଳୟ ଓ ରାଜ୍ୟ ସରକାର ୫୦-୫୦



ପ୍ରତିଶତ ଅନୁପାତରେ ବହନ କରିବାକୁ ସ୍ଥିର ହୋଇଥିଲା। ମାତ୍ର ରାଜ୍ୟ ସରକାରଙ୍କ ଅନୁରୋଧ ପରେ କେନ୍ଦ୍ର ରେଳ ମନ୍ତ୍ରଣାଳୟ ଏହି ୯୨ଟି ଆରଓବି ନିର୍ମାଣ ପାଇଁ ସମସ୍ତ ଖର୍ଚ୍ଚ ବହନ କରିବେ ବୋଲି ଚିଠି ଲେଖି ରାଜ୍ୟ ସରକାରଙ୍କୁ ଅବଗତ କରାଇଛନ୍ତି। ଏହି ରେଳ ଓଭର ବ୍ରିଜଗୁଡ଼ିକ ନିର୍ମାଣ ଦ୍ୱାରା ରେଳ ଲାଇନ୍ କ୍ରସିଂରେ ଟ୍ରାଫିକ୍ ସମସ୍ୟା ହ୍ରାସ ପାଇବ ଏବଂ ଯୋଗାଯୋଗ ବ୍ୟବସ୍ଥାରେ ଉନ୍ନତି ଆସିବ। ଭୁବନେଶ୍ୱର ଓ ପୁରୀ ରେଳ ଷ୍ଟେସନ ସମେତ ଦେଶର ମୋଟ ୭୬ଟି ଷ୍ଟେସନରେ ଅତିରିକ୍ତ 'ଯାତ୍ରୀ ସୁବିଧା କେନ୍ଦ୍ର' ବା ପ୍ରତୀକ୍ଷା ପାଇଁ ଉଦ୍ଦିଷ୍ଟ ଅଂଚଳ ନିର୍ମାଣ କରାଯିବ ବୋଲି କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଘୋଷଣା କରିଛନ୍ତି। ନୂଆଦିଲ୍ଲୀ ଷ୍ଟେସନରେ ମାତ୍ର ୪ମାସ ମଧ୍ୟରେ ଏଭଳି ପ୍ରତୀକ୍ଷା ଅଂଚଳ ନିର୍ମାଣ କରି ରେଳବାଇ ମନ୍ତ୍ରଣାଳୟ ଦୀପାବଳି ଓ ଛଟ୍ ପର୍ବ ସମୟରେ ଯାତ୍ରୀଙ୍କ ଭିଡ଼ ପରିଚାଳନାକୁ ସହଜ କରିପାରିଥିଲା। ଏହାକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ଓ ପୁରୀ ସମେତ ଦେଶର ମୋଟ ୭୬ଟି ପ୍ରମୁଖ ଷ୍ଟେସନରେ ଅନୁରୂପ ପ୍ରତୀକ୍ଷା ଅଂଚଳ ନିର୍ମାଣ କରାଯିବ। ଯାହା ୩ଟି ଭାଗରେ ବିଭକ୍ତ ହେବ। ସେଠାରେ ଉଭୟ ପୁରୁଷ ଓ ମହିଳାଙ୍କ ପାଇଁ ଶୌଚାଳୟ, ➤ ପୃ-୬

### ପୀତବାସ ପଣ୍ଡା ହତ୍ୟା ମାମଲା
## ଦୁଇ ସ୍ୱତନ୍ତ୍ର ସରକାରୀ ଓକିଲ ନିଯୁକ୍ତି ପାଇଁ ଚିଠି

**ଭୁବନେଶ୍ୱର :** ଆଇନଜୀବୀ ପୀତବାସ ପଣ୍ଡାଙ୍କ ହତ୍ୟାକୁ ମାସେ ପୁରିବାକୁ ବସିଲାଣି। ତଥାପି ଅଭେଦ୍ୟ ବହୁ ରହସ୍ୟ। ମାଳ ମାଳ ପ୍ରଶ୍ନର ଉତ୍ତର ବି ମିଳୁନି। କୁଆଡ଼େ ଗଲେ ସାର୍ପସୁଟର କୁରୁପତି ଭୁୟାଁ, ସୁପାରୀ ଡିଲର ଉମା ବିଶୋୟୀ? କେଉଁଠି କରିଛନ୍ତି ଆତ୍ମଗୋପନ? କୁଆଡ଼େ ଏମିତି ସୀମାପାର



ହେଲେ ଯେ ରାଜ୍ୟ ତଥା ବାହାରେ ଘନଘନ ସର୍ଚ୍ଚ ଅପରେସନ୍ ପରେ ବି ୨ ଜଣଙ୍କର ଠିକଣା ଖୋଜି ପାଉନି ପୋଲିସ? ମର୍ଡର ପ୍ଲଟର ମୋଷ୍ଟୱାଣ୍ଟେଡ୍ କୁରୁପତି ଓ ଉମାର ସନ୍ଧାନ ନ ମିଳିବା ପୋଲିସ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିଥିବା ବେଳେ ତଦନ୍ତକୁ ନେଇ ବି ଉଠିଲାଣି ପ୍ରଶ୍ନ। ଅନ୍ୟପଟେ ବହୁ ଚର୍ଚ୍ଚିତ ଓକିଲ ପୀତବାସ ପଣ୍ଡା ହତ୍ୟା ମାମଲାର ପରିଚାଳନା ପାଇଁ ଓଡ଼ିଶା ହାଇକୋର୍ଟର ଦୁଇ ଜଣ ଆଡଭୋକେଟ୍ଙ୍କୁ ସ୍ୱତନ୍ତ୍ର ସରକାରୀ ଓକିଲ ଭାବେ ନିଯୁକ୍ତି ଦେବାକୁ କ୍ରାଇମବ୍ରାଞ୍ଚ ଡିଜିଙ୍କୁ ଚିଠି ଲେଖିଛନ୍ତି ବ୍ରହ୍ମପୁର ଏସ୍ପି। ଆଡ୍ଭୋକେଟ୍ କାଳିଚରଣ ମିଶ୍ର (ସିବିଆଇର ଅବସରପ୍ରାପ୍ତ ଅତିରିକ୍ତ ଆଇନ ପରାମର୍ଶଦାତା)ଙ୍କୁ ସ୍ୱତନ୍ତ୍ର ସରକାରୀ ଓକିଲ ଓ ଆଡ୍ଭୋକେଟ୍ ଅବିନାଶ ପାଢ଼ୀଙ୍କୁ ସହକାରୀ ସ୍ୱତନ୍ତ୍ର ସରକାରୀ ଓକିଲ ଭାବେ ନିଯୁକ୍ତ କରିବାକୁ ଯଥାଶୀଘ୍ର ଗୃହ ବିଭାଗର ଅନୁମତି ଆଣିବାକୁ କ୍ରାଇମବ୍ରାଞ୍ଚ ଡିଜିଙ୍କୁ ଚିଠିରେ ➤ ପୃ-୬

## 'ଏକତା-ଭାଇଚାରା-ଦେଶପ୍ରେମ ବିକଶିତ ଭାରତର ଶକ୍ତି'

**ଭୁବନେଶ୍ୱର :** ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ ତମ ଜୟନ୍ତୀ ତଥା ରାଷ୍ଟ୍ରୀୟ ଏକତା ଦିବସ ଅବସରରେ କ୍ରୀଡା ଓ ଯୁବ ବ୍ୟାପାର ବିଭାଗ ପକ୍ଷରୁ କଳିଙ୍ଗ ଷ୍ଟାଡିଅମ ଠାରେ ଆୟୋଜିତ ଏକତା ଦୌଡ଼କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦଘାଟନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏକତା, ଭାଇଚାରା ଓ ଦେଶପ୍ରେମ ଆମ ବିକଶିତ ଭାରତର ଶକ୍ତି। ମୁଖ୍ୟମନ୍ତ୍ରୀ କହିଥିଲେ ଭିନ୍ନତାରେ ଏକତା ହେଉଛି ଭାରତର ଆତ୍ମା ଓ ଶକ୍ତି। ଜାତି, ଧର୍ମ, ଭାଷା, ନିର୍ବିଶେଷରେ ଆମେ ସମସ୍ତେ ଭାରତୀୟ ଏହି ଆତ୍ମବୋଧ ଆମକୁ ଏକଜୁଟ ରଖେ ଓ ଦେଶକୁ ଶକ୍ତିଶାଳୀ କରେ। ସର୍ଦ୍ଦାର ପଟେଲ ଏକ ଏମିତି ମହାନ ନେତା ଥିଲେ, ଯିଏ ଶତାଧିକ ରାଜା ରଜୁଡାଙ୍କୁ ଏକତା ସୂତ୍ରରେ ବାନ୍ଧି ଏକ ଅଖଣ୍ଡ ଭାରତ ଗଢିଥିଲେ। ସର୍ଦ୍ଦାର ପଟେଲଙ୍କ ଦୃଢ଼



ସଙ୍କଳ୍ପ, ଦୃଷ୍ଟିକୋଣ ବଳରେ ଆମେ ଆଜି ଭାରତକୁ 'ଏକ' ଦେଖୁଛୁ ବୋଲି ସେ କହିଥିଲେ। ସର୍ଦ୍ଦାର ପଟେଲଙ୍କ ଅବଦାନକୁ ସ୍ମରଣ କରି ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଥିଲେ ଯେ ଆମେ ସମସ୍ତେ ମିଳିମିଶି, ସଂଘବଦ୍ଧ ଭାବେ କାମ କଲେ ଖୁବ ଶୀଘ୍ର ଆମେ ବିକଶିତ ଭାରତର ସ୍ୱପ୍ନକୁ ସାକାର କରିପାରିବା। ଏହି ଦୌଡ଼ ହେଉଛି ସେହି ଏକତା, ସମନ୍ୱୟ ଓ ଦେଶପ୍ରେମର ପ୍ରତୀକ। ୨୦୧୪ ମସିହାରେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଜୀ "ରନ୍ ଫର ୟୁନିଟି" କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ, ଏବଂ ୨୦୧୮ ମସିହାରେ ଗୁଜରାଟର କେଭାଡିଆ ଠାରେ ସର୍ଦ୍ଦାର ପଟେଲଙ୍କ ୧୮୨ ମିଟର ଉଚ୍ଚ "ଷ୍ଟାଚ୍ୟୁ ଅଫ୍ ୟୁନିଟ୍" ଅନାବରଣ ହୋଇଥିଲା ଯାହା ବିଶ୍ୱର ସର୍ବବୃହତ୍ ପ୍ରତିମା ଭାବେ ଭାରତୀୟ ଗୌରବର ପ୍ରତୀକ ହୋଇଉଠିଛି ବୋଲି ସେ କହିଥିଲେ। ସେ ଆହୁରି କହିଥିଲେ ଯେ ଏହି ଦୌଡ଼ ଆମକୁ ➤ ପୃ-୬

### ଖୁବଶୀଘ୍ର ଲାଗୁ ହେବ ୱାନ ନେସନ, ୱାନ ପୋଲିସ ୟୁନିଫର୍ମ ପଲିସି
## ସବୁ ରାଜ୍ୟର ପୋଲିସ ପିନ୍ଧିବେ ଏକକ ୟୁନିଫର୍ମ

**ନୂଆଦିଲ୍ଲୀ :** ଖୁବଶୀଘ୍ର ଲାଗୁ ହେବ ୱାନ ନେସନ, ୱାନ ପୋଲିସ ୟୁନିଫର୍ମ ପଲିସି। ଦେଶରେ ଏଣିକି ପୋଲିସ ମାନଙ୍କର ରହିବ ଗୋଟିଏ ପ୍ରକାରର ୟୁନିଫର୍ମ। ଭିନ୍ନ ଭିନ୍ନ ରାଜ୍ୟରେ ଆଉ ରହିବ ନାହିଁ ଭିନ୍ନ ଭିନ୍ନ ପୋଲିସ ୟୁନିଫର୍ମ। ଏକ ପ୍ରକାରର ୟୁନିଫର୍ମ ପିନ୍ଧିବେ ସବୁ ରାଜ୍ୟର ପୋଲିସ। ଓଡ଼ିଶା ସମେତ ୧୬ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳକୁ ଏନେଇ ତଥ୍ୟ ମାଗିଛି କେନ୍ଦ୍ର ଗୃହ ମନ୍ତ୍ରଣାଳୟ। ଆନ୍ଧ୍ରପ୍ରଦେଶ, ଅରୁଣାଚଳ ପ୍ରଦେଶ, ଆସାମ, ଗୋଆ, ହିମାଚଳ ପ୍ରଦେଶ, ଝାଡ଼ଖଣ୍ଡ, କେରଳ, ମଣିପୁର, ମେଘାଳୟ, ନାଗାଲାଣ୍ଡ, ଓଡ଼ିଶା, ସିକ୍କିମ, ତେଲଙ୍ଗାନା, ତ୍ରିପୁରା, ଉତ୍ତରାଖଣ୍ଡ, ପଶ୍ଚିମବଙ୍ଗକୁ କେନ୍ଦ୍ର ଗୃହ ମନ୍ତ୍ରଣାଳୟର ଚିଠି କରିଛି।




ମଗାଯାଇଥିବା ତଥ୍ୟ ତୁରନ୍ତ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ନଭେମ୍ବର ୪ ତାରିଖରେ ମଧ୍ୟରେ ସମସ୍ତ ତଥ୍ୟ ଦାଖଲ ପାଇଁ ନିର୍ଦ୍ଦେଶ ରହିଛି। କେନ୍ଦ୍ରର ଚିଠି ପରେ ଡିଜିପି କଣ୍ଟ୍ରୋଲ ରୁମ ପକ୍ଷରୁ ରାଜ୍ୟ ପୋଲିସ ହେଡ୍ କ୍ୱାଟରକୁ ତଥ୍ୟ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସରକାରୀ ବିଜ୍ଞପ୍ତି ଅନୁଯାୟୀ, ଏମ୍ଏଚ୍ଏ କନଷ୍ଟେବଳ ପଦଠାରୁ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଅଫ୍ ➤ ପୃ-୬

## ଐତିହାସିକ ବାଲିଯାତ୍ରା ପାଇଁ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀଙ୍କୁ ନିମନ୍ତ୍ରଣ



**ଭୁବନେଶ୍ୱର :** ପାଖେଇ ଆସୁଛି ସମୟ, ଶେଷ ପର୍ଯ୍ୟାୟରେ ପ୍ରସ୍ତୁତି। ଐତିହାସିକ କଟକ ବାଲିଯାତ୍ରା-୨୦୨୫କୁ ଆସିବା ଲାଗି ବଣ୍ଟା ଚାଲିଛି ନିମନ୍ତ୍ରଣ ପତ୍ର। ପ୍ରଥମେ ମା' କଟକ ଚଣ୍ଡୀଙ୍କୁ ବାଲିଯାତ୍ରା ନିମନ୍ତ୍ରଣ ପତ୍ର ଦେଇଛି ପ୍ରଶାସନ। ମା' କଟକ ଚଣ୍ଡୀଙ୍କୁ ବାଲିଯାତ୍ରା ନିମନ୍ତ୍ରଣ ପତ୍ର ଦେବା ପରେ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଜିଲ୍ଲାପାଳ ନିମନ୍ତ୍ରଣ ପତ୍ର ଦେଇଛନ୍ତି। ରାଜ୍ୟପାଳଙ୍କୁ ରାଜଭବନରେ ଭେଟି ବାଲିଯାତ୍ରା ଆସିବାକୁ ନିମନ୍ତ୍ରଣ କରିଛନ୍ତି କଟକ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେ। ସେହିଭଳି ବାଲିଯାତ୍ରା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ମଧ୍ୟ ନିମନ୍ତ୍ରଣ ଦେଇଛନ୍ତି କଟକ ଜିଲ୍ଲାପାଳ। ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରି ବାଲିଯାତ୍ରା ପାଇଁ ନିମନ୍ତ୍ରଣ ପତ୍ର ପ୍ରଦାନ କରିଛନ୍ତି କଟକ ଜିଲ୍ଲାପାଳ। ନଭେମ୍ବର ୫ ତାରିଖରୁ କଟକ ମହାନଦୀ ପଠା ଗଡ଼ଗାଡ଼ିଆ ଘାଟର ୬୦ ଏକର ଜମିରେ ଆରମ୍ଭ ହେବ ବାଲିଯାତ୍ରା। ୮ ଦିନ ଧରି ଚାଲିବାକୁ ଥିବା ଏସିଆର ସର୍ବ ବୃହତ ବାଣିଜ୍ୟିକ ମେଳା ୧୨ ତାରିଖରେ ସରିବ। ବାଲିଯାତ୍ରାରେ କଟକ ଇନ୍ କଟକ ଠାରୁ ଆରମ୍ଭ କରି ଓରମାସ, ସାଂସ୍କୃତିକ ମଞ୍ଚ ପ୍ରସ୍ତୁତି କାର୍ଯ୍ୟ ଦ୍ରୁତ ଗତିରେ ଚାଲିଛି। ଏଥର ବାଲିଯାତ୍ରାରେ ସ୍ଥାନ ପାଇବ ଇଣ୍ଡୋନେସିଆ ପ୍ୟାଭିଲିୟନ୍। ଅତୀତର ଗୌରବମୟ ନୌବାଣିଜ୍ୟ ସମ୍ପର୍କକୁ ଏହି ପାଭିଲିଅନରେ ପ୍ରଦର୍ଶିତ କରାଯିବ। ଏଥିପାଇଁ ବାଲିଯାତ୍ରାର ସହଯୋଗୀ ରାଷ୍ଟ୍ର ଭାବେ ରାଜ୍ୟ ସରକାରଙ୍କ ସ୍ୱୀକୃତି ପାଇଛି ଇଣ୍ଡୋନେସିଆ। ଯାହା ଇଣ୍ଡୋନେସିଆ ଓ ଓଡ଼ିଶା ମଧ୍ୟରେ ଥିବା ସମ୍ପର୍କକୁ ଆହୁରି ସୁଦୃଢ଼ କରିବ। ବାଲିଯାତ୍ରାର ସହଯୋଗୀ ରାଷ୍ଟ୍ର ଇଣ୍ଡୋନେସିଆ ପାଇଁ ବାଲିଯାତ୍ରା ପଡ଼ିଆରେ ସ୍ୱତନ୍ତ୍ର ପ୍ୟାଭିଲିୟନ ରହିବ। ଯେଉଁଠି ଇଣ୍ଡୋନେସିଆର ହସ୍ତଶିଳ୍ପ ସହ ଅନ୍ୟ କଳାକୃତି ଓ କାରିଗରୀ ପ୍ରଦର୍ଶନୀ କରାଯିବ। ବାଲିଯାତ୍ରାକୁ ବୁଲି ଆସୁଥିବା ଲୋକେ ଇଣ୍ଡୋନେସିଆର କଳା, ସଂସ୍କୃତି ଓ ପରମ୍ପରା ବାବଦରେ ଜାଣିପାରିବେ। ଏହାଦ୍ୱାରା ସାଂସ୍କୃତିକ ଭାବ ବିନିମୟ ହୋଇ ପାରିବ।

### ବକ୍ରବାଣୀ



ହଲି ପେଲି ହୋଇ ମନ୍ଥା ଆସିଲା
ମିଡିଆବାଲାଙ୍କ ପେଟ ମନ୍ଥିଲା
ଡିଆଁ ଡେଇଁ ହୋଇ ବାଢ଼େଇ ଛାଟି
ଟିଭି ପରଦାରେ କଲେ ସେ ପାଟି
ସରକାର ଖାଲି ଦେଖେଇ ହେଲେ
ଜିରୋ କାଜ୍ୱାଲିଟି ମୁଖିଆ ବୋଲେ
ତିଳକୁ କରିଲେ ବିରାଟ ତାଳ
ନାଚିଲେ ଟିଭିରେ ଛିଣ୍ଡେଇ ବାଳ
ନିରିହ ମନ୍ଥାଟା ତା'ବାଟେ ଗଲା
ସରକାର ନୂଆପଡ଼ା ଚାଲିଲା।

—ଟୁଟୁ

### ୮ବର୍ଷ ହେଲା ୨୭୦୦କୋଟି ଟଙ୍କା ଦେଉନାହାନ୍ତି ଖଣି ଲିଜଧାରୀ
## ବର୍ଷିଲେ, ଚେତାବନୀ ଦେଲେ ସୁପ୍ରିମ୍‌କୋର୍ଟ

**ନୂଆଦିଲ୍ଲୀ :** ରାଜ୍ୟରେ ବହୁଚର୍ଚ୍ଚିତ ବେଆଇନ ଖଣି କାରବାର ମାମଲାରେ ସୁପ୍ରିମକୋର୍ଟଙ୍କ ଦ୍ୱାରା ଜୋରିମାନା ପାଇଁ ନିର୍ଦ୍ଦେଶକୁ ୮ବର୍ଷ ପୁରିଲାଣି। ମାତ୍ର ଖଣି ଲିଜଧାରୀଙ୍କଠୁ ୨୭୦୦କୋଟି ଟଙ୍କା ଆଦାୟ କରିବାରେ ରାଜ୍ୟ ସରକାର ସକ୍ଷମ ହୋଇପାରିନାହାନ୍ତି। ୨୦୧୮ ମସିହାରୁ କେବଳ ସାର୍ଟିଫିକେଟ୍ କେସ୍ ରୁଜୁ କରିଦେଇ ସରକାର ବସିଯାଇଛନ୍ତି। ସରକାରଙ୍କ ଏଭଳି ଆଭିମୁଖ୍ୟକୁ ନେଇ କଡ଼ା ଭାଷାରେ ବର୍ଷିଛନ୍ତି ସୁପ୍ରିମକୋର୍ଟ। ପରବର୍ତ୍ତୀ ଶୁଣାଣି ପାଇଁ ୮ସପ୍ତାହ ସମୟ ଦେବା ସହ ଜୋରିମାନା ଆଦାୟ କ୍ଷେତ୍ରରେ ଆଖିଦୃଶିଆ ପ୍ରଦର୍ଶନରେ ବିଫଳ ହେଲେ କୋର୍ଟ କଡ଼ା



ଆଭିମୁଖ୍ୟ ଗ୍ରହଣ କରିବେ ବୋଲି ଓଡ଼ିଶା ସରକାରଙ୍କୁ ଚେତାବନୀ ଦେଇଛନ୍ତି। ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ ଦୀପଙ୍କର ଦତ୍ତ ଓ ଜଷ୍ଟିସ ଏ.ଜି.ମସିହଙ୍କୁ ନେଇ ଗଠିତ ଖଣ୍ଡପୀଠ 'କମନ କଜ୍' ଦ୍ୱାରା ରୁଜୁ ଜନସ୍ୱାର୍ଥ ମାମଲାର ଶୁଣାଣି କରି ବେଆଇନ ଖଣି ଖନନ କରିଥିବା ଲିଜଧାରୀଙ୍କଠୁ ଧାର୍ଯ୍ୟ ଜୋରିମାନା ରାଶି ଆଦାୟ କରିବାରେ ଓଡ଼ିଶା ସରକାରଙ୍କ ବିଳମ୍ବକୁ ନେଇ କଡ଼ା ସମାଲୋଚନା କରିଛନ୍ତି। ରାଜ୍ୟ ସରକାରଙ୍କ ନିଷ୍କ୍ରିୟତାକୁ ନେଇ ଅସନ୍ତୋଷ ବ୍ୟକ୍ତ କରିବା ସହ ଏହି ବକେୟା ଅର୍ଥ ଆଦାୟ ପାଇଁ ରାଜ୍ୟ ସରକାର ଯେଉଁ ଢଙ୍ଗରେ କାର୍ଯ୍ୟ କରୁଛନ୍ତି ତାହା ସନ୍ତୋଷଜନକ ନୁହେଁ ବୋଲି କହିଛନ୍ତି। ସୁପ୍ରିମକୋର୍ଟର ତତକାଳୀନ ମୁଖ୍ୟ ବିଚାରପତି ଜଷ୍ଟିସ ଜେ.ଏସ୍. ଖେହରଙ୍କ ଅଧ୍ୟକ୍ଷତା ବିଶିଷ୍ଟ ଖଣ୍ଡପୀଠ ୨୦୧୭ ଅଗଷ୍ଟ ୨ତାରିଖରେ ଏକ ଐତିହାସିକ ରାୟ ଦେଇ ନିର୍ଦ୍ଧାରିତ ସୀମା ବାହାରେ ଓ ପରିବେଶ ଅନୁମୋଦନ ବିନା ଖଣି ଉତ୍ତୋଳନ କରିଥିବା ଲିଜଧାରୀଙ୍କଠୁ ପ୍ରାୟ ୧୭୫୦୦କୋଟି ଟଙ୍କାରୁ ଅଧିକ ଅର୍ଥ ଜୋରିମାନା ଭାବେ ଆଦାୟ ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ। ସୂଚନା ଅନୁସାରେ, ଆବେଦନକାରୀ 'କମନ କଜ'ର ଓକିଲ ପ୍ରଶାନ୍ତ ଭୂଷଣ ଯୁକ୍ତି ବାଢ଼ି କହିଥିଲେ ଯେ, ଓଡ଼ିଶା ସରକାର ଏହି ଖିଲାପୀ ଖଣି ଲିଜଧାରୀଙ୍କଠାରୁ ଏପର୍ଯ୍ୟନ୍ତ ପ୍ରାୟ ୨୭୦୦ କୋଟି ଟଙ୍କା ଆଦାୟ କରିପାରିନାହାନ୍ତି। ଯଦି ଏହା ସହ ୮ବର୍ଷର ବକେୟା ସୁଧକୁ ହିସାବକୁ ନିଆଯିବ ତାହା ୫ହଜାର କୋଟି ଟଙ୍କା ଛୁଇଁବ। ➤ ପୃ-୬

EKAMAATRA

ଏକମାତ୍ର

ଅନୁସନ୍ଧାନ ପରେ ଖବର

## କେମିତି କଟିବ ଏ ସପ୍ତାହ

**ମେଷ** ପେଟ ଓ ଗ୍ୟାସ ସମ୍ବନ୍ଧୀୟ ପୀଡା ରହିବ। ତିନିଟି ସ୍ଥାନରୁ ଧନ ଓ ଶୁଭ ସମାଚାର ପାଇବେ। କାର୍ଯ୍ୟକ୍ଷେତ୍ରରେ ଉନ୍ନତି ଯୋଗ ଅଛି। ଜୀବନସାଥୀଙ୍କର ସମ୍ପର୍କରେ ତିକ୍ତତା ଦେଖାଦେବ। ଗୃହରେ ଶାନ୍ତି ବଜାୟ ରହିବ। ବିଦେଶ ଭ୍ରମଣ ଯୋଗ ଅଛି।

**ବୃଷ** ପଶୁପକ୍ଷୀଭ୍କ ଠାରୁ ଦୂରରେ ରହନ୍ତୁ। ନିଜ ଲୋକଙ୍କ ଯୋଗୁ ଧନପ୍ରାପ୍ତି ଯୋଗ ଅଛି। ବ୍ୟୟ ବଢ଼ିବ। କାର୍ଯ୍ୟ କ୍ଷେତ୍ରରେ ସଫଳତା ପାଇଷବ। ଦମ୍ପତ୍ତି ମାନଙ୍କ ସହ ସମ୍ପର୍କରେ ବୃଦ୍ଧି ହେବ। ବାଣୀରେ ଲଗାମ ଦିଅନ୍ତୁ। ନୂତନ ଗାଡି କ୍ରୟ କରିପାରନ୍ତି।

**ମିଥୁନ** ଇଏନ୍ଟି ଓ ଚର୍ମ ରୋଗ ହୋଇପାରେ। ନିଜର ରାଗକୁ ନିୟନ୍ତ୍ରଣ ରଖନ୍ତୁ। ବାପା ଓ ମାଆଙ୍କ ଧନପ୍ରାପ୍ତି ବିଳମ୍ବିତ ହେବ। ନୂଆ ଚାକିରି ପାଇପାରନ୍ତି। ଦୂରଯାତ୍ରା ଯୋଗ ଅଛି। ପ୍ରେମୀଙ୍କ ସମ୍ପର୍କ ଦୃଢ଼ ହେବ।

**କର୍କଟ** ମାନସିକ କଷ୍ଟ ରହିବ। ବାପା ମାଆ ସ୍ୱାସ୍ଥ୍ୟ ବିଗିଡିପାରେ। ପ୍ରତିଷ୍ଠାରେ ବୃଦ୍ଧି ଓ ଧନପ୍ରାପ୍ତି ଯୋଗ ଅଛି। କାର୍ଯ୍ୟ କ୍ଷେତ୍ରରେ ନୂଆ କାମ ପାଇଷବ। ଜୀବନସାଥୀଙ୍କୁ ଉପହାର ଦିଅନ୍ତୁ। ଦୂରଯାତ୍ରା କରିପାରନ୍ତି।

**ସିଂହ** ସମ୍ମାନିତ ହୋଇପାରନ୍ତି। ଅନେକ ଦିଗରୁ ଧନପ୍ରାପ୍ତି ଯୋଗ ଅଛି। ଆୟ ତୁଳନାରେ ବ୍ୟୟ ହେବ। ଜୀବନସାଥୀଙ୍କ ଶରୀର ଅସୁସ୍ଥ ରହିବ। ପରିବାରରେ ଶାନ୍ତି ବଜାୟ ରହିବ। ବିଦେଶ ଭ୍ରମଣ ଯୋଗ ଅଛି।

**କନ୍ୟା** ସ୍ୱାସ୍ଥ୍ୟ ଭଲ ରହିବ। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। କୌଣସି ଘରୋଇ ଜିନିଷ ନଷ୍ଟ ହୋଇପାରେ। ଯାତ୍ରା ଯୋଗ ଅଛି। ଜୀବନସାଥୀ ସମ୍ମାନିତ ହେବେ। ପରିବାରେ ଶାନ୍ତି ବଜାୟ ରହିବ।

**ତୁଳା** ପୁରୁଣା ରୋଗରୁ ମୁକ୍ତି ମିଳିବ। ୨ଟି ଜାଗାରୁ ଧନପ୍ରାପ୍ତି ଯୋଗ ଅଛି। ପରିବାରରେ କଷ୍ଟ ଯୋଗ ଅଛି। କାର୍ଯ୍ୟକ୍ଷେତ୍ରରେ ସମ୍ମାନ ବଢ଼ିବ। ଦମ୍ପତ୍ତିମାନେ କୌଣସି ଧାର୍ମିକ କାର୍ଯ୍ୟରେ ଯୋଗ ଦେବେ।

**ବିଛା** ଚର୍ମରୋଗ ହୋଇପାରେ। ରୋକିଥିବା ଧନ ମିଳିବ। ନୂଆ କାମ ପାଇବେ। ଯାତ୍ରା ଯୋଗ ଅଛି। ଦମ୍ପତ୍ତିଙ୍କ ମଧ୍ୟରେ ମତାନ୍ତର ହୋଇପାରେ। ପରିବାରରେ ଶାନ୍ତି ବଜାୟ ରହିବ। ବିଦେଶ ଭ୍ରମଣର ଯୋଗ ଅଛି।

**ଧନୁ** ସ୍ୱାସ୍ଥ୍ୟ ଉତ୍ତମ ରହିବ। ପରିଶ୍ରମ ଅନୁସାରେ ଧନପ୍ରାପ୍ତି ଯୋଗ ଅଛି। ଭାଇଭଉଣୀଙ୍କ ସହ ବିବାଦ ହୋଇପାରେ। ନୂଆ କାର୍ଯ୍ୟ ମିଳିପାରେ। କାର୍ଯ୍ୟକ୍ଷେତ୍ରରେ ଜୀବନସାଥୀଙ୍କ ସମ୍ମାନ ବଢ଼ିବ।

**ମକର** ମନ ଅସ୍ଥିର ରହିବ। ଧାର୍ମିକ କାର୍ଯ୍ୟ ଯୋଗ ଅଛି। ମାତା ପିତାଙ୍କର ବିବାଦ ହୋଇପାରେ। ଘରୋଇ ଜିନିଷ କ୍ରୟ କରିବେ। କାମରେ ମନ ଅସନ୍ତୋଷ ରହିବ। ପ୍ରେମୀମାନେ ବଚସାରେ ଦୂରେଇ ପାରନ୍ତି।

**କୁମ୍ଭ** ଆଣ୍ଠୁଗଣ୍ଠି କଷ୍ଟ ହୋଇପାରେ। ଧନ ସ୍ଥିତ ଅତି ଉତ୍ତମ ଅଛି। କାର୍ଯ୍ୟରେ ସାମାନ୍ୟ ବିଳମ୍ବ ହେବ। ଜୀବନସାଥୀଙ୍କ ସହ ଦୂର ଯାତ୍ରା ଯୋଗ ଅଛି। ଗୃହରେ ଶାନ୍ତି ବଜାୟ ରହିବ। ଲାଗି ରହିଥିବା ବାଦ ବିବାଦର ସମାଧାନ ହେବ।

**ମୀନ** ସ୍ୱାସ୍ଥ୍ୟ ସାମାନ୍ୟ ରହିବ। କୌଣସି ମୂଲ୍ୟବାନ ବସ୍ତୁ ଚୋରୀ ହୋଇପାରେ। ପଦୋନ୍ନତି ହୋଇପାରେ। କାର୍ଯ୍ୟକ୍ଷେତ୍ରରେ ସହଯୋଗ ବଢ଼ିବ। ଦମ୍ପତ୍ତିମାନଙ୍କ ପାଇଁ ସମୟ ଅତି ଉତ୍ତମ। ଗୃହରେ ଶାନ୍ତି ବଜାୟ ରହିବ।

**ଅନ୍ନପୂର୍ଣ୍ଣା ଖୁଣ୍ଟିଆ**
ଜ୍ୟୋତିର୍ବିଦ୍
ଭୁବନେଶ୍ୱର

### ବିଏସଏନଏଲର କ୍ରମାଗତ ଅଭିବୃଦ୍ଧି ପାଇଁ ରୋଡମ୍ୟାପ୍ ପ୍ରସ୍ତୁତ

# ରାଜସ୍ୱ ବୃଦ୍ଧି ସହିତ ଶ୍ରେଷ୍ଠ ପ୍ରଦର୍ଶନକାରୀଙ୍କ ମଧ୍ୟରେ ସ୍ଥାନ ପାଇଛି ଓଡ଼ିଶା




**ନୂଆଦିଲ୍ଲୀ, (ପିଆଇବି) :** କେନ୍ଦ୍ର ଯୋଗାଯୋଗ ମନ୍ତ୍ରୀ, ଜ୍ୟୋତିରାଦିତ୍ୟ ଏମ. ସିନ୍ଧିଆ ନୂଆଦିଲ୍ଲୀରେ ଭାରତ ସଞ୍ଚାର ନିଗମ ଲିମିଟେଡ୍ (ବିଏସଏନଏଲ୍)ର ଦ୍ୱିତୀୟ ରଣନୈତିକ ସମୀକ୍ଷା ଏବଂ ଯୋଜନା ବୈଠକ (୨୦୨୫-୨୬)ର ଅଧ୍ୟକ୍ଷତା କରିଥିଲେ, ଯେଉଁଥିରେ ଦେଶର ସମସ୍ତ ୨୮ ଟି ସର୍କଲର ମୁଖ୍ୟ ମହାପ୍ରବନ୍ଧକ (ସିଜିଏମ୍) ଅଂଶଗ୍ରହଣ କରିଥିଲେ। ଚାରି ଘଣ୍ଟା ଧରି ଚାଲିଥିବା ଏହି ରଣନୈତିକ ସମୀକ୍ଷା ୨୦୨୪-୨୫ ଆର୍ଥିକ ବର୍ଷରେ ଏହାର ଐତିହାସିକ ଲଗାତାର ନେଟ୍ ତ୍ରୈମାସିକ ଲାଭ ପରେ ବିଏସଏନଏଲ୍ର ଲାଭଦାୟକତା ଗତିକୁ ବଜାୟ ରଖିବା ଏବଂ ୨୦୨୫-୨୬ ଆର୍ଥିକ ବର୍ଷର ପ୍ରଥମାର୍ଦ୍ଧ ପର୍ଯ୍ୟନ୍ତ ଦୃଢ଼ ପ୍ରଦର୍ଶନ ପଥ ବଜାୟ ରଖିବା ଉପରେ କେନ୍ଦ୍ରିତ ଥିଲା। ଶ୍ରୀ ସିନ୍ଧିଆ ତ୍ରୟମାସିକ ଲକ୍ଷ୍ୟ ବିରୁଦ୍ଧରେ ୯୩ ପ୍ରତିଶତ ରେଭିନ୍ୟୁ ରନ୍ ରେଟ୍ ହାସଲ କରିବା ପାଇଁ ନେତୃତ୍ୱ ଦଳକୁ ପ୍ରଶଂସା କରିଥିଲେ, ଯାହା ପ୍ରାୟ ୫,୩୪୭ କୋଟି ଟଙ୍କା ଆୟ କରିଛି, ଯାହା ମୋଟ ୧୧,୧୩୪ କୋଟି ଟଙ୍କାର ପ୍ରଥମ ଅର୍ଦ୍ଧବାର୍ଷିକରେ ରାଜସ୍ୱ ପ୍ରଦାନ କରିଛି। ସେ ଉଲ୍ଲେଖ କରିଥିଲେ ଯେ, ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ବିଏସଏନଏଲ୍ର ବାର୍ଷିକ ରାଜସ୍ୱ ଲକ୍ଷ୍ୟ ୨୭,୫୦୦ କୋଟି ଟଙ୍କା ରହିଛି, ଯାହା ପୂର୍ବ ବର୍ଷରେ ୨୫,୦୦୦ କୋଟି ଟଙ୍କା ଥିଲା। ଏହା ସଂଗଠନର ବର୍ଦ୍ଧିତ କାର୍ଯ୍ୟକ୍ଷମ ଏବଂ ବଜାର କାର୍ଯ୍ୟଦକ୍ଷତାର ପ୍ରମାଣ। ମନ୍ତ୍ରୀ ମନ୍ତବ୍ୟ ଦେଇଥିଲେ, 'ଜୀବନରେ ସବୁକିଛି କାର୍ଯ୍ୟକାରିତା-ଚାଳିତ ଏବଂ ଆମର ସିଜିଏମ୍ ମାନେ ବିଏସଏନଏଲର କାର୍ଯ୍ୟକାରିତା କଳାକାର। ଆପଣମାନେ ଆପଣଙ୍କ ସର୍କଲରେ ପରିବର୍ତ୍ତନର ମାନକ-ବାହକ।' ଶ୍ରୀ ସିନ୍ଧିଆ ସେବାର ଗୁଣବତ୍ତା (କ୍ୟୁଓଏସ) ଉପରେ ଦୈନନ୍ଦିନ ଧ୍ୟାନ ଦେବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ, ଏହାକୁ ସଂଗଠନ ପାଇଁ 'ଅଣ-ସାଲିସଯୋଗ୍ୟ ମନ୍ତ୍ର' ଭାବରେ ଆଲୋକପାତ କରିଥିଲେ। ସେ ସମସ୍ତ ସିଜିଏମ ଙ୍କୁ ପ୍ରତିଦିନ ହାରାହାରି ମରାମତି ସମୟ, ଅପଟାଇମ୍ ଏବଂ ଗ୍ରାହକ ସନ୍ତୋଷ ସୂଚକାଙ୍କ ଭଳି ମାପଦଣ୍ଡକୁ ନିକଟରୁ ଟ୍ରାକ୍ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେ ଆହୁରି ମଧ୍ୟ ସର୍କଲଗୁଡ଼ିକୁ ପ୍ରତିଯୋଗୀଙ୍କ ବିପକ୍ଷରେ ସେମାନଙ୍କର ବିଟିଏସ୍ ଏବଂ ଓଟିଏଲ୍ ଅପଟାଇମ୍ କାର୍ଯ୍ୟଦକ୍ଷତାକୁ ମାନଦଣ୍ଡ ଦେବାକୁ, ବ୍ୟବଧାନ ଚିହ୍ନଟ କରିବାକୁ ଏବଂ ଡିସେମ୍ବର ୨୦୨୫ ସୁଦ୍ଧା ସମସ୍ତ ସର୍କଲରେ ବ୍ୟାଟେରୀ ଏବଂ ମିଡିଆ ପ୍ରତିସ୍ଥାପନ ନିଶ୍ଚିତ କରିବାକୁ ଅନୁରୋଧ କରିଥିଲେ। ଶ୍ରୀ ସିନ୍ଧିଆ ମଧ୍ୟ ମୂଲ୍ୟ ଶୃଙ୍ଖଳା ପାଇଁ ଆହ୍ୱାନ କରିଥିଲେ। ଏହା ସ୍ପଷ୍ଟ କରି କହିଥିଲେ ଯେ କୌଣସି ସର୍କଲ ନକାରାତ୍ମକ ଏବିଟା ରିପୋର୍ଟ କରିବା ଉଚିତ୍ ନୁହେଁ। ବିଏସଏନଏଲର ବିବିଧତା ଲକ୍ଷ୍ୟ ସହିତ, ମନ୍ତ୍ରୀ ସର୍କଲଗୁଡ଼ିକୁ ନୂତନ ରାଜସ୍ୱ ସ୍ରୋତ ଅନୁସନ୍ଧାନ କରିବାକୁ ଉତ୍ସାହିତ କରିଥିଲେ। ସେ ନୂତନ ଉତ୍ପାଦ ଲାଇନ୍ ଏବଂ ଅଣଆବିଷ୍କୃତ ବଜାର କ୍ଷେତ୍ର ମାଧ୍ୟମରେ ନବସୃଜନର ଏକ ଉଦାହରଣ ଭାବରେ ଡାକ ବିଭାଗକୁ ଉଲ୍ଲେଖ କରିଥିଲେ। ଉଲ୍ଲେଖନୀୟ ଯେ, ଇଣ୍ଡିଆ ପୋଷ୍ଟ ୨୦୨୬ ପ୍ରାରମ୍ଭରେ ୬ ଟି ନୂତନ ଉତ୍ପାଦ ପ୍ରଚଳନ କରିବାକୁ ଯାଉଛି।

### ନିର୍ବାଚନୀ ଇସ୍ତାହାର ଘୋଷଣା କଲା ଏନଡିଏ

# କୋଟିଏ ଚାକିରି, କୋଟିଏ ଲକ୍ଷପତି ଦିଦି




**ପାଟନା :** ବିହାର ବିଧାନସଭା ନିର୍ବାଚନ ପାଇଁ ନିର୍ବାଚନୀ ଇସ୍ତାହାର ଘୋଷଣା କରିଛି ଏନଡିଏ। ପାଟନାର ହୋଟେଲ ମୌର୍ଯ୍ୟରେ 'ସଂକଳ୍ପ ପତ୍ର'ପ୍ରକାଶ କରିବା ବେଳେ ରାଷ୍ଟ୍ରୀୟ ସଭାପତି ଜେ.ପି ନଡ୍ଡା, ମୁଖ୍ୟମନ୍ତ୍ରୀ ନୀତିଶ କୁମାର, କେନ୍ଦ୍ରମନ୍ତ୍ରୀ ଜିତନ ରାମ ମାଞ୍ଝି, କେନ୍ଦ୍ରମନ୍ତ୍ରୀ ଚିରାଗ ପାସୱାନ, ବିହାର ନିର୍ବାଚନ ପ୍ରଭାରୀ ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଆରଏମଏଲ ମୁଖ୍ୟ ଉପେନ୍ଦ୍ର କୁଶୱାହା, ସମ୍ରାଟ ଚୌଧୁରୀ, ଦିଲୀପ ଜୟସୱାଲ, ସଞ୍ଜୟ ଝା, ଲଲନ ସିଂହ ପ୍ରମୁଖ ଉପସ୍ଥିତ ରହିଥିଲେ। ଏହା ପ୍ରଥମ ଥର ପାଇଁ ଏକ ମିଳିତ ଏନଡିଏ ଇସ୍ତାହାର ପ୍ରକାଶ ହୋଇଛି। ପୂର୍ବରୁ ଦଳ ଗୁଡିକ ପୃଥକ ଭାବରେ ସେମାନଙ୍କର ନିଜସ୍ୱ ଇସ୍ତାହାର ପ୍ରକାଶ କରିଥିଲେ। ଏନଡିଏର ପ୍ରଥମ ମିଳିତ ଇସ୍ତାହାରରେ ପ୍ରଥମ ଏବଂ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଘୋଷଣା ହେଉଛି ଯୁବପିଢିଙ୍କ ପାଇଁ ରହିଛି। ବିହାରରେ ଏନଡିଏ ସରକାର ଗଠନ ହେଲେ ଯୁବକମାନଙ୍କୁ ୧କୋଟି ଚାକିରି ଚାକିରି ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଛି। ଏହାସହିତ ୧କୋଟି ମହିଳାଙ୍କୁ ଲକ୍ଷପତି ଦିଦି କରାଯିବ। ଲକ୍ଷପତି ଯୋଜନାରେ ମହିଳାଙ୍କୁ ୨ଲକ୍ଷ ଲେଖାଏଁ ଦିଆଯିବ। ନିର୍ବାଚନ ଇସ୍ତାହାର ଘୋଷଣା ହେବା ପୂର୍ବରୁ ବିଜେପି ନେତା ଜେପିଏସ ରାଠୋର କହିଥିଲେ, ଏହା ବିହାରର ବିକାଶ ପାଇଁ ଏକ ଘୋଷଣାପତ୍ର, ଯାହା ମାଧ୍ୟମରେ ବିହାରର ବିକାଶର ନୂଆ କାହାଣୀ ଲେଖାଯିବ । ଆମର ଏନଡିଏ ସରକାର ସମସ୍ତ ପ୍ରତିଶ୍ରୁତି ପୂରଣର ଗ୍ୟାରେଣ୍ଟି ଦେବ। ପ୍ରଧାନମନ୍ତ୍ରୀ ମୋଦୀ ନିଜେ ଗ୍ୟାରେଣ୍ଟି ଦେବେ ଏବଂ ପ୍ରତିଶ୍ରୁତି ପୂରଣ କରିବେ। ଏଠାରେ ମହାଗଠବନ୍ଧନ ସରକାର ଗଠନ କରିବା ନାହିଁ କିମ୍ବା କୌଣସି ପ୍ରତିଶ୍ରୁତି ପାଳନ କରିବ ନାହିଁ।

### ଦିଲ୍ଲୀରେ କ୍ଲାଉଡ୍ ସିଡିଂ ବିଫଳ

# ୧ କୋଟିରୁ ଅଧିକ ଖର୍ଚ୍ଚ, ଫଳ ଶୂନ

**ନୂଆଦିଲ୍ଲୀ :** ଦିଲ୍ଲୀର ବାୟୁ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ କ୍ଲାଉଡ୍ ସିଡିଂ ପ୍ରୟୋଗ ବିଫଳ ହୋଇଛି। ଆଇଆଇଟି କାନପୁର ସହ ମିଶି ଦିଲ୍ଲୀ ସରକାର ଅକ୍ଟୋବର ୨୩ରେ ଗୋଟିଏ ଓ ୨୮ରେ ଦୁଇଟି ଟ୍ରାଏଲ୍ କରିଥିଲା, କିନ୍ତୁ ରାଜଧାନୀରେ କୌଣସି ଉଲ୍ଲେଖନୀୟ ବର୍ଷା ହୋଇନାହିଁ। ଶୀତ ଋତୁରେ ୫ ଟ୍ରାଏଲ୍ ପାଇଁ ୩.୨୧ କୋଟି ଟଙ୍କା ବଜେଟ୍ ରଖାଯାଇଥିଲା, କିନ୍ତୁ ମନ୍ତ୍ରୀ ମଞ୍ଜିନ୍ଦର ସିଂ ସିର୍ସା କହିଛନ୍ତି ଏହି ବଜେଟ୍ରୁ ୯ଟି ଟ୍ରାଏଲ୍ ହେବ। ଏପର୍ଯ୍ୟନ୍ତ ୩ ଟ୍ରାଏଲ୍ ରେ ୧.୦୭ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ଆଇଆଇଟି କାନପୁର ନିର୍ଦ୍ଦେଶକ ମନିନ୍ଦ୍ର ଅଗ୍ରୱାଲ କହିଛନ୍ତି, ୨୮ ତାରିଖର ଦୁଇ ଟ୍ରାଏଲ୍ (୩୦୦ ବର୍ଗ କି.ମି.)ର ଖର୍ଚ୍ଚ ୬୦ ଲକ୍ଷ ଟଙ୍କା, ଅର୍ଥାତ୍ ପ୍ରତି ବର୍ଗ କି.ମି. ୨୦,୦୦୦ ଟଙ୍କା। ସମ୍ପୂର୍ଣ୍ଣ ଶୀତ ଋତୁରେ କ୍ଲାଉଡ୍ ସିଡିଂ ପାଇଁ ୨୫-୩୦ କୋଟି ଟଙ୍କା ଲାଗିପାରେ। ଖର୍ଚ୍ଚ ବେଶୀ ହେବାର କାରଣ ବିମାନ ରକ୍ଷଣାବେକ୍ଷଣ, ପାଇଲଟ୍ ଫିସ୍ ଓ କାନପୁର-ଦିଲ୍ଲୀ (୪୦୦ କି.ମି.) ଯାତ୍ରାର ଇନ୍ଧନ। ଦିଲ୍ଲୀରୁ ବିମାନ ଚଳାଇଲେ ଖର୍ଚ୍ଚ କମିବ ବୋଲି ସେ କହିଛନ୍ତି। ବିମାନ ମୋଡିଫିକେସନ୍, ଲଜିଷ୍ଟିକ୍ସ, ଫ୍ଲେୟାର୍ ଫ୍ଲାକ୍ (ସିଲଭର ଆୟୋଡାଇଡ୍ ମିଶ୍ରଣ), ସିସିଏନ୍, ମାଇକ୍ରୋୱେଭ୍ ରେଡିଓମିଟର୍ ଆଦି ଯନ୍ତ୍ରପାତିରେ ୫.୩୦ କୋଟି ଟଙ୍କା। ଭାରତରେ କ୍ଲାଉଡ୍ ସିଡିଂ ପାଇଁ ପ୍ରସ୍ତୁତ ବିମାନ ନାହିଁ। ପ୍ରଦୂଷଣ ନିୟନ୍ତ୍ରଣରେ କ୍ଲାଉଡ୍ ସିଡିଂର ସଫଳତା ହାର କମ୍। କୃତ୍ରିମ ଓ ସ୍ୱାଭାବିକ ବର୍ଷା ପାର୍ଥକ୍ୟ କରିବା କଷ୍ଟକର। ଦିଲ୍ଲୀରେ ବିଫଳତାର କାରଣ ମେଘରେ ଆର୍ଦ୍ରତା ୧୦-୧୫% (ଆବଶ୍ୟକ ୫୦-୬୦%)। ଶୀତରେ ମେଘ ଦୁର୍ଲଭତା। ପଶ୍ଚିମୀ ବିକ୍ଷୋଭ ବିନା ବର୍ଷା କମ୍। ଦିଲ୍ଲୀର ପ୍ରଥମ ଟ୍ରାଏଲ୍ ୧୯୫୭ରେ ଖରା ନିୟନ୍ତ୍ରଣ ପାଇଁ ଥିଲା। ଆନ୍ଧ୍ରପ୍ରଦେଶ ୨୦୦୪-୨୦୦୯ରେ ଖରା ପାଇଁ ୧୧୯ କୋଟି ଖର୍ଚ୍ଚ କରି ଅସଫଳ ହୋଇଥିଲା।



### ହୁ'ର ଭୟଙ୍କର ରିପୋର୍ଟ

# ପ୍ରଦୂଷଣ ଯୋଗୁଁ ଭାରତରେ ୧୭ ଲକ୍ଷ ଲୋକ ମୃତ

**ନୂଆଦିଲ୍ଲୀ :** ହୁ' ସହଯୋଗରେ ପ୍ରସ୍ତୁତ 'ଦ ଲାନସେଟ୍ କାଉଣ୍ଟଡାଉନ୍ ରିପୋର୍ଟ' ଅନୁଯାୟୀ, ବାୟୁ ପ୍ରଦୂଷଣ ଏକ ବଡ଼ ସ୍ୱାସ୍ଥ୍ୟ ସଙ୍କଟରେ ପରିଣତ ହୋଇଛି, ଯାହା ଭାରତରେ ମୃତ୍ୟୁର ଏକ ପ୍ରମୁଖ କାରଣ। ନିକଟରେ ପ୍ରକାଶିତ ଏହି ରିପୋର୍ଟ ଅନୁଯାୟୀ, ୨୦୨୨ ମସିହାରେ ଭାରତରେ କେବଳ ପିଏମ୍ ୨.୫ ଭଳି କ୍ଷୁଦ୍ର କଣିକା ପ୍ରଦୂଷକର ସଂସ୍ପର୍ଶରେ ଆସି ୧୭ ଲକ୍ଷରୁ ଅଧିକ ଲୋକ ପ୍ରାଣ ହରାଇଛନ୍ତି। ପିଏମ୍ ୨.୫ କଣିକାଗୁଡ଼ିକ ଫୁସ୍‌ଫୁସ୍‌ର ଗଭୀରତାକୁ ଯାଇ ଗୁରୁତର ରୋଗ ସୃଷ୍ଟି କରିଥାଏ। ମାନବ ସୃଷ୍ଟି ବାୟୁ ପ୍ରଦୂଷଣ ହେତୁ ୨୦୨୨ରେ ଭାରତରେ ମୋଟ ୧,୭୧୮,୦୦୦ (୧୭ ଲକ୍ଷ ୧୮ ହଜାର) ରୁ ଅଧିକ ମୃତ୍ୟୁ ଘଟିଛି। ଏହି ସଂଖ୍ୟା ୨୦୧୦ ତୁଳନାରେ ୩୮ ପ୍ରତିଶତ ଅଧିକ, ଯାହା ଗତ ୧୨ ବର୍ଷ ମଧ୍ୟରେ ବାୟୁ ପ୍ରଦୂଷଣର ବଢୁଥିବା ସ୍ତରକୁ ଦର୍ଶାଉଛି। ଏହି ମୃତ୍ୟୁ ମଧ୍ୟରୁ ପ୍ରାୟ ୪୪ ପ୍ରତିଶତ କୋଇଲା ଏବଂ ତରଳ ଗ୍ୟାସ୍ ବ୍ୟବହାର ଯୋଗୁଁ ହୋଇଛି। କୋଇଲା ବ୍ୟବହାର ଯୋଗୁଁ ଏକାକୀ ୩,୯୪,୦୦୦ ମୃତ୍ୟୁ ଘଟିଛି, ଯେଉଁଥିରୁ ୨,୯୮,୦୦୦ ମୃତ୍ୟୁ କେବଳ ପାୱାର ପ୍ଲାଣ୍ଟରେ କୋଇଲା ବ୍ୟବହାର ଯୋଗୁଁ ହୋଇଛି। ସଡ଼କ ପରିବହନରେ ପେଟ୍ରୋଲ୍ ବ୍ୟବହାର ଯୋଗୁଁ ୨,୬୯,୦୦୦ ମୃତ୍ୟୁ ଘଟିଛି। ରିପୋର୍ଟରେ ବାୟୁ ପ୍ରଦୂଷଣ ଏବଂ ଜଳବାୟୁ ପରିବର୍ତ୍ତନର ଗମ୍ଭୀର ପ୍ରଭାବ ଉପରେ ଚେତାବନୀ ଦିଆଯାଇଛି। ତାପ ପ୍ରବାହ ୨୦୨୪ରେ ଜଣେ ଭାରତୀୟଙ୍କୁ ହାରାହାରି ପ୍ରାୟ ୨୦ ଦିନ ପର୍ଯ୍ୟନ୍ତ ଲୁ' ବା ତାପ ପ୍ରବାହର ସାମନା କରିବାକୁ ପଡ଼ିବ, ଯାହାର ଏକ ତୃତୀୟାଂଶ ସିଧାସଳଖ ଜଳବାୟୁ ପରିବର୍ତ୍ତନ ଯୋଗୁଁ ହେବ। ୨୦୨୨ ରେ, ବାୟୁ ପ୍ରଦୂଷଣ ଯୋଗୁଁ ଅକାଳ ମୃତ୍ୟୁର ଆର୍ଥିକ ମୂଲ୍ୟ ପ୍ରାୟ ୩୩୯.୪ ବିଲିୟନ ଡଲାର (ପ୍ରାୟ ୨୮ ଲକ୍ଷ କୋଟି) ଥିଲା, ଯାହା ଭାରତର ଜିଡିପିର ୯.୫ ପ୍ରତିଶତ ସହ ସମାନ। କୋଲକାତାର ପଲ୍ମୋନୋଲୋଜିଷ୍ଟ ଅରୁପ ହଲଧରଙ୍କ ମତରେ, ୨୦୨୨ରେ ବାୟୁ ପ୍ରଦୂଷଣ ହେତୁ ହୋଇଥିବା ମୃତ୍ୟୁ ସଂଖ୍ୟା ସେହି ବର୍ଷ କୋଭିଡ୍-୧୯ ଯୋଗୁଁ ହୋଇଥିବା ମୃତ୍ୟୁ ସଂଖ୍ୟାର ତିନି ଗୁଣ ଅଧିକ ଥିଲା।



# 'ଭାରତକୁ ଆଖିଠାର ମାରିଲେ, ଭାରତ ଆକ୍ରମଣ କରିବ'

**ନୂଆଦିଲ୍ଲୀ :** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜାତୀୟ ଏକତା ଦିବସରେ କଂଗ୍ରେସ ଦଳକୁ ଜୋରଦାର ଟାର୍ଗେଟ୍ କରିଛନ୍ତି। କଂଗ୍ରେସ ଏକ ପୃଥକ ସମ୍ବିଧାନ ସୃଷ୍ଟି କରି କଶ୍ମୀରକୁ ଦେଶରୁ ପୃଥକ କରିଛି ବୋଲି ମୋଦି ଅଭିଯୋଗ ଆଣିଛନ୍ତି। ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି, କଶ୍ମୀର ଧାରା ୩୭୦ର ଶିକୁଳି ଭାଙ୍ଗି ମୁଖ୍ୟଧାରାରେ ସାମିଲ ହୋଇଛି। ସମଗ୍ର ବିଶ୍ୱ ଅପରେଶନ ସିନ୍ଦୂରରେ ଦେଖିଛି ଯେ, ଯଦି କେହି ଆଜି ଭାରତକୁ ଆଖିଠାର ମାରିବାକୁ ସାହସ କରେ, ତେବେ ଭାରତ ସେମାନଙ୍କ ଉପରେ ଆକ୍ରମଣ କରିବ। ଭାରତର ପ୍ରତିକ୍ରିୟା ସର୍ବଦା ଅଧିକ ଶକ୍ତିଶାଳୀ ଏବଂ ନିର୍ଣ୍ଣାୟକ। ଏହା ଭାରତର ଶତ୍ରୁମାନଙ୍କ ପାଇଁ ଏକ ବାର୍ତ୍ତା। ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି, ପ୍ରତ୍ୟେକ ନାଗରିକଙ୍କୁ ଦେଶର ଏକତାକୁ ଦୁର୍ବଳ କରୁଥିବା ଯେକୌଣସି ଜିନିଷଠାରୁ ଦୂରେଇ ରହିବା ଉଚିତ। ଏହା ଏକ ଜାତୀୟ କର୍ତ୍ତବ୍ୟ, ସର୍ଦ୍ଦାର ସାହେବଙ୍କ ପ୍ରତି ଏକ ପ୍ରକୃତ ଶ୍ରଦ୍ଧାଞ୍ଜଳି। ଆଜି ଦେଶକୁ ଏହା ଆବଶ୍ୟକ। ଏହା ଏକତା ଦିବସରେ ପ୍ରତ୍ୟେକ ଭାରତୀୟଙ୍କ ପାଇଁ ବାର୍ତ୍ତା ଏବଂ ସଂକଳ୍ପ ଉଭୟ। ପ୍ରଧାନମନ୍ତ୍ରୀ ମୋଦି ଆହୁରି ମଧ୍ୟ କହିଛନ୍ତି, ସର୍ଦ୍ଦାର ସାହେବ ଦେଶର ସାର୍ବଭୌମତ୍ୱକୁ ସର୍ବୋପରି ସ୍ଥାନ ଦେଇଥିଲେ। ଦୁର୍ଭାଗ୍ୟବଶତଃ, ତାଙ୍କ ମୃତ୍ୟୁ ପରେ ବର୍ଷ ଗୁଡ଼ିକରେ, ସେତେବେଳର ସରକାରମାନେ ଦେଶର ସାର୍ବଭୌମତ୍ୱ ପ୍ରତି ସମାନ ଗମ୍ଭୀରତାର ଅଭାବ ରଖିଥିଲେ। କଶ୍ମୀରରେ ହୋଇଥିବା ଭୁଲ, ଉତ୍ତର-ପୂର୍ବରେ ସୃଷ୍ଟି ହୋଇଥିବା ସମସ୍ୟା ଏବଂ ଦେଶସାରା ନକ୍ସଲବାଦୀ ଏବଂ ମାଓବାଦୀ ଆତଙ୍କବାଦର ପ୍ରସାର ଦେଶର ସାର୍ବଭୌମତ୍ୱ ପ୍ରତି ସିଧାସଳଖ ଚ୍ୟାଲେଞ୍ଜ ଥିଲା। ସର୍ଦ୍ଦାର ସାହେବଙ୍କ ନୀତି ଅନୁସରଣ କରିବା ପରିବର୍ତ୍ତେ, ସେତେବେଳର ସରକାରମାନେ ଏକ ମେରୁଦଣ୍ଡହୀନ ଆଭିମୁଖ୍ୟ ବାଛିଥିଲେ। ଦେଶ ହିଂସା ଏବଂ ରକ୍ତପାତ ରୂପରେ ପରିଣାମ ଭୋଗ କରିଥିଲା। ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି, ପ୍ରତ୍ୟେକ ନାଗରିକଙ୍କୁ ଦେଶର ଏକତାକୁ ଦୁର୍ବଳ କରୁଥିବା ଯେକୌଣସି ଜିନିଷଠାରୁ ଦୂରେଇ ରହିବା ଉଚିତ। ଏହା ଏକ ଜାତୀୟ କର୍ତ୍ତବ୍ୟ, ସର୍ଦ୍ଦାର ସାହେବଙ୍କ ପ୍ରତି ଏକ ପ୍ରକୃତ ଶ୍ରଦ୍ଧାଞ୍ଜଳି। ଆଜି ଦେଶକୁ ଏହା ଆବଶ୍ୟକ। ଏହା ପ୍ରତ୍ୟେକ ଭାରତୀୟଙ୍କ ପାଇଁ ଏକତା ଦିବସର ବାର୍ତ୍ତା ଏବଂ ସଂକଳ୍ପ ଉଭୟ।

# ସବୁ ସ୍କୁଲରେ ତୃତୀୟ ଶ୍ରେଣୀରୁ ପ୍ରଚଳନ ହେବ ଏଆଇ ପାଠ୍ୟକ୍ରମ

**ନୂଆଦିଲ୍ଲୀ, (ପିଆଇବି):** କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ଅନ୍ତର୍ଗତ ବିଦ୍ୟାଳୟ ଶିକ୍ଷା ଏବଂ ସାକ୍ଷରତା ବିଭାଗ କୃତ୍ରିମ ବୁଦ୍ଧିମତା ବା ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ) ଏବଂ କମ୍ପ୍ୟୁଟେସନାଲ୍ ଥିଙ୍କିଙ୍ଗକୁ ଭବିଷ୍ୟତ ଶିକ୍ଷାର ଅତ୍ୟାବଶ୍ୟକ ଉପାଦାନ ଭାବରେ ଆଗକୁ ବଢାଇବା ପାଇଁ ନିଜର ପ୍ରତିବଦ୍ଧତାକୁ ଦୋହରାଇଛି। ଏହି କ୍ରମରେ ଦେଶର ସବୁ ବିଦ୍ୟାଳୟରେ ତୃତୀୟ ଶ୍ରେଣୀରୁ ଏଆଇ ଶିକ୍ଷା ପାଠ୍ୟକ୍ରମର ଶୁଭାରମ୍ଭ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏହି ବିଭାଗ, ପରାମର୍ଶ ପ୍ରକ୍ରିୟା ମାଧ୍ୟମରେ ବିଦ୍ୟାଳୟ ଶିକ୍ଷା ପାଇଁ ଜାତୀୟ ପାଠ୍ୟକ୍ରମ ଢାଞ୍ଚା (ଏନସିଏଫଏସଇ) ୨୦୨୩ର ବ୍ୟାପକ ପରିସର ମଧ୍ୟରେ ଏକ ଅର୍ଥପୂର୍ଣ୍ଣ ଏବଂ ସମାବେଶୀ ପାଠ୍ୟକ୍ରମ ପ୍ରସ୍ତୁତ କରିବାରେ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ତଥା ସିବିଏସଇ, ଏନସିଇଆରଟି, କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ ଏବଂ ନବୋଦୟ ବିଦ୍ୟାଳୟ ସଂଗଠନ ଭଳି ଅନୁଷ୍ଠାନଗୁଡ଼ିକୁ ସହାୟତା କରୁଛି। ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଏବଂ କମ୍ପ୍ୟୁଟେସନାଲ୍ ଥିଙ୍କିଙ୍ଗ ଶିଖିବା, ଚିନ୍ତା କରିବା ଏବଂ ଶିଖାଇବାର ଅବଧାରଣାକୁ ସୁଦୃଢ଼ କରିବ। ଏହା ସାର୍ବଜନୀନ ହିତ ପାଇଁ ଏଆଇର ପ୍ରଚଳନକୁ ବିସ୍ତାର କରିବ। ଏହି ପ୍ରୟାସ ଜଟିଳ ଆହ୍ୱାନକୁ ସମାଧାନ କରିବା ଲାଗି ଏଆଇର ନୈତିକ ଉପଯୋଗ ଦିଗରେ ଏକ ନୂତନ କିନ୍ତୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ତୃତୀୟ ଶ୍ରେଣୀରୁ ଏହି ବୈଷୟିକ ଶିକ୍ଷା ଆରମ୍ଭ ହେବା ଫଳରେ ମୌଳିକ ସ୍ତରରେ ଏହାକୁ ସାମିଲ କରାଯାଇପାରିବ। ଏ ପ୍ରସଙ୍ଗରେ ଅକ୍ଟୋବର ୨୯ ତାରିଖରେ ଏକ ଅଂଶୀଦାର ବିଚାରବିମର୍ଶ ବୈଠକ ଅନୁଷ୍ଠିତ ହୋଇଯାଇଛି । ସିବିଏସଇ, ଏନସିଇଆରଟି, କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ ଏବଂ ନବୋଦୟ ବିଦ୍ୟାଳୟ ସଂଗଠନ ସମେତ ବାହ୍ୟ ବିଶେଷଜ୍ଞ ଏବଂ ଅନ୍ୟ ଅଂଶୀଦାରମାନେ ଏହି ବୈଠକରେ ଯୋଗ ଦେଇଥିଲେ। ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଏବଂ କମ୍ପ୍ୟୁଟେସନାଲ୍ ଥିଙ୍କିଙ୍ଗ ପାଠ୍ୟକ୍ରମ ବିକଶିତ କରିବା ଲାଗି ଆଇଆଇଟି ମାଡ୍ରାସର ପ୍ରଫେସର କାର୍ତ୍ତିକ ରମଣଙ୍କ ଅଧ୍ୟକ୍ଷତାରେ ଏକ ବିଶେଷଜ୍ଞ ସମିତି ଗଠନ କରାଯାଇଛି। ସ୍କୁଲ ଶିକ୍ଷା ସଚିବ ସଞ୍ଜୟ କୁମାର କହିଛନ୍ତି, କୃତ୍ରିମ ବୁଦ୍ଧିମତ୍ତା ଶିକ୍ଷାକୁ ଆମ ଚାରିପାଖର ଦୁନିଆ ସହ ଜଡିତ ଏକ ମୌଳିକ ସାର୍ବଜନୀନ ଦକ୍ଷତା ଭାବରେ ବିବେଚନା କରାଯିବା ଉଚିତ। ସେ ଆହୁରି ଆଲୋକପାତ କରିଥିଲେ ଯେ ନିଷ୍ଠାର ଶିକ୍ଷକ ତାଲିମ ମଡ୍ୟୁଲ୍ ଏବଂ ଭିଡିଓ-ଆଧାରିତ ଶିକ୍ଷା ସମ୍ବଳ ସମେତ ଶିକ୍ଷକ ତାଲିମ ଏବଂ ଶିକ୍ଷା-ଶିକ୍ଷଣ ସାମଗ୍ରୀ ପାଠ୍ୟକ୍ରମ କାର୍ଯ୍ୟକାରିତାର ଆଧାର ହେବ। ସୂଚନା ଏବଂ ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟର ଯୁଗ୍ମ ସଚିବ ପ୍ରାଚୀ ପାଣ୍ଡେ ପାଠ୍ୟକ୍ରମର ବିକାଶ ଏବଂ କାର୍ଯ୍ୟକାରିତା ଲାଗି ନିର୍ଦ୍ଧାରିତ ସମୟସୀମା ଅନୁସରଣ କରିବାକୁ ପରାମର୍ଶ ଦେଇଥିଲେ। ନିଷ୍ପତ୍ତି ଅନୁଯାୟୀ ୨୦୨୬-୨୭ ଶିକ୍ଷା ବର୍ଷ ଠାରୁ ଜାତୀୟ ଶିକ୍ଷା ନୀତି ୨୦୨୦ ଅନୁରୂପ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଏବଂ କମ୍ପ୍ୟୁଟେସନାଲ୍ ଥିଙ୍କିଙ୍ଗ ପାଠ୍ୟକ୍ରମର ଶୁଭାରମ୍ଭ କରାଯିବ। ଏଥିପାଇଁ ଚଳିତ ବର୍ଷ ଡିସେମ୍ବର ସୁଦ୍ଧା ସମ୍ବଳ ସାମଗ୍ରୀ, ହ୍ୟାଣ୍ଡବୁକ, ଡିଜିଟାଲ ସମ୍ବଳ ବିକଶିତ କରାଯିବ।





## ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

# ଅଜା-ଆଇଙ୍କୁ ଶିଶୁର ଜିମା

**କଟକ :** ମା'ଙ୍କୁ ହରାଇଥିବା ଶିଶୁର ଜିମା ଅଜା-ଆଇଙ୍କୁ ପ୍ରଦାନ ସପକ୍ଷରେ ହାଇକୋର୍ଟ ରାୟ ଦେଇଛନ୍ତି। ସାବାଳକ ହେବା ପର୍ଯ୍ୟନ୍ତ ଶିଶୁର ଜିମା ମାମୁଁଘର ଅଜା-ଆଇଙ୍କୁ ପ୍ରଦାନ କରି ପରିବାର ଅଦାଲତ ଦେଇଥିବା ନିର୍ଦ୍ଦେଶ ବିରୋଧରେ ବାପା ଦାୟର କରିଥିବା ଆବେଦନକୁ ହାଇକୋର୍ଟ ଖାରଜ କରିଛନ୍ତି। ଜଷ୍ଟିସ ଗୌରୀଶଙ୍କର ଶତପଥୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଝାରସୁଗୁଡ଼ା ପରିବାର ଅଦାଲତଙ୍କ ରାୟ ବିରୋଧରେ ଶିଶୁର ବାପାଙ୍କ ତରଫରୁ ଦାୟର ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ପ୍ରକାଶିତ ରାୟରେ ଉଲ୍ଲେଖ କରାଯାଇଛି ଯେ ଜିମା ସଂପର୍କିତ ବିବାଦର ଶୁଣାଣି ବେଳେ ଶିଶୁର କଲ୍ୟାଣ ପ୍ରସଂଗକୁ ସର୍ବାଗ୍ରେ ବିଚାରକୁ ନିଆଯିବ। ଏହି ମାମଲାରେ ଜନ୍ମରୁ ୧୧ ବର୍ଷ ପର୍ଯ୍ୟନ୍ତ ଶିଶୁ ଅଜା-ଆଇ ଓ ମାମୁଁଙ୍କ ପାଖରେ ରହିଥିଲା। ଏହି ଅବଧି ଭିତରେ କେବଳ ମାତ୍ର ତିନି ମାସ ବାପାଙ୍କ ପାଖରେ ଶିଶୁ ରହିଥିବା ଶୁଣାଣି ବେଳେ ସ୍ପଷ୍ଟ ହୋଇଥିଲା। ପରିବାର ଅଦାଲତରେ ଶୁଣାଣି ବେଳେ ଅଜା-ଆଇଙ୍କ ପାଖରେ ରହିବା ତାର ପସନ୍ଦ ବୋଲି ଶିଶୁଟି ପ୍ରକାଶ କରିଥିଲା। ଏଭଳି ସ୍ଥିତିରେ ଶିଶୁର କଲ୍ୟାଣକୁ ଦୃଷ୍ଟିରେ ରଖି ୧୧ ବର୍ଷ ବୟସ ପୂରଣ କରି ସାରିଥିବା ଶିଶୁର ଜିମା ଅଜା-ଆଇ ଓ ମାମୁଁଙ୍କ ସହିତ ରହିବା ସହିତ ବାପାଙ୍କୁ ସାକ୍ଷାତ ପାଇଁ ଅଧିକାର ଦିଆଯିବା ଉଚିତ। ନ୍ୟପକ୍ଷରେ ବାପାଙ୍କୁ ପୁଅ ଠାରୁ ଅଲଗା କରିବା ନ୍ୟାୟାଳୟର କେବେ ଉଦ୍ଦେଶ୍ୟ ନୁହେଁ। ଶିଶୁ ବାପାଙ୍କ ଭଲପାଇବା, ସ୍ନେହ ଓ ଯତ୍ନର ହକଦାର ହୋଇଥିବା ବେଳେ ଏଥିରୁ ତାକୁ ବଞ୍ଚିତ କରାଯିବା ଉଚିତ ନୁହେଁ। ସାବାଳକ ହେବା ପୂର୍ବରୁ



ସମୟର ପ୍ରବାହ ସହିତ ପିତା-ପୁତ୍ରଙ୍କ ମଧ୍ୟରେ ଥିବା ଅନ୍ତର ଦୂର ହେବ ବୋଲି ହାଇକୋର୍ଟ ଆଶା ପ୍ରକାଶ କରିଛନ୍ତି। ପିତାଙ୍କ ସହିତ ମୂଲ୍ୟଯୁକ୍ତ ଭାବନାତ୍ମକ ସଂପର୍କ ବିକଶିତ କରିବା ପାଇଁ ଶିଶୁକୁ ସୁଯୋଗ ଦିଆଯିବା ଉଚିତ। ଏଥି ପାଇଁ ବାପାଙ୍କୁ ସାକ୍ଷାତ କରିବାକୁ ବା ତାଙ୍କ ସହିତ ୭ରୁ ୧୫ ଦିନ ରହିବାକୁ ଶିଶୁକୁ ଅନୁମତି ଦିଆଯିବା ଆବଶ୍ୟକ। ଏହି କାରଣରୁ ଶିଶୁକୁ ସାକ୍ଷାତ କରିବାକୁ ବାପାଙ୍କୁ ପରିବାର ଅଦାଲତ ଅନୁମତି ଦେଇଥିଲେ। ଏଭଳି ସାକ୍ଷାତ ଅନୁମତି ସହିତ ବାପାଙ୍କୁ ଅବକାଶ ସମୟରେ ପୁଅକୁ ସାଙ୍ଗରେ ବାହାରକୁ ନେବାକୁ ହାଇକୋର୍ଟ ଅନୁମତି ଦେଇଛନ୍ତି। ପିଲାର ସୁବିଧା ଓ ଇଚ୍ଛାକୁ ବିଚାରକୁ ନେଇ ତଥା ପ୍ରାକ୍ ସୂଚନା ଦେଇ ଏପରି କାର୍ଯ୍ୟକ୍ରମ ସ୍ଥିର କରାଯିବ। ଏ ନେଇ ଅଜା-ଆଇଙ୍କୁ ପୂର୍ବରୁ ସୂଚନା ଦିଆଯିବ। ଅଜା-ଆଇ ମଧ୍ୟ ଶିଶୁ ସହିତ ସାଙ୍ଗରେ ଯାଇ ପାରିବେ ଓ ସମସ୍ତ ଖର୍ଚ୍ଚ ବାପା ବହନ କରିବେ ବୋଲି ହାଇକୋର୍ଟ କହିଛନ୍ତି। ମାମଲାର ବିବରଣୀରୁ ପ୍ରକାଶ ଯେ ଆବେଦନକାରୀଙ୍କ ବିବାହ ୨୦୧୩ରେ ହୋଇଥିବା ବେଳେ ପତ୍ନୀ ୨୦୧୪ରେ ଶିଶୁପୁତ୍ରକୁ ଜନ୍ମ ଦେଇଥିଲେ। ପିଲା ଜନ୍ମର ଦୁଇ ସପ୍ତାହ ଭିତରେ ପତ୍ନୀଙ୍କ ମୃତ୍ୟୁ ହୋଇଥିଲା। ଅଜା-ଆଇ, ମାମୁଁ ଶିଶୁକୁ ନିଜ ପାଖରେ ରଖିବା ସହିତ ଆବେଦନକାରୀଙ୍କ ବିରୋଧରେ ପତ୍ନୀଙ୍କୁ ଯୌତୁକ ନିର୍ଯାତନା ଓ ହତ୍ୟା ନେଇ ଅଭିଯୋଗ କରିଥିଲେ। ଏହାପରେ ଆପୋଷରେ ବିବାଦର ସମାଧାନ ହୋଇଥିବା କୁହାଯାଇଥିଲା। କିଛି ଦିନ ଶିଶୁ ବାପା ପାଖରେ ରହିଥିଲା। ଏହାପରେ ଶିଶୁକୁ ଅଜା-ଆଇ ଓ ମାମୁଁ ପୁଣି ପାଖକୁ ନେଇ ଆସିଥିଲେ। ଶିଶୁର ଜିମା ପାଇଁ ବାପା ପରିବାର ଅଦାଲତରେ ମାମଲା ଦାୟର କରିଥିଲେ। ଶିଶୁର ଜିମା ଅଜା-ଆଇ ଓ ମାମୁଁଙ୍କ ପାଖରେ ରହିବ ବୋଲି ପରିବାର ଅଦାଲତ ରାୟ ଦେଇଥିଲେ। ଶିଶୁକୁ ସାକ୍ଷାତ କରିବା ପାଇଁ ବାପାଙ୍କୁ ପରିବାର ଅଦାଲତ ଅନୁମତି ଦେଇଥିଲେ। ୨୦୨୪, ଅଗଷ୍ଟ ୩୧ର ଏହି ନିର୍ଦ୍ଦେଶକୁ ଚାଲେଞ୍ଜ କରି ବାପା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

## ଜଳ ସମ୍ପଦ ବିଭାଗକୁ ଆହୁରି ସୁଦକ୍ଷ ଓ ସ୍ମାର୍ଟ କରାଯିବ : ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର :** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜୀବ ଭବନସ୍ଥିତ ଜଳ ସମ୍ପଦ ବିଭାଗ ପରିଦର୍ଶନ କରି ବିଭାଗର ସବିସ୍ତୃତ କାର୍ଯ୍ୟାବଳୀ ସମ୍ପର୍କରେ ପଚାରି ବୁଝିଛନ୍ତି। ମୁଖ୍ୟମନ୍ତ୍ରୀ ଜଳ ସମ୍ପଦ ବିଭାଗରେ ପହଞ୍ଚି ପ୍ରଥମେ ଅଷ୍ଟମ ମହଲାସ୍ଥିତ ରାଜ୍ୟ ଜଳ ବିଜ୍ଞାନ ତଥ୍ୟ କେନ୍ଦ୍ର ଯାଇ ସେଠାରେ ରାଜ୍ୟରେ ବିଭିନ୍ନ ଜଳ ଭଣ୍ଡାର ଓ ନଦୀ ଗୁଡିକରେ ଜଳ ସ୍ଥିତି ଅନୁଧ୍ୟାନ କରିବା ସହିତ ଏହାର କାର୍ଯ୍ୟ ପ୍ରଣାଳୀ ସମ୍ପର୍କରେ ବୁଝିଥିଲେ। ସୂଚନାଯୋଗ୍ୟ ଯେ, ରାଜ୍ୟ ଜଳ ବିଜ୍ଞାନ ତଥ୍ୟ କେନ୍ଦ୍ରର ତଥ୍ୟ ଅନୁଯାୟୀ ରିଅଲ ଟିମ୍ ଭିତ୍ତିରେ ରାଜ୍ୟରେ ଜଳ ପରିଚାଳନା କରାଯାଇଥାଏ। ଏହା ପରେ ମୁଖ୍ୟମନ୍ତ୍ରୀ ବିଭିନ୍ନ ଉପବିଭାଗ ପରିଦର୍ଶନ କରି ବିଭାଗୀୟ ଅଧିକାରୀ, ଯନ୍ତ୍ରୀ ଓ କର୍ମଚାରୀମାନଙ୍କ ସହିତ ଆଲୋଚନା କରିଥିଲେ। ମୁଖ୍ୟମନ୍ତ୍ରୀ ସେମାନଙ୍କ କାର୍ଯ୍ୟରେ ସନ୍ତୋଷ ବ୍ୟକ୍ତ କରିଥିଲେ ଏବଂ କହିଥିଲେ ଯେ, ରାଜ୍ୟ ସରକାରଙ୍କ ଲକ୍ଷ୍ୟ ପୂରଣ ପାଇଁ ଆପଣମାନେ ଆହୁରି ପ୍ରତିବଦ୍ଧତାର ସହ କାମ କରନ୍ତୁ। ପରିଦର୍ଶନ ପରେ ଗଣମାଧ୍ୟମକୁ ବିବୃତ୍ତି ରଖି, ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ୨୦୨୯-୩୦ ସୁଦ୍ଧା ରାଜ୍ୟରେ ୧୫ ଲକ୍ଷ ହେକ୍ଟର ଚାଷ ଜମିକୁ ଜଳସେଚନ କରାଯିବାର ଲକ୍ଷ୍ୟ ରଖାଯାଇଛି। ଏଥି ସହିତ କେନାଲର ଶେଷ ମୁଣ୍ଡ ପର୍ଯ୍ୟନ୍ତ ଜଳ ପହଞ୍ଚାଇବାକୁ ଆମେ ସୁନିଶ୍ଚିତ କରୁଛୁ। ଏହାକୁ ଦୃଷ୍ଟିରେ ରଖି ବିଭାଗକୁ ଆହୁରି ସୁଦକ୍ଷ ଓ ସ୍ମାର୍ଟ କାର୍ଯ୍ୟାଳୟରେ ପରିଣତ କରାଯିବ। ମୁଖ୍ୟମନ୍ତ୍ରୀଙ୍କ ପରିଦର୍ଶନ ସମୟରେ ଉନ୍ନୟନ କମିଶନର ତଥା ଜଳ ସମ୍ପଦ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଜଳ ସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଚନ୍ଦ୍ରଶେଖର ପାଢ଼ୀ ଏବଂ ବିଭାଗୀୟ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଭାରତ ସାମୁଦ୍ରିକ ସପ୍ତାହରେ ଓଡ଼ିଶାର ଷ୍ଟଲକୁ ଶ୍ରେଷ୍ଠ ପୁରସ୍କାର

**ଭୁବନେଶ୍ୱର :** ପୂର୍ବ ଭାରତର ସାମୁଦ୍ରିକ ପ୍ରବେଶ ଦ୍ୱାର, ଓଡ଼ିଶା ପୁଣି ଥରେ ଏକ ଜାତୀୟ ମଞ୍ଚରେ ଏହାର ସାମୁଦ୍ରିକ ଶକ୍ତି, ନବସୃଜନ ଏବଂ ସାଂସ୍କୃତିକ ଗଭୀରତା ପ୍ରଦର୍ଶନ କରିଛି। ମୁମ୍ବାଇରେ ଅନୁଷ୍ଠିତ ଭାରତ ସାମୁଦ୍ରିକ ସପ୍ତାହ (ଆଇଏମ୍‌ଡବ୍ଲ୍ୟୁ) ୨୦୨୫ରେ ଓଡ଼ିଶା ଷ୍ଟଲ୍‌କୁ ଶ୍ରେଷ୍ଠ ପୁରସ୍କାର ମିଳିଛି। ଷ୍ଟଲର ସୃଜନଶୀଳ ଡିଜାଇନ୍, ଆକର୍ଷଣୀୟ ବିଷୟବସ୍ତୁ, ରାଜ୍ୟର ସାମୁଦ୍ରିକ ଐତିହ୍ୟ ଏବଂ ଭବିଷ୍ୟତ ଦୃଷ୍ଟିକୋଣରୁ ଦୂରଦୃଷ୍ଟିପୂର୍ଣ୍ଣ ଉପସ୍ଥାପନାକୁ ସ୍ୱୀକୃତି ମିଳିଥିବାବେଳେ ଏହାକୁ ଶ୍ରେଷ୍ଠ ଷ୍ଟଲ୍ ମଧ୍ୟରୁ ଗୋଟିଏ ଭାବରେ ବିବେଚିତ କରାଯାଇଛି। ଏହି ପୁରସ୍କାର ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ ମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ ପ୍ରଦାନ କରିଥିଲେ। ବାଣିଜ୍ୟ ଓ ପରିବହନ ବିଭାଗ ଅତିରିକ୍ତ ଶାସନ ସଚିବ ବିଧାନ ଚନ୍ଦ୍ର ରାୟ ବନ୍ଦର ଓ ଆଇଡବ୍ଲ୍ୟୁଟି ନିର୍ଦ୍ଦେଶକ ପଦ୍ମଲୋଚନ ରାଉଳ ଏବଂ କ୍ୟାପଟେନ୍ ସୁଶାନ୍ତ ରାଉଳ ବାଗ, ସିଏନ୍‌ଓ, ଓଏମବି ପୁରସ୍କାର ଗ୍ରହଣ କରିଥିଲେ। ଓଡିଶା ସରକାରଙ୍କ ବାଣିଜ୍ୟ ଏବଂ ପରିବହନ ବିଭାଗ ଏବଂ ଓଡ଼ିଶା ସାମୁଦ୍ରିକ ବୋର୍ଡ ଦ୍ୱାରା ସଂଯୋଜିତ ଷ୍ଟଲ୍ "ଓଡିଶା – ଐତିହ୍ୟ ଏବଂ ଆଶାର ଯାତ୍ରା" ବିଷୟବସ୍ତୁ ଉପରେ ଡିଜାଇନ୍ କରାଯାଇଥିଲା। ଏହା ଓଡ଼ିଶାର ନୌବାଣିଜ୍ୟ ଯାତ୍ରାର ବିବର୍ତ୍ତନକୁ ସ୍ପଷ୍ଟ ଭାବରେ



କଏଦ କରିଥିଲା – ପ୍ରାଚୀନ ବୋଇତ ବନ୍ଦାଣ ପରମ୍ପରା ଏବଂ କଳିଙ୍ଗର ଜାହାଜ ନିର୍ମାଣ କାରିଗରୀଠାରୁ ଆରମ୍ଭ କରି ରାଜ୍ୟର ଆଧୁନିକ ବନ୍ଦର-ନେତୃତ୍ୱାଧୀନ ବିକାଶ, ଜାହାଜ ନିର୍ମାଣ କ୍ଲଷ୍ଟର, ଆଭ୍ୟନ୍ତରୀଣ ଜଳପଥ, କ୍ରୁଜ୍ ପର୍ଯ୍ୟଟନ ଏବଂ ନୀଳ ଅର୍ଥନୀତି ପଦକ୍ଷେପ ପର୍ଯ୍ୟନ୍ତ। ଓଡ଼ିଶା ଷ୍ଟଲ୍ ଏହାର ନିବିଡ଼ କାହାଣୀ କହିବା ଏବଂ ସୃଜନଶୀଳ ଚିତ୍ରଣ ପାଇଁ ବିଶିଷ୍ଟ ବ୍ୟକ୍ତି, ଶିଳ୍ପ ନେତା ଏବଂ ପରିଦର୍ଶକଙ୍କଠାରୁ ବ୍ୟାପକ ପ୍ରଶଂସା ଆକର୍ଷିତ କରିଥିଲା। ନିରନ୍ତର ଭାବରେ ଓଡ଼ିଶାର ଗୌରବମୟ ନୌବାଣିଜ୍ୟ ଅତୀତକୁ ସ୍ଥାୟୀ ଉପକୂଳ ଏବଂ ବାଣିଜ୍ୟ ବିକାଶ ପାଇଁ ଏହାର ଭବିଷ୍ୟତ ଦୃଷ୍ଟିକୋଣ ସହିତ ସଂଯୋଗ କରିଥିଲା। ଆଇଏମ୍‌ଡବ୍ଲ୍ୟୁ ୨୦୨୫ରେ ଏହି ସ୍ୱୀକୃତି ଭାରତର ନୌବାଣିଜ୍ୟ ପରିବର୍ତ୍ତନରେ ଓଡ଼ିଶାର ନେତୃତ୍ୱକୁ ପୁନଃନିର୍ଦ୍ଦିଷ୍ଟ କରିଥାଏ, ଯେଉଁଠାରେ ଐତିହ୍ୟ ନବସୃଜନ ସହିତ ମିଳିତ ହୁଏ, ଏକ ବିକଶିତ ଓଡ଼ିଶା ଏବଂ ବିକଶିତ ଭାରତ ଆଡକୁ ଗତି କରେ।

## ଜାତୀୟ ଜଳପଥ-୫ ଏବଂ ୬୪ର ବିକାଶ ଏବଂ କାର୍ଯ୍ୟକ୍ଷମ ପାଇଁ ବୁଝାମଣାପତ୍ର ସ୍ୱାକ୍ଷରିତ

**ଭୁବନେଶ୍ୱର :** ଭାରତୀୟ ଆଭ୍ୟନ୍ତରୀଣ ଜଳପଥ ପ୍ରାଧିକରଣ (ଆଇଡବ୍ଲ୍ୟୁଏଆଇ), ଓଡ଼ିଶା ସରକାର, ପାରାଦୀପ ବନ୍ଦର ପ୍ରାଧିକରଣ (ପିପିଏ) ଏବଂ ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ (ଏମ୍‌ସିଏଲ୍) ମଧ୍ୟରେ ମୁମ୍ବାଇର ନେସ୍କୋ ଗ୍ରାଉଣ୍ଡରେ ଅନୁଷ୍ଠିତ ଇଣ୍ଡିଆ ମେରିଟାଇମ୍ ୨୦୨୫ ସମୟରେ ଜାତୀୟ ଜଳପଥ-୫ (ଏନ୍‌ଡବ୍ଲ୍ୟୁ-୫) ଏବଂ ଜାତୀୟ ଜଳପଥ-୬୪ (ଏନ୍‌ଡବ୍ଲ୍ୟୁ-୬୪)ର ବିକାଶ ଏବଂ କାର୍ଯ୍ୟକ୍ଷମତା ପାଇଁ ଏକ ଐତିହାସିକ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇ ଯାଇଛି। ସ୍ଥାୟୀ ମାଲ ପରିବହନ ଏବଂ ଆଞ୍ଚଳିକ ଆର୍ଥିକ ଅଭିବୃଦ୍ଧି ପାଇଁ ଓଡ଼ିଶାର ନଦୀ ପ୍ରଣାଳୀକୁ ଉପଯୋଗ କରିବା ଦିଗରେ ଏହି ଚୁକ୍ତିନାମା ଏକ ପ୍ରମୁଖ ପଦକ୍ଷେପ। ୧୨,୨୦୦ କୋଟି ଟଙ୍କାର ଆନୁମାନିକ ନିବେଶ ସହିତ ଏହି ପ୍ରକଳ୍ପର ଲକ୍ଷ୍ୟ ହେଉଛି ଆଭ୍ୟନ୍ତରୀଣ ଜଳପଥ ମାଧ୍ୟମରେ ତାଳଚେର କୋଇଲା କ୍ଷେତ୍ରରୁ ପାରାଦୀପ ଏବଂ ଧାମରା ବନ୍ଦରକୁ କୋଇଲା ଏବଂ ଅନ୍ୟାନ୍ୟ ବଲ୍କ କାର୍ଗୋର ସୁଗମ ପରିବହନ। ଏହି



ପଦକ୍ଷେପ ଲଜିଷ୍ଟିକ୍ସ ଖର୍ଚ୍ଚ ହ୍ରାସ କରିବାରେ, ରାସ୍ତା ଏବଂ ରେଳ ନେଟୱାର୍କକୁ କମ କରିବାରେ ଏବଂ ପରିବେଶ ଅନୁକୂଳ ପରିବହନକୁ ପ୍ରୋତ୍ସାହିତ କରିବାରେ ସାହାଯ୍ୟ କରିବ। ଏହା ଭାରତ ସରକାରଙ୍କ ବିକଶିତ ଭାରତ ଅ୨୦୪୭ ଦୃଷ୍ଟିକୋଣ ସହିତ ସମନ୍ୱୟ ରଖିବ। ଏହି ପ୍ରକଳ୍ପ ଏକ ସ୍ୱତନ୍ତ୍ର ଉଦ୍ଦେଶ୍ୟ ଯାନ – ଓଡ଼ିଶା ଲିମଟେଡ୍ (ଆଇଡବ୍ଲ୍ୟୁସିଓଏଲ୍) ମାଧ୍ୟମରେ କାର୍ଯ୍ୟକାରୀ କରାଯିବ। ଆଇଡବ୍ଲ୍ୟୁଏଆଇ ପ୍ରକଳ୍ପ ପ୍ରସ୍ତାବ ପ୍ରସ୍ତୁତି, ବୈଧାନିକ ମଞ୍ଜୁରୀ ହାସଲ ଏବଂ ଟର୍ମିନାଲ, ବ୍ୟାରେଜ୍ ଏବଂ ନାଭିଗେସନ୍ ସିଷ୍ଟମ ସମେତ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ବିକାଶ କରିବାରେ ନେତୃତ୍ୱ ନେବ। ଓଡ଼ିଶା ସରକାର ଜବରଦଖଲମୁକ୍ତ ଜମି ଯୋଗାଇବ, ମଞ୍ଜୁରୀକୁ ସହଜ କରିବ ଏବଂ ପ୍ରଶାସନିକ ସହାୟତା ପ୍ରଦାନ କରିବ। ଏମ୍‌ସିଏଲ୍ ନିଶ୍ଚିତ କାର୍ଗୋ ପରିବହନ ଏବଂ ପ୍ରଥମ ମାଇଲ୍ ସଂଯୋଗୀକରଣ ନିଶ୍ଚିତ କରିବ। ପାରାଦୀପ ବନ୍ଦର କର୍ତ୍ତୃପକ୍ଷ କାର୍ଗୋ ପରିଚାଳନାକୁ ପ୍ରୋତ୍ସାହିତ କରିବ ଏବଂ ଅନ୍ତର୍ଦେଶୀୟ ଜଳପଥକୁ ମୋଡାଲ୍ ସ୍ଥାନାନ୍ତରକୁ ଉତ୍ସାହିତ କରିବ। କେନ୍ଦ୍ର ସଂସଦୀୟ ବ୍ୟାପାର ଏବଂ ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ ଏବଂ କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ ରାଷ୍ଟ୍ରମନ୍ତ୍ରୀ ଶାନ୍ତନୁ ଠାକୁରଙ୍କ ଉପସ୍ଥିତିରେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ଓଡିଶା ସରକାରଙ୍କ ପକ୍ଷରୁ ବାଣିଜ୍ୟ ଏବଂ ପରିବହନ ବିଭାଗର ପ୍ରମୁଖ ସଚିବ ଉଷା ପାଢୀ ଚୁକ୍ତିନାମାରେ ସ୍ୱାକ୍ଷର କରିଛନ୍ତି। ଏହି ମିଳିତ ପ୍ରୟାସ ଓଡ଼ିଶାରେ ଏକ ସମନ୍ୱିତ ଏବଂ ସ୍ଥାୟୀ ଆଭ୍ୟନ୍ତରୀଣ ଜଳ ପରିବହନ ନେଟୱାର୍କ ପାଇଁ ମାର୍ଗ ପ୍ରଦର୍ଶିତ କରୁଛି, ଯାହା ପୂର୍ବ ଭାରତରେ ଶିଳ୍ପ ଅଭିବୃଦ୍ଧି, ନିଯୁକ୍ତି ସୃଷ୍ଟି ଏବଂ ବର୍ଦ୍ଧିତ ଲଜିଷ୍ଟିକ୍ସ ଦକ୍ଷତା ପାଇଁ ପଥ ପ୍ରଶସ୍ତ କରୁଛି।

## ଏଣିକି ଓଡ଼ିଶାରେ କ୍ଷୁଦ୍ର, ଲଘୁ ଏବଂ ମଧ୍ୟମ ଉଦ୍ୟୋଗ ପାଇଁ ଆଉ ଦେବାକୁ ପଡ଼ିବନି କିସମ ପରିବର୍ତ୍ତନ ଫି'

**ଭୁବନେଶ୍ୱର :** ଏଣିକି ଓଡ଼ିଶାରେ କ୍ଷୁଦ୍ର, ଲଘୁ ଏବଂ ମଧ୍ୟମ ଉଦ୍ୟୋଗ ପାଇଁ ଆଉ କରିବାକୁ ପଡ଼ିବନି କିସମ ପରିବର୍ତ୍ତନ ଫି। ଉଦ୍ୟୋଗୀଙ୍କୁ କିସମ ପରିବର୍ତ୍ତନ ଫି ଏବଂ ଭଡ଼ା ଛାଡ଼ ପାଇଁ ରାଜସ୍ୱ ବିଭାଗର ନିଷ୍ପତ୍ତି ହୋଇଥିବା ନେଇ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଛନ୍ତି। ସେ କହିଛନ୍ତି, ପୂର୍ବରୁ କିସମ ପରିବର୍ତ୍ତନ ପାଇଁ ଜମି ବେଞ୍ଚ ମାର୍କ ଭ୍ୟାଲୁର ୧ ପ୍ରତିଶତ ଦେବାକୁ ପଡୁଥିଲା। ଆଉ କିସମ ପରିବର୍ତ୍ତନ ପାଇଁ ଯେତିକି ଫି ଦେବାକୁ ପଡୁଥିଲା ତାର ୧ ପ୍ରତିଶତ ଭଡ଼ା ମଧ୍ୟ ଦେବାକୁ ପଡୁଥିଲା। ଏବେ ଏହି ଦୁଇଟି ଯାକ ଛାଡ଼ କଲେ ସରକାର। ଯେଉଁ କ୍ଷୁଦ୍ର ଲଘୁ ମଧ୍ୟମ ଉଦ୍ୟୋଗ କେନ୍ଦ୍ର ସରକାରଙ୍କ ଉଦ୍ୟୋଗ ପୋର୍ଟାଲରେ ଥିବେ ଏବଂ ଜିଲ୍ଲା କମିଟି ଅନୁମୋଦିତ ହୋଇଥିବେ ସେମାନେ ଏହି ସୁବିଧା ପାଇପାରିବେ। ସଂରକ୍ଷିତ ଅଞ୍ଚଳ, ପ୍ରତିରକ୍ଷା ଜମି,ଉପକୂଳ ନିୟମିକ ଅଞ୍ଚଳ, ପ୍ରନ୍ତାତ୍ତ୍ୱିକ ଜମି ଯେଉଁଠି ଅନ୍ୟ ଆଇନ ବଳବତ୍ତର ଅଛି ସେଠି ଏହି ସୁବିଧା ଲାଗୁ ହେବ ନାହିଁ। ତେବେ ଉଦ୍ୟୋଗୀମାନେ ଉଦ୍ଦେଶ୍ୟରୁ ବିଚ୍ୟୁତ ହେଲେ ଜମି ଫେରସ୍ତ କରାଯିବ।

## ଦ୍ୱିତୀୟ ସ୍ତ୍ରୀଙ୍କ ସନ୍ତାନ ପୈତୃକ ସମ୍ପତ୍ତିର ଉତ୍ତରାଧିକାରୀ ହେବାକୁ ହକ୍‌ଦାର : ହାଇକୋର୍ଟ

**କଟକ :** ଜଣେ ସ୍ୱର୍ଗତ ହିନ୍ଦୁ ସ୍ୱାମୀଙ୍କ ପ୍ରଥମ ଏବଂ ଦ୍ୱିତୀୟ ବିବାହରୁ ସନ୍ତାନମାନେ ତାଙ୍କ ପୈତୃକ ସମ୍ପତ୍ତି ବାଣ୍ଟିବେ। ଓଡ଼ିଶା ହାଇକୋର୍ଟ ସ୍ପଷ୍ଟ କରିଛନ୍ତି ଯେ, ଏକ ବିବାହରୁ ସୃଷ୍ଟି ହୋଇଥିବା ସନ୍ତାନସନ୍ତତିଙ୍କର ଉତ୍ତରାଧିକାର ଅଧିକାର ଅଛି। ପିତାଙ୍କ ମୃତ୍ୟୁ ପୂର୍ବରୁ ଏକ ବିଭାଜନରେ ସେମାନଙ୍କ ପିତାମାତା ଯାହା ପାଇଥାନ୍ତେ ତାହା ପର୍ଯ୍ୟନ୍ତ ସେମାନଙ୍କର ଅଂଶ ସୀମିତ। ଏହି ଐତିହାସିକ ରାୟ ଉତ୍ତରାଧିକାରୀ ସମ୍ପତ୍ତିର ସମାନ ବଣ୍ଟନକୁ ସୁନିଶ୍ଚିତ କରିଛି। ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ, ଓଡ଼ିଶା ହାଇକୋର୍ଟ ସମ୍ପ୍ରତି କହିଛନ୍ତି ଯେ, ହିନ୍ଦୁ ବିବାହ ଆଇନର ଧାରା ୧୬ ଅନୁଯାୟୀ, ପ୍ରଥମ ପତ୍ନୀ (ବୈଧ ବିବାହ) ଏବଂ ଦ୍ୱିତୀୟ ସ୍ତ୍ରୀ (ବୈଧ ବିବାହ) ଉଭୟଙ୍କ ଠାରୁ ଜନ୍ମିତ ସନ୍ତାନମାନେ ସେମାନଙ୍କ ପିତାଙ୍କ ପୈତୃକ



ସମ୍ପତ୍ତିରେ ଅଂଶ ପାଇବା ପାଇଁ ହକଦାର। ତଥାପି, ଧାରା ୬(୩) ଅନୁଯାୟୀ, ପ୍ରତ୍ୟେକ ସନ୍ତାନର ଅଂଶ ସେହି ଅଂଶ ପର୍ଯ୍ୟନ୍ତ ସୀମିତ ରହିବ ଯାହା ପିତାଙ୍କ ମୃତ୍ୟୁ ପୂର୍ବରୁ ଏକ ବିଭାଜନରେ ସମ୍ପୃକ୍ତ ମାଆଙ୍କୁ ଆବଣ୍ଟିତ ହୋଇଥାନ୍ତା। ଏହି ରାୟ ଏକ ମାମଲାରୁ ଆସିଛି ଯେଉଁଠାରେ ପ୍ରତିବାଦୀ ଅନୂସୟା ମହାନ୍ତି (ପ୍ରଥମ ପତ୍ନୀ), ପରିବାର କୋର୍ଟ, ଭୁବନେଶ୍ୱରରେ ୨୦୧୭ର ସିପି ନଂ ୫୭୬ ଦାୟର କରିଥିଲେ, ଯେଉଁଥିରେ ସେ ସ୍ୱର୍ଗତ କୈଳାସ ଚନ୍ଦ୍ର ମହାନ୍ତିଙ୍କ ଆଇନଗତ ଭାବରେ ବିବାହିତ ପତ୍ନୀ ଏବଂ ତାଙ୍କ ପ୍ରକୃତ ଆଇନଗତ ଉତ୍ତରାଧିକାରୀ ବୋଲି ଘୋଷଣା କରିବାକୁ ଅନୁରୋଧ କରାଯାଇଥିଲା। ପ୍ରତିବାଦୀଙ୍କ ଅନୁସୟା (ପ୍ରଥମ ପତ୍ନୀ) ଦାବି କରିଥିଲେ ଯେ, ମୃତକଙ୍କ ସହ ତାଙ୍କର ବିବାହ ୫ ଜୁନ୍ ୧୯୬୬ ମସିହାରେ ହିନ୍ଦୁ ରୀତିନୀତି ଏବଂ ପ୍ରଥା ଅନୁସାରେ ହୋଇଥିଲା। ସେମାନେ ସ୍ୱାମୀ-ସ୍ତ୍ରୀ ଭାବରେ ଏକାଠି ରହୁଥିଲେ ଏବଂ ବିବାହରୁ ସେମାନଙ୍କର ଦୁଇ ଜଣ ପୁଅ ଥିଲା। ସେ ଆହୁରି ଅଭିଯୋଗ କରିଥିଲେ ଯେ ଆବେଦନକାରୀ ସନ୍ଧ୍ୟାରାଣୀ ସାହୁ (ଦ୍ୱିତୀୟ ପତ୍ନୀ) ଜଣେ ନର୍ସ ଥିଲେ ଯିଏ ତାଙ୍କ ସ୍ୱର୍ଗତ ସ୍ୱାମୀଙ୍କ ସହିତ କାମ କରୁଥିଲେ ଏବଂ ତାଙ୍କ ସହିତ ତାଙ୍କର ବୈଧ ବୈବାହିକ ସମ୍ପର୍କ ନଥିଲା।

## ନିଶାମୁକ୍ତ ହେବ କ୍ୟାମ୍ପସ : ଉଚ୍ଚଶିକ୍ଷା ମନ୍ତ୍ରୀ

**ଭୁବନେଶ୍ୱର :** କ୍ୟାମ୍ପସ୍‌କୁ ନିଶାମୁକ୍ତ କରିବା ଲାଗି ରାଜ୍ୟ ସରକାର ଯୋଜନା ପ୍ରସ୍ତୁତ କରିଛନ୍ତି। ଏନେଇ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି, ପ୍ରତି କ୍ୟାମ୍ପସ୍‌ରେ ଆଣ୍ଟି ଡ୍ରଗ ଇନ୍ସପେକ୍ଟର ନିଯୁକ୍ତ ହେବେ। କଲେଜ ଏବଂ ବିଶ୍ୱ ବିଦ୍ୟାଳୟର ଜଣେ ଅଧ୍ୟାପକ କିମ୍ବା ଅଧ୍ୟାପିକାଙ୍କୁ ମଧ୍ୟ ଏନେଇ ଦାୟିତ୍ୱ ଦିଆଯିବ। କ୍ୟାମ୍ପସ୍‌କୁ ନିଶାମୁକ୍ତ କରିବାକୁ ସରକାର ପ୍ରୟାସ ଆରମ୍ଭ କରିବେ। ଏନେଇ ଏକ ବିସ୍ତୃତ ମାର୍ଗଦର୍ଶିକା ୟୁଜିସି ତରଫରୁ ଜାରି କରାଯାଇଛି। ସେହି ଆଧାରରେ ରାଜ୍ୟ ସରକାର ସପ୍ତାହ ବ୍ୟାପୀ ବିଭିନ୍ନ କଲେଜ ଏବଂ ବିଶ୍ୱ ବିଦ୍ୟାଳୟମାନଙ୍କରେ ଆଲୋଚନା ସହିତ ଯୋଗ, ଶାରୀରିକ ଦକ୍ଷତା ଏବଂ ପୁଷ୍ଟିକର ଖାଦ୍ୟ ଉପରେ ଗୁରୁତ୍ୱ ଦେବେ। ଏନେଇ କଲେଜ ଏବଂ ବିଶ୍ୱ ବିଦ୍ୟାଳୟରେ ଜଣେ ଅଧିକାରୀ ନିଯୁକ୍ତ ହେବେ। ସେ ସେହି କଲେଜ କିମ୍ବା ବିଶ୍ୱ ବିଦ୍ୟାଳୟର ଅଧ୍ୟାପକ ହୋଇଥିବେ। ଏଥିସହ ସହ ସଚେତନତା ଉପରେ ଅଧିକ ଗୁରୁତ୍ୱ ଦିଆଯିବ। ଦେଶରେ କିଛି କଲେଜ ଏବଂ ବିଶ୍ୱ ବିଦ୍ୟାଳୟରେ ଏଭଳି ଅବସ୍ଥା ପରେ ୟୁଜିସି ନିଶାମୁକ୍ତ କ୍ୟାମ୍ପସ ଗଠନ କରିବାକୁ ପ୍ରୟାସ ନେଇଛି ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ ସୂଚନା ପ୍ରଦାନ କରିଛନ୍ତି।

## ବିଏମସି ଅଧୀନକୁ ଆସିବ ୩୧୬ କିମି ଡ୍ରେନ

**ଭୁବନେଶ୍ୱର :** ଭୁବନେଶ୍ୱର ମହାନଗର ନିଗମ(ବିଏମସି)ର ଅଧୀନକୁ ୩୧୬ କିଲୋମିଟର ଡ୍ରେନ ଅଣାଯିବ। ଶୁକ୍ରବାର ଅନୁଷ୍ଠିତ ବିଏମସିର ୩୫ତମ ସାଧାରଣ ପରିଷଦ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ବୈଠକରେ ଉନ୍ନତି ଓ ସହରୀ ବିକାଶ ଯୋଜନାରେ କେନ୍ଦ୍ର ଓ ରାଜ୍ୟ ସରକାର ଅର୍ଥ ମଂଜୁର କରିଛନ୍ତି ଏବଂ ଅଧିକ କିଛି ଅର୍ଥ ରାଜ୍ୟ ସରକାର ଦେବାପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିବା ଉଭୟ ମେୟର ଓ ଆୟୁକ୍ତ ଗୃହକୁ ଅବଗତ କରାଇଥିଲେ। ଉପବିଭାଗ ଓ କର୍ପୋରେଟରଙ୍କ ପକ୍ଷରୁ ଆସିଥିବା ୧୮ଟି ପ୍ରସ୍ତାବ ୧୪ଟି ଲିଖିତ ପ୍ରଶ୍ନ ସଂପର୍କରେ ବୈଠକରେ ଆଲୋଚନା କରାଯାଇଥିଲା। ରାସ୍ତା ଓ ଗୃହ ବିଭାଗ ଅଧିନରେ ଥିବା ୩୧୬ କିଲୋମିଟର ଡ୍ରେନ ମଧ୍ୟ ବିଏମସି ଅଧିନକୁ ଆଣିବା ନେଇ ବୈଠକରେ ନିଷ୍ପତ୍ତି ହୋଇଛି। ସହ ବିଡିଏ ଏବଂ ପଞ୍ଚାୟତରେ ଥିବା ରାସ୍ତା ବିଏମସି ଅଧିନକୁ ଆଣିବା, ଆଇଗିଣିଆ ଆଲୁଗଦି ବା କୁବେରପୁରୀଠାରେ ଟ୍ରକ ପାର୍କିଂ ବ୍ୟବସ୍ଥା କରିବା, ବର୍ଜ୍ୟ ସଂଗ୍ରହ ଓ ପରିଚାଳନା ପାଇଁ ଏଜେନ୍ସି ଚୟନ ନିମନ୍ତେ ଆସିଥିବା ଏସଓପିକୁ କର୍ପୋରେସନର ମଂଜୁରୀ ମିଳିବା, ବିଦ୍ୟୁତ୍ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ତିନୋଟି ଜୋନରେ ତିନୋଟି ଏଜେନ୍ସିଙ୍କୁ ନିୟୋଜିତ କରାଯିବା ଓ ଖୁବ୍ ଶୀଘ୍ର ଟେଣ୍ଡର ଆହ୍ୱାନ କରାଯିବା, ଆସନ୍ତା ୬ ତାରିଖ ଦିନ ମୁକ୍ତା ଓ ଜାଗା ମିଶନ ସଂପର୍କିତ କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପାଇଁ କର୍ପୋରେସନର ସ୍ୱତନ୍ତ୍ର ବୈଠକ ଡକାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ବୈଠକରେ ଅତିରିକ୍ତ ଆୟୁକ୍ତ ରତ୍ନାକର ସାହୁ ସଂଯୋଜନା କରିଥିଲେ। ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କହଁର, ଆୟୁକ୍ତ ଚଞ୍ଚଳ ରାଣା, ସିଟି ଇଂଜିନିୟର ନାରଦ ଚନ୍ଦ୍ର ରଥ, ଅତିରିକ୍ତ ଆୟୁକ୍ତ ରତ୍ନାକର ସାହୁ, ସସ୍ମିତା ସାହୁ ଓ କୈଳାସ ଚନ୍ଦ୍ର ଦାସ, ମୁଖ୍ୟ ବିତ୍ତ ଅଧିକାରୀ ଦୀପକ ରଂଜନ ବେହେରାଙ୍କ ଉପସ୍ଥିତିରେ ବୈଠକ ଅନୁଷ୍ଠିତ ହୋଇଥିଲା।

## ରାଜଭବନ ସଚିବାଳୟ କାର୍ଯ୍ୟ ସମୀକ୍ଷା କଲେ ରାଜ୍ୟପାଳ




**ଭୁବନେଶ୍ୱର :** ରାଜଭବନ ସଚିବାଳୟ କାର୍ଯ୍ୟର ସମୀକ୍ଷା କରିଛନ୍ତି ରାଜ୍ୟପାଳ ଡ. ହରିବାବୁ କମ୍ଭମପଟି। ଏ ନେଇ ରାଜଭବନ ମିନି କନଫରେନ୍ସ ହଲରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ରାଜ୍ୟପାଳ ଅଧିକାରୀମାନଙ୍କ ସହିତ ଆଲୋଚନା କରିବା ସହିତ ବିଭିନ୍ନ ସେକ୍ସନର ପ୍ରଦର୍ଶନର ମୂଲ୍ୟାଙ୍କନ କରିଥିଲେ। ବିଶେଷ କରି ଉଚ୍ଚଶିକ୍ଷା, ଜନଜାତି ମଙ୍ଗଳ ଏବଂ ସାଧାରଣ ସେବା କାର୍ଯ୍ୟଗୁଡ଼ିକର ସମୀକ୍ଷା କରିଥିଲେ। ଦଳଗତ କାର୍ଯ୍ୟ, ସମନ୍ୱୟ ଏବଂ ଅଧିକାରୀମାନଙ୍କ ମଧ୍ୟରେ ପ୍ରଭାବଶାଳୀ ଯୋଗାଯୋଗ ରହିଲେ ଅନୁଷ୍ଠାନ ଓ ଜନସେବା କାର୍ଯ୍ୟଗୁଡ଼ିକ ସୂଚାରୁରୂପେ ହୋଇପାରିବ ବୋଲି ବୈଠକରେ ରାଜ୍ୟପାଳ ଗୁରୁତ୍ୱାରୋପ କରିଥିଲେ। ସମସ୍ତ ବିଭାଗ ନିଜର କାର୍ଯ୍ୟଦକ୍ଷତା ବଜାୟ ରଖିବା ସହ ସଚିବାଳୟର ଦୈନନ୍ଦିନ ଦାୟିତ୍ୱଗୁଡ଼ିକର ଠିକ୍ ରୂପାୟନ ଉପରେ ଗୁରୁତ୍ୱ ଦେଇଥିଲେ। ରାଜ୍ୟପାଳଙ୍କ ସଚିବ ରୂପା ରୋଶନ ସାହୁ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ସମୀକ୍ଷା ବୈଠକରେ ଉପସ୍ଥିତ ଥିଲେ।

# 'ଭିଜିଲାନ୍ସ କ୍ଷମା ଦେବନି, କି ଛାଡ଼ିବନି'

**ଭୁବନେଶ୍ୱର :** ଦୁର୍ନୀତି ନିବାରଣ ପାଇଁ କେବଳ ଏକ ପ୍ରତିକାତ୍ମକ କାର୍ଯ୍ୟକ୍ରମ ନୁହେଁ, ଏହା ଦୁର୍ନୀତିଖୋର୍ ଅଧିକାରୀଙ୍କୁ ଏବଂ ଦୁର୍ନୀତିରେ ଲିପ୍ତ ସିଷ୍ଟମକୁ ଦୁର୍ନୀତି ପ୍ରତି ଆମ ସରକାର ଶୂନ୍ୟ ସହନଶୀଳ କଠୋର ବାର୍ତ୍ତା ଦେବା ପାଇଁ ଉଦ୍ଦିଷ୍ଟ କାର୍ଯ୍ୟକ୍ରମ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ରାଜ୍ୟ ସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା କାର୍ଯ୍ୟକ୍ରମ ଅବସରରେ ଉଦ୍‌ବୋଧନ ଦେଇ କହିଛନ୍ତି। ଲୋକସେବା ଭବନ କନ୍‌ଭେନ୍‌ସନ୍ ସେଣ୍ଟର ଠାରେ ଏହି ରାଜ୍ୟ ସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଯେତେବେଳେ ଦୁର୍ନୀତି ଆମ ବ୍ୟବସ୍ଥାରେ ପ୍ରବେଶ କରେ, ସେତେବେଳେ ସାଧାରଣ ଲୋକଙ୍କର ବିଶ୍ୱାସ ଭାଙ୍ଗି ଯାଇଥାଏ। ଦୁର୍ନୀତି ଆମ ଶାସନର ମୂଳଦୁଆକୁ ଦୁର୍ବଳ କରିଥାଏ। ତେଣୁ, ଦୁର୍ନୀତି ବିରୋଧରେ ଲଢ଼ିବା କେବଳ ଏକ କର୍ତ୍ତବ୍ୟ ନୁହେଁ, ଏହା ଆମ ସମସ୍ତଙ୍କର ଏକ ନୈତିକ ଦାୟିତ୍ୱ। ସେ କହିଥିଲେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ନେତୃତ୍ୱ ଓ ଦୃଢ଼ ଇଚ୍ଛା ଶକ୍ତି ବଳରେ, ଦୁର୍ନୀତି ରୋକିବା ପାଇଁ ଅନେକ ଆଧୁନିକ ଟେକ୍ନୋଲୋଜିର ଉପଯୋଗ କରାଯାଇଛି। ହ୍ୟୁମାନ ଇଣ୍ଟରଫେରେନ୍ସକୁ ଦୂର କରି ଜନଧନ, ଆଧାର ଏବଂ ମୋବାଇଲର ଏକତ୍ରିକରଣରେ ଜେଏଏମ୍ ବ୍ୟବସ୍ଥା ହିତାଧିକାରୀଙ୍କ ପାଇଁ କାର୍ଯ୍ୟକାରୀ କରାଯାଇଛି। ଏହି ବ୍ୟବସ୍ଥାରେ ବାଟମାରଣାର ପ୍ରଶ୍ନ ହିଁ ନାହିଁ। ସେ ପୁଣି କହିଥିଲେ ଦୁର୍ନୀତି ଆମ ସମାଜର ପ୍ରଗତି ଓ ଉନ୍ନତିରେ ବାଧା



ସୃଷ୍ଟି କରିଥାଏ। ତେଣୁ, ଆମ ସରକାର ଦୁର୍ନୀତି ବିରୋଧରେ ଶୂନ୍ୟ ସହନଶୀଳତା ନୀତି ଅବଲମ୍ବନ କରିଛନ୍ତି। ଏହା ଫଳରେ ବିଭିନ୍ନ ଯୋଜନାର ସୁଫଳ ନ୍ୟାୟ ପୂର୍ଣ୍ଣ ଓ ସ୍ୱଚ୍ଛତାର ସହିତ ଉପଯୁକ୍ତ ଲାଭାର୍ଥୀଙ୍କ ପାଖରେ ପହଞ୍ଚାଯାଇ ପାରୁଛି। ଦୁର୍ନୀତିକୁ ରୋକିବା ପାଇଁ ଏକ ସ୍ୱଚ୍ଛ, ପାରଦର୍ଶୀ, ଗତିଶୀଳ ଏବଂ ଅତ୍ୟନ୍ତ ସଙ୍କୋଚ ବ୍ୟବସ୍ଥା ଓ ଅଧିକାରୀ ଏକାନ୍ତ ଆବଶ୍ୟକ। ରାଜ୍ୟ ଦୁର୍ନୀତି ନିବାରଣ ବିଭାଗକୁ ପ୍ରଶଂସା କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆମ ସରକାର ଗଠନ ହେବା ପରେ ଦୁର୍ନୀତି ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ମୁଁ ସ୍ପଷ୍ଟ ନିର୍ଦ୍ଦେଶ ଦେଇଥିଲି। ପୂର୍ବ ବ୍ୟବସ୍ଥାକୁ ପରିବର୍ତ୍ତନ କରି ରାଜ୍ୟ ଦୁର୍ନୀତି ନିବାରଣ ବିଭାଗ ଛୋଟରୁ ବଡ ସମସ୍ତ ଦୁର୍ନୀତି ଗ୍ରସ୍ତଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଦେଶର ଅଗ୍ରଣୀ ଦୁର୍ନୀତି ବିରୋଧୀ ସଂସ୍ଥା ଭାବେ ସୁନାମ ଅର୍ଜନ କରିଛି। ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ଠାରୁ ଆରମ୍ଭ କରି ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ପର୍ଯ୍ୟନ୍ତ କାହାରିକୁ ଛଡାଯାଇନାହିଁ। ଏସବୁ ସମ୍ଭବ ହୋଇଛି ଭିଜିଲାନ୍‌ସ ଅଧିକାରୀ ମାନଙ୍କୁ ସ୍ୱାଧୀନ ଭାବେ କାର୍ଯ୍ୟକରିବାର ଅଧିକାର ପ୍ରଦାନ ଫଳରେ। ରାଜ୍ୟ ଦୁର୍ନୀତି ନିବାରଣ ବିଭାଗର ଦଣ୍ଡ ବିଧାନ ହାର ମଧ୍ୟ ୫୦ ପ୍ରତିଶତରୁ ଅଧିକ ରହିଛି। ଦୁର୍ନୀତି ନିବାରଣ ବିଭାଗ ଆଜିର ଦିନରେ କାହାକୁ କ୍ଷମା କରିବ ନାହିଁ ଏବଂ କାହାକୁ ଛାଡିବ ନାହିଁ ବୋଲି ସେ କହିଥିଲେ।



କାହା କଥାରେ ଯଦି କୌଣସି ଭୁଲ୍ କିମ୍ବା ଠିକ୍ ହୋଇଯାଉଥାନ୍ତା, ତେବେ ଦୁନିଆ ସ୍ୱର୍ଗ ପାଲଟି ଯାଇଥାନ୍ତା।

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୩ ନଭେମ୍ବର - ୯ ନଭେମ୍ବର, ୨୦୨୫

# ଜୀବନର ସାର୍ଥକତା

ଦୁନିଆ ବଡ଼ ବିଚିତ୍ର। ଯେଉଁଠି ସମୟର ଖେଳ ବୁଝିବା ପାଇଁ ମଣିଷକୁ ଗୋଟିଏ ଆୟୁଷ ଯଥେଷ୍ଟ ହୋଇନଥାଏ। ପରନ୍ତୁ ବାସ୍ତବ ସମସ୍ୟା, ବସ୍ତୁବାଦୀ ଚିନ୍ତା ଦିନୁଦିନ ମଣିଷ ଭିତରେ ଏଭଳି ପ୍ରତିକ୍ରିୟା ସୃଷ୍ଟି କରେ ଯେଉଁଥିରେ କେବଳ ଯନ୍ତ୍ରଣା ହିଁ ଯନ୍ତ୍ରଣା ଥାଏ। ଅଳିକ ସୁଖ ଭୋଗର ସ୍ୱପ୍ନ କେବେ ସ୍ୱପ୍ନ ଦେଖାଏ ତ ଆଉ କେବେ ସ୍ୱପ୍ନ ଉପରେ ପାଣି ଢାଳିଥାଏ। ସ୍ୱପ୍ନର ଘର ଯେଉଁଦିନ ଚୁରମାର ହୋଇଯାଏ ସେଦିନ ମଣିଷକୁ ବୁଝିବା ବାକି ନଥାଏ ଯେ ତା ହାତରେ କିଛି ନାହିଁ। କେଉଁ ଅଦୃଶ୍ୟ ଶକ୍ତି ଆମ ମାନଙ୍କୁ ନିୟନ୍ତ୍ରଣ କରୁଛି। ଯିଏ ଅଦୃଶ୍ୟରେ ରହି ମଣିଷକୁ ଯାହା ଯାହା ନିର୍ଦ୍ଦେଶ ଦେଉଛି ସେହି ଅନୁସାରେ ମଣିଷ ନିଜର କର୍ତ୍ତବ୍ୟ ସମ୍ପାଦନ କରିଚାଲିଛି। ହେଲେ ସେ ମଧ୍ୟରେ ବିଚାର ଓ ଅବିଚାର ନାମକ ଭାବନାକୁ ଏଭଳି ଖଞ୍ଜି ଦେଇଛି ଯେ, ତାହାର ହିସାବ ନିକାଶ ପରେ କରୁଛି କେହି। ସମୟ କେତେବେଳେ କାହାକୁ କେଉଁ ପରିସ୍ଥିତିରେ ରଖୁଛି ତାହା ବିଶ୍ୱାସ ବାହାର ବିଷୟ। ସମୟ ଅନୁକୂଳ ଥିଲେ ମଣିଷ ଶାନ୍ତିରେ ନିଶ୍ୱାସ ମାରୁଥିଲା ବେଳେ ସମୟ ଖରାପ ପଡିଲେ ମ୍ରିୟମାଣ ହେବାର ଦୁଃଖଦ ପରିଣତି ବଡ଼ ଅନୁଭବ ଦେଇଥାଏ। ଜଞ୍ଜାଳ ମଧ୍ୟରେ ରହି ନିଜକୁ ସୁସ୍ଥ ରଖିବାର



ସମ୍ପାଦକୀୟ
ତାରକ ମହାନ୍ତି

ସଂକଳ୍ପ ସବୁଠି ସଫଳ ହୋଇନଥାଏ। ସମାଜରେ ଅନେକେ ଗୁଡ଼ିଏ ଘଟଣାକୁ ଅନୁଧ୍ୟାନ କଲେ ଦେଖାଯାଏ ଯେ କୌଣସି ମଣିଷ ଚିନ୍ତାରୁ ମୁକ୍ତ ନୁହଁନ୍ତି। ଯେଉଁ ଅନୁପାତରେ ମଣିଷର ବିକାଶ ହେବା କଥା ତାହା ଯଦି ହୋଇନପାରେ ସେତେବେଳେ ଜୀବନ ଦୁର୍ବିସହ ହୋଇପଡେ। ଗୋଟେ କ୍ଷଣସ୍ଥାୟୀ ଜୀବନକୁ ନେଇ ମଣିଷ ମନରେ ଅଫୁରନ୍ତ ଆନନ୍ଦ କେବେ ଦୀର୍ଘକାଳ ରହିନଥାଏ। ପ୍ରତି ପାଦରେ ବିପଦର ଘନ ଛାୟା ହୃଦୟକୁ ଦ୍ରବିଭୂତ କରୁଥିଲା ବେଳେ ଆଖି ଆଗରେ ସ୍ୱପ୍ନଙ୍କ ଅସୁମାରୀ ଭିଡ଼ ନୂଆ ଦିଗକୁ ଇଙ୍ଗିତ କରୁଥାଏ। ଅସରା ପଥରେ ଯାତ୍ରା ଆରମ୍ଭ ସହଜ ମନେ ହେଉଥାଏ ହେଲେ ପଥ ସରୁନଥାଏ। ଏହାକୁ ଜୀବନ ବୋଲି ମନେକରି ବଞ୍ଚିବାକୁ ପଡେ। ଜୀବନ ପଥ ସୁଗମ ନୁହଇଁ ଜାଣି ସୁଦ୍ଧା ମଣିଷ ଭ୍ରମିତ ହେଉଥାଏ। ଦିନଟିଏ ବିତିଗଲେ ନିଜ ଆୟୁଷରୁ କିଛି କ୍ଷୟ ହେଲା ବୋଲି ବୁଝିନଥିବା ମଣିଷ ବୟସ ବଢିବାର ଅସୀମ ଆନନ୍ଦକୁ ନେଇ ଖୁସିରେ ଝୁମି ଉଠେ। କିନ୍ତୁ ପରୋକ୍ଷରେ ମୃତ୍ୟୁ ଆଡକୁ ଜୀବନର ଏହି ଯାତ୍ରା ଅତି କଠିନ। ଏତେ କଷ୍ଟ ଭିତରେ ମଣିଷ ଶାନ୍ତି, ପ୍ରୀତି, ମୈତ୍ରୀ ସନ୍ଧାନରେ ଥାଇ ନିଜର ଅହଂକାର ବଶତଃ ଅନେକ କିଛି ତ୍ରୁଟି କରିବସିଥାଏ। ଏହି ତ୍ରୁଟି ବା ଭୁଲ କାରଣରୁ ସେ ଅନେକ କିଛି ନିଜର ହିଁ କ୍ଷତି କରେ। ଏହାର ଭିଭିନ୍ନ ଦିଗ ପ୍ରତି ଧ୍ୟାନ ଦେଲେ ଜଣାଯାଏ ଅହଂକାର ଯୋଗୁଁ ମଣିଷ ନିଜର ସ୍ଥିତି ସିନା ଜାହିର କରିବାକୁ ସକ୍ଷମ ହୁଏ କିନ୍ତୁ ଲୋକପ୍ରିୟତା ହରାଇ ବସେ। ଯେଉଁମାନେ ଦାରିଦ୍ର୍ୟ ଭିତରେ ସୁଖ ଖୋଜନ୍ତି ସେମାନଙ୍କୁ ଯନ୍ତ୍ରଣା ମିଳେ ହେଲେ ମାନସିକ ଶାନ୍ତି ବି ମିଳିଥାଏ। ବିଭିନ୍ନ ସୂତ୍ରରୁ ଆୟ କରୁଥିବା ବ୍ୟକ୍ତି ଯେତେବେଳେ ଧନିକ ବା ପ୍ରତିପତ୍ତି ସମ୍ପନ୍ନ ହୁଏ ତା ଭିତରେ ଅହଂକାର ବଢିଯାଏ। ଅହଂକାର ବଢିଲେ ମଣିଷ ବିବେକଶୂନ୍ୟ ହୋଇ ଅନେକ ଭୁଲ ବି କରିଥାଏ। ତାହାର ପରିଣାମ ଭୋଗିବାକୁ ତ ନିଶ୍ଚୟ ପଡେ। ଏହି କଥାଟିକୁ ମଣିଷ ଆରମ୍ଭରୁ ଯଦି ବୁଝିବିଚାରି କାର୍ଯ୍ୟ କରିପାରନ୍ତା ତେବେ ମଣିଷ ଜନ୍ମର ଯେଉଁ ସାର୍ଥକତା ରହିଛି ସେଥିରେ ସେ ଆଉ ବିଫଳ ହୁଅନ୍ତା ନାହିଁ।

# ପ୍ରକୃତି ଆଉ ପୁରୁଷ



ମନୋଜ କୁମାର ବେହେରା

ଶ୍ରୀକୃଷ୍ଣ କୁହନ୍ତି,'ଜାଣିନିଅ ପ୍ରକୃତି ଆଉ ପୁରୁଷ ଦୁହେଁ ଅନାଦି ଅଟନ୍ତି'। ତିନି ଗୁଣ ଆଉ ଶରୀରରେ ହେବାବାଲା ବିକାର ପ୍ରକୃତିରୁ ଉତ୍ପନ୍ନ ହୋଇଥାଏ। ପ୍ରକୃତି କାରଣ ଆଉ ପ୍ରଭାବ ପାଇଁ ଉତ୍ତରଦାୟୀ ଅଟେ। ପୁରୁଷ ସୁଖ ଆଉ ଦୁଃଖର ଅନୁଭବ ପାଇଁ ଉତ୍ତରଦାୟୀ ଅଟେ । ପ୍ରକୃତିର ପ୍ରଭାବରେ ପୁରୁଷ ଗୁଣର ଅନୁଭବ କରିଥାଏ। ଗୁଣର ପ୍ରତି ଆସକ୍ତି ହିଁ ବିଭିନ୍ନ ଯୋନିରେ ଜନ୍ମର କାରଣ ଅଟେ । ପରିବର୍ତ୍ତନ ପ୍ରକୃତିର ନିୟମ ଅଟେ ଯେଉଁଠି ଆଜିର ସ୍ଥିତି କାଲିର ପରିସ୍ଥିତି ଭିନ୍ନ ହୋଇଥାଏ । ଆଉ ପରିବର୍ତ୍ତନର ନିୟମ ହେଲା, ଆମେ ପରିବର୍ତ୍ତନର ପ୍ରତି ନିଜର ପ୍ରତିରୋଧର କାରଣ ଦୁଃଖ ପାଇଥାଉ। କାହିଁକି ଏହା ପାଇଁ ନିଜକୁ ବଦଳେଇ ବାକୁ ପଡିଥାଏ । । ଅତୀତର ବୋଝ ଆଉ ଭବିଷ୍ୟର ଅପେକ୍ଷାର ବିନା ବର୍ତ୍ତମାନ କ୍ଷଣରେ ଜୀଇଁବା ଏହି ପ୍ରତିରୋଧରୁ ପାର ପାଇବାର ଉପାୟ ଅଟେ।

ପ୍ରକୃତି 'କାରଣ ଆଉ ପ୍ରଭାବର' ପାଇଁ ଉତ୍ତରଦାୟୀ ଅଟେ,ଯେମିତି ପ୍ରାୟତଃ ଭୌତିକ ନିୟମ କୁହାଯାଏ। ପୁରୁଷ ତାହାକୁ ସୁଖ ଆଉ ଦୁଃଖର ରୂପରେ ଅନୁଭବ କରିଥାଏ । ଯେତେବେଳେ ପଥରକୁ ଉପରକୁ ଫୋପାଡିବା ଆଉ ତାହା ତଳକୁ ଆସିଥାଏ ଆଉ ଯେତେବେଳେ ମଞ୍ଜି ପୋତା ଯାଏ,ତାହା ଅଙ୍କୁରିତ ହୋଇଥାଏ ଆଉ ଏହି ସୂଚୀ ଅନନ୍ତ ଅଟେ। ଯେତେବେଳେ ଫୁଲ ଫୁଟିଥାଏ ଆଉ ବାଖ୍ୟା ହିଁ ତାକୁ ସୁନ୍ଦର ବନେଇ ଥାଏ। ସେହି ପ୍ରକାର ମୃତ୍ୟୁ କିମ୍ବା ବିନାଶର ଦୃଶ୍ୟର ବାଖ୍ୟା ଦର୍ଦନାକର ରୂପରେ କରାଯାଏ । ନିଜ-ନିଜର ମନୋସ୍ଥିତିର ଆଧାର ଉପରେ ଗୋଟିଏ ସ୍ଥିତିର ପାଇଁ ଅଲଗା-ଅଲଗା ବ୍ୟକ୍ତିର ବାଖ୍ୟା ଅଲଗା-ଅଲଗା ହୋଇଥାଏ।

ପରିଣାମ ସ୍ୱରୂପ,ବ୍ୟକ୍ତି ସୁଖ ଆଉ ଦୁଃଖ ସ୍ୱଭାବରେ ପରିବର୍ତ୍ତନ ଆଉ ଦୋଷାରୋପଣ ଖେଳରେ ଗତି କରିଥାଏ। ଶ୍ରୀକୃଷ୍ଣ ପ୍ରଥମରୁ ଏଭଳି ବାଖ୍ୟାକୁ କ୍ଷଣିକ ବତେଇଛନ୍ତି ଆଉ ଆମେ ତାହାକୁ ସହନ କରିବାକୁ ଶିଖିବା ପାଇଁ ପରାମର୍ଶ ଦେଇଛନ୍ତି। ସତ୍ତ୍ୱ, ତମୋ, ରଜ ଗୁଣ ପ୍ରକୃତିରୁ ଉତ୍ପନ୍ନ ହୋଇଥାଏ । ଏହାର ପ୍ରଭାବରେ ପୁରୁଷ ବିଭିନ୍ନ ସମସ୍ୟା ଉପରେ ଅଲଗା-ଅଲଗା ଅନୁପାତରେ ଏହି ଗୁଣରୁ ଅନୁଭବ କରିଥାଏ। ଏହି ଅନୁଭବ ଅଥବା ଭ୍ରମ ଆମକୁ ବିଶ୍ୱାସ ଦେଇଥାଏ କି ଆମେ କର୍ତ୍ତା ଅଟନ୍ତି। ଆମର ପାରସ୍ପରିକ ସନ୍ଦର୍ଭ ଗୁଣର ମଧ୍ୟରେ ପରସ୍ପର କ୍ରିୟାର ପରିଣାମ ଅଟେ । ଏହି ସନ୍ଦର୍ଭରେ ଶ୍ରୀକୃଷ୍ଣ ଆମକୁ ବାରମ୍ବାର ଏହି ଗୁଣରୁ ଉପରକୁ ଯାଇ ଗୁଣୋତୀତ ହେବା ପାଇଁ ପରାମର୍ଶ ଦେଇଛନ୍ତି।

*ପ୍ଲଟ ନମ୍ବର-୨୧୭/ପି,*
*ବାୟାବାବାମଠ ଲେନ୍, ୟୁନିଟ୍-୯*
*(ଫ୍ଲାଟ), ଭୁବନେଶ୍ୱର-୨୨*
*ଦୂରଭାଷ : ୭୯୭୮୮୩୦୬୧୧*

**ଯୋଗାଯୋଗ ଠିକଣା**
ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ସାହିତ୍ୟ ଓ ସମାଜ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ



ନରେନ୍ଦ୍ର ପ୍ରସାଦ ବେହେରା

ସାହିତ୍ୟ ଏବଂ ସମାଜ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ କହିଲେ ଅତ୍ୟୁକ୍ତି ହେବ ନାହିଁ। ଭାଷା ସାହିତ୍ୟର ଉନ୍ନତି ହେଲେ ନିଶ୍ଚୟ ସମାଜ ପରିବର୍ତ୍ତନ ହେବ ଏଥିରେ ସନ୍ଦେହ ନାହିଁ। ସମାଜ ଉନ୍ନତି ହେଲେ ସାମାଜିକ ଚଳଣି ମଧ୍ୟ ବଦଳି ଯିବ। ଭାଷା ଜ୍ଞାନର ପରିବର୍ତ୍ତନ ଓ ମାର୍ଜିତ ହେବ। ବାଲେଶ୍ୱର ଜିଲ୍ଲା ହେଉଛି କବି, ସାହିତ୍ୟ, ସଂସ୍କୃତି, ଶିକ୍ଷା ଓ କଳାର ମାଟି। ଏହି ମାଟିରେ କେତେ କେତେ ମହାନ କଳାକାର ଯୁଗଜନ୍ମା ଜନ୍ମ ହୋଇ ଇହଧାମ ପରିତ୍ୟାଗ କଲେଣି। ଓଡ଼ିଆ ସାହିତ୍ୟର ଜନକ ଫକୀରମୋହନ ଏହି ବାଲେଶ୍ୱର ମାଟିର ସନ୍ତାନ। ସେ ଯେଉଁ କାଳଜୟୀ ରଚନା କରିଯାଇଛନ୍ତି ତାହା ଆଜି ବି ଜନମାନସରେ ଉଜ୍ଜ୍ୱଳ ତାରକା ହୋଇ ରହିଛି। ତାଙ୍କ ଲେଖା ଅତ୍ୟନ୍ତ ଶିକ୍ଷଣୀୟ ଓ ସମାଜ ପରିବର୍ତ୍ତନ ପୂର୍ଣ୍ଣ ଥିଲା। ଏମିତି ଅନେକ କବି କଳାକାରଙ୍କ ବଳିଷ୍ଠ ଲେଖା ଓ ବଳିଦାନ ଏ ମାଟିକୁ ଯୁଗଯୁଗ ପାଇଁ ଧନ୍ୟ କରିଛି। ଭାଷା ସାହିତ୍ୟକୁ ଜୀବିତ ରଖିବା ପାଇଁ ଗଢ଼ି ଉଠିଛି ଅନେକ ସାହିତ୍ୟ ଅନୁଷ୍ଠାନ। ଇତିହାସ ପୃଷ୍ଠାକୁ ଓଲଟାଇଲେ ଜିଲ୍ଲାର ପ୍ରକୃତ ମାନଚିତ୍ର ଦୃଷ୍ଟି ଗୋଚର ହୁଏ। ନୌବାଣିଜ୍ୟ କ୍ଷେତ୍ରରେ ଦିନେ ଶ୍ରେଷ୍ଠ ସ୍ଥାନ ଅଧିକାର କରିଥିଲା ବାଲେଶ୍ୱର। ଏହା ଏକ ସଂସ୍କୃତି ସମ୍ପନ୍ନ ଜିଲ୍ଲା। ବିଭିନ୍ନ ସ୍ଥାନରେ ଅତୀତର ସେଇ ଅଭୁଲା କୀର୍ତ୍ତି ଏବେବି ଦଣ୍ଡାୟମାନ। ପଶ୍ଚିମରେ ଦେବଗିରି ପାହାଡ଼ ଓ ପୂର୍ବରେ ବଙ୍ଗୋପସାଗର। ଆମେମାନେ ଫକୀରମୋହନ ମାଟିର ଦାୟାଦ। କଳା, ସାହିତ୍ୟ ଓ ସଂସ୍କୃତିର ରକ୍ଷକ। ଅତୀତର ସେହି କାଳଜୟୀ କବିଙ୍କ ଭାଷା ସାହିତ୍ୟକୁ ଉଜ୍ଜୀବିତ କରି ରଖିବା ପାଇଁ ଏ ମାଟିର ପ୍ରତ୍ୟେକ ସନ୍ତାନଙ୍କ ହୃଦୟ ବ୍ୟାକୁଳିତ।

ଇତିହାସର ମୂକସାକ୍ଷୀ ଭାବେ ଅନେକ ଐତିହାସିକ କୀର୍ତ୍ତି ବିଦ୍ୟମାନ। ଭୌଗଳିକ ସ୍ଥିତି ମଧ୍ୟ ଯଥେଷ୍ଟ ଉନ୍ନତି। ସବୁପରେ ବି ଏ ମାଟିର କବି କଳାକାର ମାନେ ନିଜର ସାଧ୍ୟମତେ ଐତିହ୍ୟ, ସଂସ୍କୃତି, କଳା ସାହିତ୍ୟକୁ ବଞ୍ଚେଇ ରଖିବା ପାଇଁ ଅହରହ ଉଦ୍ୟମ ଜାରି ରଖିଛନ୍ତି। ଭାଷ ସାହିତ୍ୟର ଅଭିବୃଦ୍ଧି ନିମନ୍ତେ ସ୍ଥାନେ ସ୍ଥାନେ ସାହିତ୍ୟ ଅନୁଷ୍ଠାନ ମାନ ଗଢ଼ି ଉଠିଛି। ସାରା ରାଜ୍ୟରୁ ବିଭିନ୍ନ ପ୍ରତିଭାଧାରୀ ମାନେ ବାଲେଶ୍ୱର ମାଟିକୁ ଆସି ସାହିତ୍ୟ ପ୍ରୋଗାମରେ ଅଂଶ ଗ୍ରହଣ କରି ନିଜକୁ ଗୌରବାନ୍ୱିତ କରିବା ସଙ୍ଗେ ସଙ୍ଗେ ଏ ମାଟିକୁ ଧନ୍ୟ କରୁଛନ୍ତି। ସାହିତ୍ୟ ଅନୁଷ୍ଠାନ ମାଧ୍ୟମରେ ଏ ମାଟି ତଥା ଜିଲ୍ଲାକୁ ଆଉ ପାଦେ ଆଗେଇ ନେବାକୁ ଶତଚେଷ୍ଟିତ ମାଟିର ଦାୟାଦ ମାନେ। ଭାଷା ସାହିତ୍ୟର ଉନ୍ନତି ହେଲେ ସମାଜର ଉନ୍ନତି ହେବ, ଜଣେ ଜଣଙ୍କୁ ଉତ୍ତମ ବ୍ୟବହାର ପ୍ରଦର୍ଶନ କଲେ ଉତ୍ତମ ବ୍ୟବହାର ପାଇବା ଜରୁରୀ। ସୁନ୍ଦର ଓ ଶିକ୍ଷଣୀୟ ବାର୍ତ୍ତା ସମାଜର ସବୁ ବର୍ଗର ବ୍ୟକ୍ତି ପାଇଁ ଆବଶ୍ୟକ। ତେଣୁ କାହାକୁ ହୀନ ନ ମଣି ଉତ୍ତମ ବ୍ୟବହାର ଦ୍ୱାରା ବାନ୍ଧି ରଖିବା ଜଣେ ବ୍ୟକ୍ତି ପ୍ରତି ଶ୍ରେଷ୍ଠ ଉପାଦାନ। ହେ ମୋର ସାହିତ୍ୟ ବନ୍ଧୁ ମାନେ! ଆସନ୍ତୁ ସମସ୍ତେ ମିଳିମିଶି ସାହିତ୍ୟ ସମୃଦ୍ଧି ପାଇଁ କଲମ ଚାଳନା କରିବା।

ବର୍ତ୍ତମାନ ସମାଜରେ ଗଦ୍ୟ ସାହିତ୍ୟ ଅବହେଳିତ ଅବସ୍ଥାରେ। ଗଦ୍ୟ ସାହିତ୍ୟ ଲେଖିବା ପାଇଁ କବି ଲେଖକ ମାନଙ୍କର ମନ ପ୍ରାୟ ବଳୁ ନାହିଁ। ଜିଲ୍ଲାରେ କିମ୍ବା ରାଜ୍ୟରେ ବହୁ ସାହିତ୍ୟ ଅନୁଷ୍ଠାନ ଗଢ଼ି ଉଠିଛି ହେଲେ ବାର୍ଷିକ ଉତ୍ସବରେ ଗଦ୍ୟ ସାହିତ୍ୟ ପଠନ ଦୃଶ୍ୟହୀନ। ଏଣୁତେଣୁ କବିତାଟିଏ ଲେଖି ଦେଲେ କେହି କେବେ କବି ପଦବାଚ୍ୟ ହୋଇପାରେନା। ଲେଖା ଯଦି ପାଠକଙ୍କ ହୃଦୟ ସ୍ପର୍ଶ ନ କଲା ତାହା କି ଲେଖା। ଲେଖାରେ ଯଦି ସମାଜ ପରିବର୍ତ୍ତନର ବାର୍ତ୍ତା ନାହିଁ ସେ ଲେଖାର ଆଦୃତ କମ୍। ଏସବୁକୁ ହୃଦୟଙ୍ଗମ କରି ଗତ ୨୦୧୯ ମସିହାରେ ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକରେ କବିକମଳ ନରେନ୍ଦ୍ର ପ୍ରସାଦ ବେହେରାଙ୍କ କରକମଳରେ ଗଢ଼ି ଉଠିଛି ମୋ ଅନୁଷ୍ଠାନ ସାହିତ୍ୟ ସଂସଦ, ଆଳଦା, ଖଇରା, ବାଲେଶ୍ୱର। ଅନୁଷ୍ଠାନ ଗଠନର ମୁଖ୍ୟ ଉଦ୍ଦେଶ୍ୟ ଗଦ୍ୟ ସାହିତ୍ୟର ଉନ୍ନତି। ଏହା ଏକ ସାହିତ୍ୟ ଶିକ୍ଷାର ଅନୁଷ୍ଠାନ କହିଲେ ଅତ୍ୟୁକ୍ତି ହେବନାହିଁ। ଏଠି ନୂଆ ପୁରୁଣା ସମସ୍ତ ସାହିତ୍ୟ ବନ୍ଧୁଙ୍କୁ ସମ୍ମାନ ମିଳେ। ସାହିତ୍ୟ ଶିକ୍ଷାରେ ପାରଙ୍ଗମ ହୋଇ ଅନେକ ଅନୁଷ୍ଠାନରେ ପଦପଦବୀ ମଣ୍ଡନ କରିବା ଅନୁଷ୍ଠାନ ପକ୍ଷେ ବଡ଼ ଗୌରବ। ସମ୍ବାଦ, ସାହିତ୍ୟ ଓ ସମାଜସେବାକୁ ପାଥେୟ କରି ଆଗେଇ ଚାଲିଛି ଅନୁଷ୍ଠାନ। ପ୍ରତ୍ୟେକ ବର୍ଷ ଡିସେମ୍ବର ମାସ ୨୭ ତାରିଖ ଅନୁଷ୍ଠାନର ବାର୍ଷିକ ଉତ୍ସବ। କିନ୍ତୁ ବର୍ଷତମାମ ଅନୁଷ୍ଠାନ ସମାଜସେବା କାର୍ଯ୍ୟ କରିଥାଏ। କମ୍ବଳ, ମଶାରୀ, ଛତା, ପାଣିବୋତଲ, ଅନ୍ନ, ବସ୍ତ୍ର ବଣ୍ଟନ କରିବା ସହିତ ଅସହାୟ ଲୋକଙ୍କୁ ତହସିଲ, ବ୍ଲକ ଏବଂ ସରକାରୀ ଓ ବେସରକାରୀ କ୍ଷେତ୍ରରେ ନ୍ୟାୟ ପାଇଁ ଦଣ୍ଡାୟମାନ ହୋଇଥାଏ ମୋ ଅନୁଷ୍ଠାନ। ଅସହାୟ ମଣିଷର ବନ୍ଧୁ ମୋ ଅନୁଷ୍ଠାନ। କାହାର କୌଣସି ସମସ୍ୟା ଦୃଷ୍ଟିକୁ ଆସିଲେ ତୁରନ୍ତ ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା କରାଯାଏ ସମାଧାନ ପାଇଁ। ଏମିତି ଅନେକ ସମସ୍ୟା ସମାଧାନ ମଧ୍ୟ ହୋଇଛି ପ୍ରତିଷ୍ଠାତା ଓ ସମ୍ପାଦକ ନରେନ୍ଦ୍ର ପ୍ରସାଦ ବେହେରାଙ୍କ ମାଧ୍ୟମରେ। ଘରକୋଣର ଲୁକ୍କାୟିତ ହୋଇ ରହିଥିବା ପ୍ରତିଭା ମାନଙ୍କୁ ସମାଜରେ ପରିଚିତ କରାଇଥାଏ ଅନୁଷ୍ଠାନ। ମୋ ଅନୁଷ୍ଠାନ ହ୍ୱାଟ୍ସଆପ୍ ଏବଂ ଫେସବୁକ୍ ଗୃପରେ ବିଭିନ୍ନ ପ୍ରତିଯୋଗିତା ମାଧ୍ୟମରେ ସାହିତ୍ୟ ଜ୍ଞାନ ବୃଦ୍ଧି କରିଥାଏ। ମୁଖ୍ୟତଃ ଗଦ୍ୟ ସାହିତ୍ୟ ପ୍ରତି ଧ୍ୟାନ ଦେଇ ଅନେକଙ୍କ ହୃଦୟରେ ଗଦ୍ୟ ସାହିତ୍ୟର ଉନ୍ନତି ଚିନ୍ତାଧାରା ଭରିଦେଇଛି। ସାପ୍ତାହିକ, ପାକ୍ଷିକ, ମାସିକ ଓ ଅଘୋଷିତ ପ୍ରତିଯୋଗିତା ସମସ୍ତଙ୍କ ପାଇଁ ଉଦାହରଣ ହେ୍ୱା ଅତ୍ୟନ୍ତ ଖୁସି ଖବର। ମେଧାଅନ୍ୱେଷଣ ମଧ୍ୟ ଅନ୍ୟ ଏକ ଅଂଶ। ବର୍ତ୍ତମାନ ସମାଜରେ ହଜି ଯାଉଥିବା ଗଦ୍ୟ ସାହିତ୍ୟକୁ ଉଜ୍ଜୀବିତ କରି ରଖିବା ପାଇଁ ସମସ୍ତ କବି ଲେଖକଙ୍କୁ ମୋର ବିନମ୍ର ନିବେଦନ। କବିତା ଠାରୁ ଗଦ୍ୟ ସାହିତ୍ୟକୁ ବେଶି ଆପଣେଇବା ଆବଶ୍ୟକ। ଯେତିକି ପରିମାଣରେ କବିତା ଦୃଷ୍ଟି ଗୋଚର ହେଉଛି ସେହି ପରିମାଣରେ ଗଦ୍ୟ ସାହିତ୍ୟ ଅର୍ଥାତ ଗଳ୍ପ ପ୍ରବନ୍ଧ ଦୃଷ୍ଟି ଗୋଚର ହେଉନାହିଁ। ଆସନ୍ତୁ ଶିକ୍ଷଣୀୟ ଗଦ୍ୟ ସାହିତ୍ୟ ରଚନା କରନ୍ତୁ, ସମାଜ ତଥା ଭାଷା ସାହିତ୍ୟର ଉନ୍ନତି ନିମନ୍ତେ ସୁନ୍ଦର, ଶିକ୍ଷଣୀୟ, ପରିବର୍ତ୍ତନ ମୂଳକ ଓ ତଥ୍ୟ ଭିତ୍ତିକ ଗଦ୍ୟ ସାହିତ୍ୟ ଲେଖି ନିଜକୁ ଧନ୍ୟ ମନେକରନ୍ତୁ, ଯାହାଦ୍ୱାରା ଏ ସମାଜର କଲ୍ୟାଣ ସାଧନ ହେବ। ପାଠାଗାର ପରେ ଲୋକଙ୍କୁ ରୋଜଗାର ଯୋଗାଇ ଦେବା ଲକ୍ଷ୍ୟରେ ସିଲେଇ ଶିକ୍ଷା କେନ୍ଦ୍ର ଖୋଲିଛି ଅନୁଷ୍ଠାନ। ଯାହାର ନାମ ରହିଛି 'ମୋ ଅନୁଷ୍ଠାନ ସିଲେଇ ଶିକ୍ଷା କେନ୍ଦ୍ର'। ସ୍ୱାବଲମ୍ବୀ କ୍ଷେତ୍ରରେ ସାହିତ୍ୟ ଶିକ୍ଷା ସହିତ ଆଗକୁ ଆହୁରି ଅନେକ ପ୍ରକାର ଯୋଜନା ପାଇଁ ଚିନ୍ତା କରୁଛି ଅନୁଷ୍ଠାନ। ଆର୍ଥିକ ମାନଦଣ୍ଡ ବଢ଼ିଲେ ନିଶ୍ଚୟ ସମାଜର ଉନ୍ନତି ସାଧନ ହେବ ଏଥିରେ କୌଣସି ସନ୍ଦେହ ନାହିଁ।

*ସମ୍ପାଦକ-ମୋ ଅନୁଷ୍ଠାନ*
*ଆଳଦା, ଖଇରା, ବାଲେଶ୍ୱର*
*ଦୂରଭାଷ : ୯୮୫୩୧୪୨୫୧୦*

# ବିଭିନ୍ନତାରେ ଏକତା - ଆମର ଜାତୀୟ ଶକ୍ତି



ରେଣୁବାଳା ମହାପାତ୍ର

ବିବିଧତାରେ ଏକତା - ଭାରତବର୍ଷର ବିଶେଷତା। ସମଗ୍ର ବିଶ୍ୱରେ ଭାରତବର୍ଷର ଗୌରବର ପଟାନ୍ତର ନାହିଁ। ବିଭିନ୍ନ ଧର୍ମ, ଏକାଧିକ ଭାଷା, ବିପୁଳ ଐଶ୍ୱର୍ଯ୍ୟ ଓ ଦର୍ଶନର ମନୋଜ୍ଞ ସମନ୍ୱୟ ଭାରତ। ଏହାର ସଭ୍ୟତା ଯେପରି ପ୍ରାଚୀନ, ପରମ୍ପରା ସେହିପରି ସ୍ୱତନ୍ତ୍ର, ଉତ୍ତରରେ କାଶ୍ମୀର ଠାରୁ ଦକ୍ଷିଣରେ କନ୍ୟାକୁମାରୀ ପର୍ଯ୍ୟନ୍ତ ବିସ୍ତୃତ ଏକ ଦୀର୍ଘ ଓ ପ୍ରଶସ୍ତ ଭୂଭାଗ ହେଉଛି 'ଭାରତବର୍ଷ'।

ବିଶ୍ୱରେ ଏକମାତ୍ର ମାତୃପ୍ରତିମ ଦେଶ। ଏକ ବିଶାଳ ସାଂସ୍କୃତିକ, ଐତିହାସିକ ଏବଂ ରାଜନୈତିକ ସମୂହ, ଯେଉଁଠାରେ କି ଏକ ସାଧାରଣ ଭାଷା, ଜାତୀୟତା, ଇତିହାସ, ସଂସ୍କୃତି, ପରମ୍ପରା,ବିଚାରଧାରା, ରୀତି - ନୀତି, ଆଚରଣ, ଅଭ୍ୟାସ ଓ ଆର୍ଥିକ ଜୀବନ ସହିତ ଏକ ନିର୍ଦ୍ଦିଷ୍ଟ ଭୌଗୋଳିକ କ୍ଷେତ୍ର ମଧ୍ୟରେ ନିଜର ସ୍ୱତନ୍ତ୍ରତା, ଏକତା ଓ ବିକାଶର ଲକ୍ଷ୍ୟ ଉଦ୍ଦେଶ୍ୟରେ ସଚେତନ ରହି ନିଜ ଉପରେ ଶାସନ କରିବା ପାଇଁ ସ୍ୱୟଂ ଏକ ସରକାର ଗଠନ କରିଥାନ୍ତି, ଯେ ସେଇ ରାଷ୍ଟ୍ର ଭାରତ।

ଭାରତର ଏକତା ଓ ସଂଘବଦ୍ଧର ପ୍ରତୀକ ଏବଂ ଏକତାବଦ୍ଧ ଭାରତ ଗଠନ ପାଇଁ ପ୍ରତିବର୍ଷ ଅକ୍ଟୋବର ୩୧ ତାରିଖରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜନ୍ମଦିନକୁ ରାଷ୍ଟ୍ରୀୟ ଏକତା ଦିବସ ରୂପେ ପାଳନ କରାଯାଉଛି।

ଭାଷାବାଦ, କ୍ଷେତ୍ରବାଦ, ଜାତିବାଦ ଓ ସାମ୍ପ୍ରଦୟିକତାବାଦ ଇତ୍ୟାଦି ଆମ ଏକତା ପଥରେ ଦୃଢ଼ ପ୍ରତିବନ୍ଧକ କିନ୍ତୁ ଏସବୁ ପ୍ରତିବନ୍ଧକ ଆମ ରାଷ୍ଟ୍ରୀୟ ଚେତନାକୁ ନଷ୍ଟ କରିପାରି ନାହିଁ। ବିବିଧତା ଭିତରେ ଏକତା ହିଁ ଆମ ସମୃଦ୍ଧିର କାରଣ ଓ ଅନେକତା ମଧ୍ୟରେ ଏକତା ଏହାର ପବିତ୍ର ଧାରା, ଯାହା ପ୍ରାଚୀନକାଳରୁ ଏପର୍ଯ୍ୟନ୍ତ ପ୍ରବାହିତ ହୋଇଆସୁଛି। ତଥାପି ଏଥିରେ ସମସ୍ୟାର ସ୍ୱର ଶୁଣାଯାଉଅଛି। ଭାରତର ନାଗରିକ ବହୁ ବାର ସାମ୍ପ୍ରଦୟିକ ସଦ୍ଭାବର ଅଭାବକୁ ଅନୁଭବ କରିଛନ୍ତି କିନ୍ତୁ ସର୍ବଶେଷରେ ଭାରତବର୍ଷର ଆତ୍ମା ଏକ ଓ ଅଭିନ୍ନ।

ଭାରତମାତାର ପରାଧିନତାର ଶୃଙ୍ଖଳାକୁ ଛିନ୍ନ କରିବାରେ ଆମ ଏକତା ବହୁତ୍ ବଡ଼ ଭୂମିକା ନିର୍ବାହ କରିଛି। ଭାଷା ମଧ୍ୟ ଆମ ଏକତା ପଥରେ ବହୁ ଥର ପ୍ରତିବନ୍ଧକ ଆଣିଛି, କିନ୍ତୁ ଏ ପ୍ରକାର ସଂକୀର୍ଣ୍ଣ ମାନସିକତା ଆମ ଐକ୍ୟ ଭାବ ସମ୍ମୁଖରେ ତିଷ୍ଠି ରହି ପାରିନାହିଁ। ଆମେ କୌଣସି ଧର୍ମ, ସମ୍ପ୍ରଦାୟ, ଭାଷାଭାଷୀ ହେବା ଆଗରୁ ଭାରତୀୟ ହିଁ ଅଟୁ। ଭାରତର ଭୌଗୋଳିକ ସମୃଦ୍ଧି ଏହାକୁ ସମଗ୍ର ବିଶ୍ୱରେ ଅଦ୍ଭୁତ ରାଷ୍ଟ୍ର ଭାବେ ନିର୍ମାଣ କରିଛି।

ଭାରତ ଆମର ଦେଶ,ଭରତୀୟ ଆମର ପରିଚୟ। ଦୁନିଆର କୌଣସି ଧର୍ମ କିମ୍ବା ସମ୍ପ୍ରଦାୟ ଆମକୁ ସଂକୀର୍ଣ୍ଣ ମାନସିକତାର ଶିକ୍ଷା ଦିଏ ନାହିଁ। ସମ୍ପ୍ରଦାୟ ଶିଖାଏ ନାହିଁ ପରସ୍ପର ମଧ୍ୟରେ ଶତ୍ରୁତା। ଆମର ଦୀର୍ଘ ସମୟ ପରାଧୀନତାର ସବୁଠାରୁ ମହତ୍ତ୍ୱପର୍ଣ୍ଣ କାରଣ କେବଳ ସାମ୍ପ୍ରଦୟିକ ସଂକୀର୍ଣ୍ଣତା ହିଁ ଥିଲା। ଇଂରେଜ ମାନେ ଆମର ଏହି ଦୁର୍ବଳତାର ସୁଯୋଗ ଉଠାଇଥିଲେ ଏବଂ ସେମାନଙ୍କର ଶାସନକାଳ ଆମର ସବୁଠୁ ବଳି ଦୁର୍ଦ୍ଦିନ ଥିଲା ବୋଲି ସ୍ୱୀକାର କରାଯାଏ। ଯଦି ଆମେ ଜାତି, ଭାଷା ଓ ସମ୍ପ୍ରଦାୟ ର ଛୋଟ ଛୋଟ ଅଂଶ ଭାବେ ଅଲଗା ହୋଇ ରହିବା, ତେବେ କେହି ବି ଆମକୁ ସହଜରେ ଭାଙ୍ଗି ଦେଇପାରିବ, ମାତ୍ର ଏକତା ସୂତ୍ରରେ ବାନ୍ଧି ହୋଇ ରହିଲେ ଆମକୁ ପରାସ୍ତ କରିବା ଅସମ୍ଭବ।

ଏକବିଂଶ ଶତାବ୍ଦୀର ଭାରତ ଏକ ସମ୍ଭାବନାମୟ ଭାରତ।ସାରା ଦୁନିଆରେ ଭାରତୀୟ ସଂସ୍କୃତି ପ୍ରାଚୀନତମ ଓ ସର୍ବଶ୍ରେଷ୍ଠ ସଂସ୍କୃତି ଅଟେ। ଏହି ସଂସ୍କୃତି ସମଗ୍ର ବିଶ୍ୱକୁ ସର୍ବେ ଭବନ୍ତୁ ଶୁଖିନଃ ର ମହାନ୍ ମନ୍ତ୍ରରେ ଦୀକ୍ଷିତ କରାଇଛି। ଏହି ସଂସ୍କୃତି ସତ୍ୟ, ଅହିଂସା, ପରୋପକାର, ଦାନ, କ୍ଷମା ପରି ମହାନ୍ ମୂଲ୍ୟବୋଧର ଶିକ୍ଷା ଦେଇଛି। ମହାତ୍ମା ବୁଦ୍ଧ, ମହାବୀର, ସ୍ୱାମୀ ବିବେକାନନ୍ଦଙ୍କ ଭଳି ମହାନ୍ ବ୍ୟକ୍ତିତ୍ୱ ସମଗ୍ର ବିଶ୍ୱକୁ ନୈତିକ ଜ୍ଞାନ ପ୍ରଦାନ କରିଛନ୍ତି। ଆମ ସଂସ୍କୃତି ସବୁ ଧର୍ମକୁ ସମାନ ଭାବରେ ସମ୍ମାନ କରେ। ଏଠାରେ ସାମ୍ବିଧାନିକ ମୂଲ୍ୟବୋଧ ସହିତ ସର୍ବ ଧର୍ମର ସଦ୍ଭାବ ଲକ୍ଷ୍ୟ କରାଯାଏ।ଅନେକତା ମଧ୍ୟରେ ଏକତା ଭାରତୀୟ ସଂସ୍କୃତିର ମୂଳ ବୈଶିଷ୍ଟ୍ୟ। ଆମ ଦେଶ ଜ୍ଞାନ, ବିଜ୍ଞାନ, ବ୍ୟବସାୟ, ଶିକ୍ଷା ଓ ଆଧାତ୍ମ୍ୟ ଆଦି ସବୁ କ୍ଷେତ୍ରରେ ଏବଂ ବିଶ୍ୱର ସବୁଠାରୁ ବଡ ଗଣତାନ୍ତ୍ରିକ ରାଷ୍ଟ୍ର ଭାବରେ ପରିଗଣିତ।

ଆଜିର ଯୁଗରେ ଅସହିଷ୍ଣୁତା, ଅସମାନତା ଓ ଅନେକ ସାମାଜିକ ବିଭାଜନ ଦେଖାଯାଉଛି, ସେଥିରେ ଯୁବପିଢ଼ିର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ରାଷ୍ଟ୍ରୀୟ ଏକତା ଦିବସରେ ଯୁବପୀଢ଼ି ବିଦ୍ୟାଳୟ, କଲେଜ ଓ ବିଭିନ୍ନ ଅନୁଷ୍ଠାନରେ "ଜଙ୍କଭ ଲକ୍ଷ୍ମ ଟଭସଷ୍ଟଛ", ଏକତା ରାଲି, ସାମୁହିକ ଶପଥ ଓ ସଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ଜନ ଜାଗରଣ ସୃଷ୍ଟି କରିବା ଉଚିତ୍। ସେମାନେ ଡିଜିଟାଲ ମିଡିଆ ଅର୍ଥାତ୍ ସୋସିଆଲ ମିଡିଆରେ ଏକତା ଅଭିଯାନ, ଛୋଟ ଫିଲ୍ମ ଓ ସୃଜନଶୀଳ ଅଭିନବ ପ୍ରୟାସ ମାଧ୍ୟମରେ ଏକତାର ମହତ୍ତ୍ୱ ବିଷୟରେ ଅବଗତ କରାଇପାରିବେ। ଏକତା ଦିବସ ଗୋଟିଏ ଦିନର ଉତ୍ସବ ନୁହେଁ ବରଂ ଏକ ସଙ୍କଳ୍ପ — ଯେଉଁଥିରେ ଆମେ ସମସ୍ତ ଭାରତୀୟ ଏକତା, ସମାନତା ଓ ଭାଇଚାରାର ସୂତ୍ରରେ ଆବଦ୍ଧ ରହିବାକୁ ପ୍ରତିଜ୍ଞା କରିବା ଉଚିତ୍।

ଭାରତବର୍ଷର ଜଣେ ସଜାଗ ନାଗରିକ ଭାବରେ ଆମର ପରିବାର, ସମାଜ, ସହର,ଦେଶ ଓ ମାନବତା ଇତ୍ୟାଦିର ସୁରକ୍ଷା ନିମିତ୍ତ କର୍ତ୍ତବ୍ୟ ରହିବା ଉଚିତ୍।ସମସ୍ତ ନାଗରିକ ରାଷ୍ଟ୍ର ପ୍ରତି ବିଶ୍ୱସ୍ତ ରହିବା, ସାମ୍ବିଧାନିକ ନିୟମ ଅନୁସାରେ ଚଳିବା, ଆଇନ୍ ର ସୁରକ୍ଷା କରିବା, ଠିକ୍ ସମୟରେ ସରକାରଙ୍କୁ ଶୁଳ୍କ ଦେବା, ଦେଶରେ ଅଶାନ୍ତି ଓ ସମସ୍ୟା ସୃଷ୍ଟି ନକରିବା ଏବଂ ସରକାରଙ୍କର ଜନମଙ୍ଗଳ ଯୋଜନା ଗୁଡ଼ିକୁ ସଫଳ କରିବାରେ ସହଯୋଗ କରିବା ଆମର ଦାୟିତ୍ୱ। ଯୁବମାନେ ହେଉଛନ୍ତି ଦେଶର ଶକ୍ତି, ଯେଉଁମାନେ ନୂତନ ଚିନ୍ତା ଓ ସମନ୍ୱୟର ମାଧ୍ୟମରେ ଏକତାର ସନ୍ଦେଶକୁ ଗାଁ ରୁ ସହର ପର୍ଯ୍ୟନ୍ତ ପହଞ୍ଚାଇ ପାରିବେ। ଆଜିର ଏହି ବସ୍ତୁବାଦୀ ଯୁଗରେ ନିଜର ସ୍ୱାର୍ଥ ହାସଲ ପାଇଁ ରାଷ୍ଟ୍ରୀୟତା ଓ ଦେଶଭକ୍ତି ଭଳି ଶବ୍ଦ ନିଜର ଅସ୍ତିତ୍ୱ ହରାଇଛନ୍ତି। ମାତ୍ର ଯେବେ ଯେବେ ରାଷ୍ଟ୍ର ପ୍ରତି ବିପଦ ଆସିଛି ଓ ଏହାର ସ୍ୱାଭିମାନରେ ଆଞ୍ଚ ଆସିଛି, ସେତେବେଳେ ରାଷ୍ଟ୍ରହିତରେ ସବୁ ନାଗରିକ ଏକତ୍ରିତ ହୋଇ ଏହାର ସୁରକ୍ଷା କରିଛନ୍ତି।

ବିବିଧତା ସାମଞ୍ଜସ୍ୟ ଶକ୍ତିକୁ ଜନ୍ମ ଦିଏ ଏବଂ ସେଥିରେ ଅସମନ୍ୱୟ ସୃଷ୍ଟି ହେଲେ ତାହା କଳହର ରୂପ ନିଏ। ଭାରତ ଏକ ଅଖଣ୍ଡ ଜାତି-ଯାହାର ଶକ୍ତି ଏକତାରେ, ଭିନ୍ନତାରେ ନୁହେଁ।ଆଜି ଆମ ଦେଶ ଭାରତବର୍ଷ ବିଶ୍ୱର ଶକ୍ତିଶାଳୀ ରାଷ୍ଟ୍ର ମାନଙ୍କ ମଧ୍ୟରୁ ଅନ୍ୟତମ। ତେଣୁ ଆମକୁ ବିବିଧତାର ସମୃଦ୍ଧି ଓ ଏକତାର ଶକ୍ତିକୁ ଅତୁଟ ରଖିବାକୁ ପଡିବ। ଏଥିପାଇଁ ଦେଶର ସୌନ୍ଦର୍ଯ୍ୟବୋଧ ଓ ଶକ୍ତିବୋଧକୁ ରକ୍ଷା କରିବା ପ୍ରତ୍ୟେକ ଦେଶ ବାସୀଙ୍କର ପ୍ରମୁଖ ଦାୟିତ୍ୱ ହେବା ଉଚିତ୍।ଆଜିର ଯୁବପିଢ଼ି ଏହି ମୂଲ୍ୟବୋଧକୁ ଜୀବନରେ ଅନୁସରଣ କଲେ, ଜାତି, ଧର୍ମ ଓ ଭାଷାର ଭିନ୍ନତା ଆମ ମଧ୍ୟରେ ଦୂରତା ଆଣିପାରିବ ନାହିଁ ଏବଂ ଏକ ସୁସଂଘଟିତ, ସମୃଦ୍ଧ ଓ ଶକ୍ତିଶାଳୀ ରାଷ୍ଟ୍ର ଗଠନ ହୋଇପାରିବ। ଭିନ୍ନତା ମଧ୍ୟରେ ଏକତା ହିଁ ଦେଶଭକ୍ତି। ତେଣୁ ଆଜିର ଦିନରେ ଆମ ଦେଶବାସୀଙ୍କ ମନରେ ଏତିକି ସଂକଳ୍ପ ରହୁ, ଆମ ଦେଶ ଭାରତବର୍ଷର ସମ୍ମାନ, ସମନ୍ୱୟ ଓ ଏକତା ଅବିଚ୍ଛିନ୍ନ ରହୁ।

*ଅନୁଗୋଳ*

# ଶହୀଦ ସଂଗ୍ରାମୀ - ଜୟୀ ରାଜଗୁରୁ



ଅକ୍ଷୟ କୁମାର ରାଉତ

ଯେଉଁ ଦେଶର କ୍ଷିତ୍, ଆପ୍, ତେଜ, ମରୁତ୍ ଓ ବ୍ୟୋମରେ ଜୟୀ କୃଷ୍ଣ ରାଜଗୁରୁଙ୍କ ଶରୀର ଗଠିତ ହୋଇଅଛି। ଯେଉଁ ଦେଶ ତାଙ୍କର ଜିହ୍ୱାରେ ଅଙ୍କନ କରିଛି ଜନ୍ମମାଟିର ଭାଷା, ଯେଉଁ ଦେଶର ଇତିହାସରୁ ସେ ପ୍ରେରଣା ଲାଭ କରିଛନ୍ତି, ସେହି ମାତୃଭୂମି, ସ୍ୱଦେଶକୁ ଦୁର୍ଗତି ଓ ଦୁର୍ଦ୍ଦଶାରୁ ରକ୍ଷା କରିବା ତାଙ୍କ ପାଇଁ ଦୃଢ଼ ସଂକଳ୍ପ, ତାଙ୍କର ଦେଶପ୍ରେମ, ସାହସ ଓ ତ୍ୟାଗ ଓଡିଶା ଇତିହାସରେ ବିରଳ। ଜୟୀ କୃଷ୍ଣ ରାଜଗୁରୁ ଅବିଭକ୍ତ ପୁରୀ ଜିଲ୍ଲାର ବୀରହରେକୃଷ୍ଣପୁର ଶାସନରେ ଏକ କୁଳୀନ ବ୍ରାହ୍ମଣ ବଂଶରେ ୧୭୩୯ ମସିହା ଅକ୍ଟୋବର ମାସ ୨୯ ତାରିଖରେ ଜନ୍ମ ଗ୍ରହଣ କରିଥିଲେ ବୋଲି ସ୍ଥିର କରାଯାଇଛି। ତାଙ୍କର ପିତାଙ୍କ ନାମ ଚନ୍ଦ୍ରଶେଖର ରାଜଗୁରୁ (ଚାନ୍ଦ ମହାପାତ୍ର) ଏବଂ ମାତାଙ୍କର ନାମ ହାରାମଣି ଦେବୀ।

ବାଲ୍ୟକାଳରୁ ଜୟୀକୃଷ୍ଣ ଗୁରୁଣ୍ଡି ଗୁରୁଣ୍ଡି ଗୋଟିଏ ଘୋଡାର ବେଲ୍ଟକୁ ଧରି ଘୋଡା ଉପରକୁ ଉଠିବାକୁ ଚେଷ୍ଟା କରୁଥିଲେ। ଏହି ଦୃଶ୍ୟ ପିତା ଚାନ୍ଦ ରାଜଗୁରୁ ଦେଖି ଆଶ୍ଚର୍ଯ୍ୟ ହୋଇଗଲେ। ସେହିଦିନଠାରୁ ସେ ଘୋଡା ଉପରେ ଖେଳୁଥିବା ଦେଖାଯାଉଥିଲା। ପିଲାଦିନରୁ ଏହି ସାହାସ ତାଙ୍କର ଜଣାପଡୁଥିଲା। ନଅବର୍ଷରେ ଜୟୀକୃଷ୍ଣଙ୍କର ବ୍ରତୋପନୟନ, ପରେ ସଂସ୍କୃତ ଟୋଲ୍‌ରେ ବାଲ୍ୟଶିକ୍ଷା ଗ୍ରହଣ କରିଥିଲେ। ସେ ଗୋବର୍ଦ୍ଧନ ପୀଠ ଓ ଏମାର ମଠରୁ ଧର୍ମଶାସ୍ତ୍ର, ନୀତିଶାସ୍ତ୍ର ଶିକ୍ଷା କରିଥିଲେ। ସେ ମଲ୍ଲଯୁଦ୍ଧ, ତରବାରି ଚାଳନା, କୁସ୍ତି ପ୍ରଭୃତି ପାଇକ ଆଖଡାରୁ ଶିକ୍ଷା କରିଥିଲେ। ପିତାଙ୍କ ମୃତ୍ୟୁ ପରେ ଜୟକୃଷ୍ଣ ବିବାହ କରିନଥିଲେ। କାଶୀରେ ଜୟକୃଷ୍ଣ ଜଣେ ସାଧକଙ୍କଠାରୁ 'ଦଶ ମହାବିଦ୍ୟା' ଓ 'ଧୂମାବତୀ' ସାଧନା ଶିକ୍ଷା କରି ସିଦ୍ଧି ଲାଭ କରିଥିଲେ। ଖୋର୍ଦ୍ଧା ରାଜାଙ୍କର ରାଜଗୁରୁ ତଥା ପ୍ରଧାନମନ୍ତ୍ରୀ ଭାବେ ଯୋଗଦେଲେ। ମା'ଙ୍କ ଉପଦେଶରେ ସେ ଦେଶ, ଜଣ ଓ ଲୋକମାନଙ୍କର ସେବା କରିବାକୁ ଶପଥ ନେଲେ। ୧୭୯୦ ମସିହାରେ ପ୍ରଥମ ଦିବ୍ୟସିଂହ ଦେବଙ୍କ ମୃତ୍ୟୁ ପରେ ତାଙ୍କର ଭାଇ ଶ୍ୟାମସୁନ୍ଦର ଦେବ ଇଂରେଜମାନଙ୍କ ସହାୟତାରେ ସିଂହାସନରେ ବସିବାକୁ ଚେଷ୍ଟା କଲେ। ମାତ୍ର ଜୟୀକୃଷ୍ଣ ଦିବ୍ୟସିଂହ ଦେବଙ୍କ ନାବାଳକ ପୁତ୍ର ଦ୍ୱିତୀୟ ମୁକୁନ୍ଦ ଦେବଙ୍କୁ ରାଜସିଂହାସନରେ ଅଭିଷିକ୍ତ କରାଇଥିଲେ। ଜୟୀ ରାଜଗୁରୁ ଡମପଡା ଆକ୍ରମଣ କରି ବାଙ୍କି ରାଜାଙ୍କ ଭାଇ ବାସୁଦେବ ଭ୍ରମରବରଙ୍କୁ ମାରି ଡମପଡା ଦଖଲ କଲେ। ଏହି ସମୟ ମଧ୍ୟରେ ବ୍ରିଟିଶ ଶାସକମାନେ ବଙ୍ଗଳା ଓ ମାନ୍ଦ୍ରାଜ ଅଧିକାର କରିସାରିଥାନ୍ତି। ଇଂରେଜମାନେ ମରହଟ୍ଟାମାନଙ୍କୁ ବିଦା କରି ଓଡିଶାକୁ ଦଖଲ କରିବାକୁ ଯୋଜନା ପ୍ରସ୍ତୁତ କଲେ। ଇଂରେଜ ସେନାଧକ୍ଷ କର୍ଣ୍ଣେଲ ହାର୍‌କୋଟ ଖୋର୍ଦ୍ଧା ରାଜାଙ୍କୁ ଏକ ପ୍ରସ୍ତାବ ଦେଲେ, ଯଦି ସେ ମରହଟ୍ଟାମାନଙ୍କୁ ସାହାଯ୍ୟ ନଦେଇ ଇଂରେଜମାନଙ୍କୁ ସାହାଯ୍ୟ କରିବେ ତେବେ ଓଡିଶା ଅଧିକାର ପରେ ଏକ ଲକ୍ଷ ଟଙ୍କା ଓ ସେ ହରାଇଥିବା ଚାରୋଟି ପ୍ରଗଣା ରାହାଙ୍ଗ, ସରାଇ, ଚବିଶକୁଦ, ଲେମ୍ବାଇକୁ ତାଙ୍କୁ ଫେରସ୍ତ ମିଳିବ। ତେଣୁ ରାଜା ଉକ୍ତ ପ୍ରସ୍ତାବରେ ସମ୍ମତି ପ୍ରଦାନ କଲେ। ପ୍ରଥମ କିସ୍ତି ସ୍ୱରୂପ ଇଂରେଜମାନେ ରାଜଙ୍କ ନିକଟକୁ ଟ.୧୦,୦୦୦ ପଠାଇଥିଲେ।

କର୍ଣ୍ଣେଲ ହାର୍‌କୋର୍ଟ ୧୮୦୩ ମସିହା ସେପ୍ଟେମ୍ବର ମାସରେ ଓଡିଶା ଆସିଲେ। ମରହଟ୍ଟା ମାନଙ୍କ ତରଫରୁ ନିଯୁକ୍ତ ଫତେ ମହମ୍ମଦଙ୍କ ଦ୍ୱାରା ଇଂରେଜମାନେ ପୁରୀରେ ପହଞ୍ଚି ମରହଟ୍ଟା ସୈନ୍ୟମାନଙ୍କୁ ବଶୀଭୂତ କରି ପୁରୀ ଦଖଲ କଲେ। ପୁରୀ ଜଗନ୍ନାଥ ମନ୍ଦିରର ଦାୟିତ୍ୱ ହିନ୍ଦୁ ସିପାହୀମାନଙ୍କ ହାତରେ ଦେଇ କର୍ଣ୍ଣେଲ ହାର୍‌କୋର୍ଟ କଟକ ଯାତ୍ରା କରିବା ବାଟରେ ଅହମ୍ମଦପୁର ଓ ଦାଣ୍ଡମୁକୁନ୍ଦପୁରରେ ମରହଟ୍ଟାମାନଙ୍କ ସହିତ ଯୁଦ୍ଧ କରି ତାଙ୍କୁ ପରାସ୍ତ କଲେ।

ଧାରାବାହିକ ଉପନ୍ୟାସ

# ମହାନାୟକ

## କ୍ଷୀରୋଦ ଦାସ



ସମକାଳୀନ ଓଡ଼ିଆ କଥା ସାହିତ୍ୟର ଏକ ଦମ୍‌ଦାର ସ୍ୱର କ୍ଷୀରୋଦ ଦାସ। କେତେବେଳେ ସୁଦୂର ଅତୀତର ଅଭୁଲା ସ୍ମୃତି ତ କେତେବେଳେ ଆମ ସମୟର ଯନ୍ତ୍ରଣା, ଜଞ୍ଜାଳ, ସଂପର୍କ ଓ ସଂଘାତିକୁ ନିଜ କାହାଣୀ ତଥା ଉପନ୍ୟାସରେ ବିଶ୍ୱସ୍ତ ଭାବେ ପରଷି ଦେବାରେ ସେ ସିଦ୍ଧହସ୍ତ। ତାଙ୍କ କାହାଣୀ ଭିତରେ କେଉଁ କଳ୍ପଲୋକର ରୂପକଥା ନଥାଏ, ଥାଏ ଆମ ଆଖପାଖର ଚିତ୍ର, ଥାଆନ୍ତି ଆମ ଆଖପାଖର ମଣିଷମାନେ। ଓଡ଼ିଆ ଘରର ରୀତିନୀତି, ହାନିଲାଭ, ପ୍ରେମ ପ୍ରଣୟ, ସୁଖଦୁଃଖକୁ ବେଶ୍ ରୁଚିପୂର୍ଣ୍ଣ ଢଙ୍ଗରେ ଉପସ୍ଥାପିତ କରିବାରେ ସେ ଅନେକ ସଫଳତାର ଅଧିକାରୀ।

ଭାଗ-୩୩

*(ପୂର୍ବପ୍ରକାଶ ଉତ୍ତାରୁ*

ନିଜ ଭିତରେ ସେ ଭୁଷୁଡିବାକୁ ଆରମ୍ଭ କରିଦେଇଥିଲେ।

: ତୁମ ଘରେ କେହି ସାହିତ୍ୟ ଲେଖାଲେଖି କରନ୍ତି !

: ସାହିତ୍ୟ ! କିଛି ବୁଝିପାରିଲେନି ସୁମନ୍ତ ତାଙ୍କ କଥାରୁ।

: ଆଇ ମିନ୍ ... ତୁମ ଘରେ କିମ୍ବା ତୁମର କେହି ପରିଚିତ ବ୍ୟକ୍ତି ଗପ ଉପନ୍ୟାସ କି କବିତା ଫବିତା ଲେଖାଲେଖି କରନ୍ତି କି ?

ସୁମନ୍ତଙ୍କ ସାମନାରେ ଜମିଥିବା ଗାଢ଼ ଧୂଆଁ କୁଣ୍ଡଳୀଟି ଧୀରେ ଧୀରେ ପତଳା ହେବାକୁ ଆରମ୍ଭ କରିଥିଲା। ପ୍ରିନ୍ସିପାଲଙ୍କ ଏତେ ଗୁଡାଏ ପ୍ରଶ୍ନ ଯେ କଲେଜ ମାଗାଜିନ ପାଇଁ ତାଙ୍କ ଦ୍ୱାରା ଲିଖିତ ଗଳ୍ପ ଆଡକୁ ଇଙ୍ଗିତ କରୁଥିଲା, ସେ କଥା ସେ ଅଳ୍ପ ଅଳ୍ପ ଅନୁମାନ କରିପାରୁଥିଲେ ସେଇ ମୁହୂର୍ତ୍ତରେ।

: ନା ସାର୍ ! ବିନୀତ ସ୍ୱରରେ ସୁମନ୍ତ କହିଲେ - "ଆମ ଘରେ କିମ୍ବା ମୋର ଚିହ୍ନା ପରିଚିତ କେହି ଲେଖାଲେଖି କରନ୍ତି ନାହିଁ। ଆମ ଘରର ଅଧିକାଂଶ ସଦସ୍ୟ ନିରକ୍ଷର।"

ଆହୁରି ଗମ୍ଭୀର ଦେଖାଗଲା ପ୍ରିନ୍ସିପାଲଙ୍କ ମୁହଁ। ଗମ୍ଭୀର ବୋଲି କହିଲେ ବୋଧହୁଏ ଭୁଲ ହେବ। ତାଙ୍କ ମୁହଁଟା ସେତେବେଳେ ସୁମନ୍ତଙ୍କୁ ଦେଖାଯାଉଥିଲା ରକ୍ତ ରଞ୍ଜିତ ଗୋଟେ ଦାନବର ମୁହଁ ପରି। ହଠାତ ଟେବୁଲ ଉପରେ ରଖାଯାଇଥିବା ପତ୍ରିକାଟିକୁ ଟାଣି ଆଣି, ତା ଭିତରର ଏକ ନିର୍ଦ୍ଦିଷ୍ଟ ପୃଷ୍ଠା ଓଲଟାଇ ପ୍ରଚଣ୍ଡ ଘୃଣା ଓ ବିରକ୍ତିର ସହ ତାଙ୍କ ଆଡକୁ ପତ୍ରିକାଟିକୁ ଏକରକମ ଫୋପାଡି ଦେଲେ ସେ। କ୍ରୁଧିତ ସ୍ୱରରେ କହିଲେ- "ଏଇ ଲେଖାଟିକୁ ତେବେ ତୁମେ କେଉଁଠୁ ଚୋରୀ କରିଛ, ସତ କୁହ।"

ପ୍ରିନ୍ସିପାଲଙ୍କ ଭୈରବ ରୂପ ଦେଖି ସୁମନ୍ତଙ୍କ ଅବସ୍ଥା ସେତେବେଳକୁ ସନ୍ନିପାତ ରୋଗ ଭୋଗୁଥିବା ଜଣେ ରୋଗୀଠାରୁ ଆହୁରି ଦୟନୀୟ, ଆହୁରି କରୁଣ ଦେଖାଯାଉଥିଲା। ସତେ ଅବା ଜୀବନରେ କେବେ ତାଙ୍କ ପାଟି ଖୋଲି ନାହିଁ ସେହିପରି ନିର୍ବାକ ପାଲଟି ଯାଇଥିଲେ ସେ।

ଟେବୁଲ ଉପରେ ନିର୍ଘାତ ବିଧାଟିଏ ବସାଇ ଦେଇ ସେ ନିଜକୁ ଆହୁରି ରୁକ୍ଷ ଓ ଆହୁରି କଠୋର ଭାବରେ ସୁମନ୍ତ ଆଗରେ ଉପସ୍ଥାପିତ କଲେ-

'ହେ ... ୟୁ... ହ୍ୱାଟସ ୟୋ'ର ନେମ୍... ?'

: ସୁ ... ମ ... ନ୍ତ ... ସା'ର୍...।

: ସୁମନ୍ତ କୁମନ୍ତ ଯାହା ହୁଅ ତୁମେ, ଡଜ୍



ନଟ ମ୍ୟାଟର ! ତୁମକୁ ମୁଁ ପଚାରୁଛି, ଏଇ ଯେଉଁ ଷ୍ଟୋରୀଟି ଲେଖି ତୁମେ କଲେଜ ମାଗାଜିନକୁ ପଠାଇଥିଲ, ସେଇଟିକୁ କାହା ଲେଖାରୁ ଚୋରି କରି ଉତାରିଛ ? ନା ତୁମ ପାଇଁ ଆଉ କିଏ ଲେଖି ଦେଇଛି ? ଆଁ !!

'ଗପ' କୁ ବି କ'ଣ ଚୋରୀ କରାଯାଏ ! - ସୁମନ୍ତ ମନେ ମନେ ଭାବୁଥିଲେ- "ଗପ କଣ ସୁନା ରୂପା କି ଟଙ୍କା ପଇସା ହୋଇଛି ଯେ ଜଣେ ତାକୁ ଚୋରି କରି ନେଇ ପଳେଇବ ! ଯେ କି ଅଲିଖିତ କଥା ସେ ଶୁଣୁଛନ୍ତି ! ତାଙ୍କ ଦୁଇ ଆଖି ଭୟ ଓ ଲଜ୍ଜାରେ ଲାଲ ପଡିଯାଇଥିଲା। ଛାତି ଭିତରୁ ଉବୁକି ଆସୁଥିଲା ଅବ୍ୟକ୍ତ ବେଦନାର ହାବୁକା ହାବୁକା କୋହ। ସେ କହିପାରିଲେନି ଯେ-

"ସାର୍ ! ଗପଟିକୁ ମୁଁ କେଉଁଠାରୁ ଚୋରି କରିନାହିଁ କିମ୍ବା ଆଉ କାହା ଦ୍ୱାରା ଲେଖାଇ ନାହିଁ। ଏହା ହେଉଛି ମୋ ଅନ୍ତର ଭିତରୁ ନିଗିଡିଥିବା ଭାବନାର ଫଳଶ୍ରୁତି। ମତେ ବିଶ୍ୱାସ କରନ୍ତୁ ସାର୍ .... ପ୍ରଭୁ ଜଗନ୍ନାଥଙ୍କ ଦ୍ୱାହି ଦେଇ କହୁଛି ସାର୍ ... ମୋ ବାପା ମା'ଙ୍କ ରାଣ ପକାଇ କହୁଛି ସାର୍. .. ମୋ ବିଦ୍ୟାରାଣ ସାର୍....

କାଠ ପିତୁଳାଟିଏ ପରି ନିର୍ଜୀବ, ନିର୍ବାକ ହୋଇ ଠିଆ ହୋଇ ରହିଥିଲେ ସୁମନ୍ତ।

: ଆଉଟ୍। ପ୍ରିନ୍ସିପାଲଙ୍କ ଚିତ୍କାର ଓ ଆଙ୍ଗୁଠି ଇସାରା ସୁମନ୍ତଙ୍କୁ ଠେଲି ଫୋପାଡି ଦେଲା ଏକଦମ ତାଙ୍କ ପ୍ରକୋଷ୍ଠ ବାହାରକୁ।

ସେ ଯେ ଜଣେ କଲେଜ ଛାତ୍ର ... ସୁମନ୍ତ ମହାନ୍ତି ତାଙ୍କ ନାମ - ସେଦିନ ଆଉ ଅବଶିଷ୍ଟ କ୍ଲାସ ନ କରି ଏକମୁହାଁ ହୋଇ ଘରକୁ ଫେରି ଆସୁଥିବା ବେଳେ ଏକଥା ସମ୍ପୂର୍ଣ୍ଣ ଭୁଲି ଯାଇଥିଲେ ସେ। ସେ ଭୁଲି ଯାଇଥିଲେ ନିଜର ଅସ୍ତିତ୍ୱ। ନିଜର ପରିଚୟ। ସାରା ଦୁନିଆର ନିଆଁ ଯେପରି ଲାଗି ଯାଇଥିଲା ତାଙ୍କ ଦେହରରେ। ତାଙ୍କ ଶରୀରରେ ସୃଷ୍ଟି ହୋଇ ଯାଇଥିଲା ଘୋର ପୀଡା ଦାୟକ ଅସଂଖ୍ୟ କ୍ଷତ। ଯାହାର ଜ୍ୱାଳା କୋଟିଏ ବିଷଧର ସର୍ପର ଦଂଶନଠାରୁ ଥିଲା ଆହୁରି କଷ୍ଟପ୍ରଦ, ଆହୁରି ଅସହ୍ୟ। ସେଇ ବିଷ ଦ୍ରୁତ ଗତିରେ ସଂଚାରି ଯାଉଥିଲା ତାଙ୍କର ମସ୍ତକରୁ ପାଦର ଆଙ୍ଗୁଠି ଯାଏ।

ନାହିଁ ନଥିବା ଏକ କମ୍ପ ମାଡି ବସୁଥିଲା ସୁମନ୍ତଙ୍କୁ।

ଘରେ ପହଞ୍ଚି, ପୋଷାକପତ୍ର ନ ବଦଳାଇ ଘୋଡିଘାଡି ହୋଇ ସେ ଶୋଇପଡିଲେ ଖଟ ଉପରେ।

ତା'ପରଦିନ ଏ ଘଟଣାଟି ପ୍ରଘଟ ହୋଇ ସାରିଥିଲା ସାରା କଲେଜରେ।

*(କ୍ରମଶଃ)*



# ଏତକ ତ

## ପ୍ରଦୀପ ବନ୍ଧ




ତୋତେ କିଏ କେତେ ନେଇ ଭୋଗିଲା
ସବୁ ଚିଠା କରୁଥିଲି
ତୋତେ ଟେକା ପଥରରେ ରକ୍ତାକ୍ତ କଲେ
ମୁଁ ଲହୁ ଲୁହାଣ ହେଲି
ତୁ ଦେବୀ ହେଇ ଆସିଲୁ
ତୋତେ ଆସନଟେ ଦେଲି
ତୁ ଯିବାବେଳେ ରୁଷିଲୁ
ମୋ ଜୀବନ ଜାଚିଲି
ତୁ ମାଗିଲୁ ବଜାରର ଶସ୍ତା ସଉଦା
ମୁଁ ନୋଥ କଙ୍କଣ ବିମାନଟେ କଲି
ତୁ କହିଲୁ ପାଗଳ
ହଁ, ମୁଁ ଶେଷରେ ତୋ ପାଇଁ ରାଜରାସ୍ତାରେ
ବଦନାମ ହେଲି
ରଙ୍ଗ ଦେ ରୂପ ଦେ
ପାରୁଚୁ ତ କପାଳର ଭାଗ୍ୟ ରେଖା ଦେ
ମୁଁ ସବୁ ଅଜାଡ଼ି ନିଜକୁ ନିଃସ୍ୱ କରିଦେଲି
ଆଉ କ'ଣ ନବୁ ନେ କହିବା ଆଗରୁ
ତୁ ବଧିଲୁ ମହିଷାସୁର
ଜାଳିଲୁ ଦଶ ମୁଣ୍ଡ
ମୁଁ ଆଶ୍ଚର୍ଯ୍ୟ ହେଲି
ମେଢ଼ ମୁଡ଼ ମକର ମୋହର
ସବୁ ଜଳିଗଲା
ମୋ ଅପାରଗ ପଣିଆ ତୋତେ
ଖୋଳପାଟେ ସଜେଇ
ତୋତେ ଜୀବନ୍ୟାସ ଦେଇ
ଜିଅନ୍ତା ଶୁଦ୍ଧି ହେଲା
କିମିତି କହିବି ମୁଁ ତୋ ଭକ୍ତ
ମୁଁ ସରମରେ ନିଜେ ମରିଗଲି
ଦେବୀ ସଜେଇ କାଶତଣ୍ଡି
ଫୁଲର ସବାରୀରେ ଦିନେ
ତୋତେ ଆଣିଥିଲି।।

*ବାସୁଦେବପୁର, ଭଦ୍ରକ,*
*ସାନମଛୁଆଘାଇ, ରଜଘରପୋଖାରୀ*
*ଆଳାପ:-୮୦୭୨୭୮୩୨୨୦*

# ଅନେକ ବାଟ ଗଲାପରେ

## ପଲ୍ଲବୀ ଦାସ



କିଏ କହିଲା ପ୍ରେମ ବୟସ୍କ ହୁଏ ?
ଗଛ ଥାଏ - ଫୁଲ ତ ନୂଆ
ଆକାଶ ଅଛି - ପହିଲିମେଘ ତ ନୂଆ
ବିମର୍ଷ ରଜନୀ ପରେ -
ସକାଳ ନୂଆ, ଜୀବନ ନୂଆ
ସ୍ୱପ୍ନସମ୍ଭାବନା ବି ନୂଆ ।
ଚନ୍ଦ୍ରଭାନୁ, କ'ଣ ଭାବୁଛ ?
ଉଦାସ ସଂଜରେ ନୀରବତାର ବେଢଣ ଭିତରେ
ମନମାରି ଲାଭ କ'ଣ ?
ବୟସ ତା'ବାଟରେ
ନଈ ତା' ମୋଡରେ
ପବନ ତା' ଧୂନ୍ ରେ
ତୁମେ ବି ରୁହ ତୁମ ସ୍ପନ୍ଦିତ ଶିହରଣରେ
ପ୍ରେମର ଧାରେ ହସ ତ ଜଗାଏ ବସନ୍ତ
ହାତହଲା ଦିଏ ଆଶ୍ୱାସନା
ଚେନାଏ ସ୍ମିତହସ ଲାଗେ ଅନ୍ତରଂଗ ।
ଧଳାକେଶ , ଶୁଖିଲା ଓଠ
ଶିଥିଳ ପାଦ , ଲୋଚାକୋଚା କପାଳ
ହାଡୁଆ କାନ୍ଧ
ଏସବୁ ପ୍ରେମର ବାଟ ଓଗାଳି ପାରିବେନି ,
ପ୍ରେମ ଅଛି ବୋଲି ତ
ଆଇବୁଢ଼ୀ ପରି ମାଆ ମାଟି
ଶ୍ରାବଣଛୁଆଁରେ ହୁଏ ଗର୍ଭବତୀ ।
ଚନ୍ଦ୍ରଭାନୁ,
ସତେ କ'ଣ ଆମପ୍ରେମ ବୟସ୍କ ହେଲାଣି !
ଏ ବୟସ୍କ ପ୍ରେମର କିଛି ମାନେ ଅଛି କି ?
ସେମାନେ କୁହନ୍ତି,
ପ୍ରେମ ତ ପ୍ରେମ, ଏ ବୟସ୍କ ପ୍ରେମ ପୁଣି କଣ ଯେ ?
ପ୍ରେମ ତ ଚିରକାଳ କେଳିକଦମ୍ବ ତ୍ରିଭଂଗୀ ଠାଣି।
ଯୌବନ ପରେ ବି ପ୍ରେମ ଥାଏ
ଚପଳତାରେ ମସଗୁଲ୍ ହୁଏ ପ୍ରେମ
ଯୌବନରେ ଉନ୍ମାଦିତ ହୁଏ ପ୍ରେମ
ନୂଆ ନୂଆ ପିଲାଳିଆମି କରେ ପ୍ରେମ
ଆଉ ବୟସ୍କ ହେଲେ ପ୍ରେମ ବି
ଧକେଇ ଚାଲିଲେ ବି ଥିବ ଉଷୁମ ରୁଟିପରି
ପକ୍ଷୀ ଖୁଣ୍ଟୁଥିବା ବରଫଳ ପରି ।
ଚଂଦ୍ରଭାନୁ , ଟିକେ ରୁହ
ନୀରବତା ଆମନ୍ତ୍ରଣ କରୁଛି
ନୂଆ ଗଜଲ ଶୁଣେଇଦେବ
ଛାତିରେ ଯତନରେ ଥୋଇଦେବ ଅନୁରାର ସନ୍ତକ।

*କୁନାଗଡ, କଳାହାଣ୍ଡି*
*ମୋ - ୮୬୫୮୭୪୦୨୯୧*

# ନୀଳ ଆମନ୍ତ୍ରଣ

## ଡ. ଶୁଭେନ୍ଦୁ ମେହେର



ଯୁଗଯୁଗ ଧରି ଅପେକ୍ଷାରେ ଥିଲି ନୀଳ ପ୍ରେମ ଆମନ୍ତ୍ରଣ
ବୀରହ ବିଧୁରେ ବଞ୍ଚୁଥିଲି ସଖି ମୁହିଁ ନିର୍ବାସିତ ପ୍ରାଣ।
କୁହୁଡ଼ି ଘେରା ମୋ' କ୍ଲାନ୍ତ ଜୀବନେ
ଯେତେଯେତେ ଥିଲା ଦୁଃଖ
ନୀଳ ଆମନ୍ତ୍ରଣେ ଉଦ୍ଭାସିତ ହେଲା ପାଇଲି ଅସୀମ ସୁଖ।
ମୁଲାୟମ ଦେହ ଉଷୁମ ପରଶ ଗୋଲାପ ପାଖୁଡ଼ାପରି
ସ୍ନିଗ୍ଧ ଶୀତଳ କୋମଳ ତନୁରେ ପ୍ରେମେ ମତୁଆଲା କରି।
ଶୀତ ସକାଳର ପହିଲି କାକର ଓଦା କରିଦେଲା ମନ
ଶିଶିର ବିନ୍ଦୁରେ ମୁକ୍ତା ସଦୃଶ ଉତ୍ତାଳ ତରଙ୍ଗମାନ।
ଓଠ ମଧୁମିତା ଅତି କୋମଳତା ମଧୁରୁ ମଧୁରତର
ମୁଖଦେଶେ ତା'ର ଚୁର୍ଣ୍ଣ କୁନ୍ତଳ ସର୍ପିଳ ଶୋଭା ସମ୍ଭାର।
ମୃଦୁ ଆଲିଙ୍ଗନେ ନେଲା ଅଙ୍ଗନେ ଛାତିରେ ମିଶାଇ ଛାତି
ଆଖିଠାର ସାଥେ କଜ୍ୱଳର ଗାର ଭ୍ରମିତ କଜଳପାତି।
ଦେହ ପୁଲକିତ ଭୁଲି ସେ' ସଞ୍ଚିତ ଫୁଟାଇଲା ପାରିଜାତ
ମିଠା ଚୁମ୍ବନେ ବାହୁ ବନ୍ଧନେ କଲା ସେ' ଅଭିମନ୍ତ୍ରିତ।

*ଯାଲୋଏ, ସୁବର୍ଣ୍ଣପୁର*

# କାର୍ତ୍ତିକ ମାସ

## ଚିତ୍ତରଞ୍ଜନ ମେହେର



କାର୍ତ୍ତିକ ମାସ ଧରମ ମାସ
ଆମିଷ ଛାଡି କରଇ ଉପବାସ
କାର୍ତ୍ତିକ ମାସର ଶେଷ ପାଞ୍ଚ ଦିନ
ଲୋକେ କରନ୍ତି ପଂଚୁକ
ଘରେ ବ୍ୟବହାର କରନ୍ତି ନାହିଁ ପିଆଜ ରସୁଣ
ସକାଳୁ ଉଠି ଗାଧୋଇ ଯାଆନ୍ତି
ତୁଳସୀ ଚଉରା ଉପରେ ପାଣି ଢ଼ାଳନ୍ତି
ଗୋସାଇଁ ଆମର କାର୍ତ୍ତିକ ପୁରାଣ ପଢନ୍ତି
ଲୋକେ ସମସ୍ତେ କାନ ଡେରି ଶୁଣନ୍ତି
ଘରେ ଘରେ ବସିଥାଏ ସଞ୍ଜ ଦୀପ
ହୁଲ ହୁଲିରେ କମ୍ପି ଉଠେ ଗାଁ ଆମର
ଗାଁ ଗାଁ ରେ ଭାଗବତ ଟୁଙ୍ଗି
ସମସ୍ତେ ଗୁଟେ ପାଖେ ହୁଅନ୍ତି ରୁଣ୍ଡ
ଶୁଣି ବାକୁ ଭାଗବତ ପୁରାଣ
ମାସ ମାସ ଧରି କରିଥିବା ପାପ
ଧୋଇ ହୋଇ ଯାଏ କାର୍ତ୍ତିକ ମାସରେ
ସେଥି ପାଇଁ ସମସ୍ତେ ମିଶି ପାଳନ୍ତି କାର୍ତ୍ତିକ ମାସ
ଶୀତ ଦିନର ଶୀତ କାକର ବଢ଼ି ବଢ଼ି ଯାଉଥାଏ
ଦେହ ହାତ ସବୁ ଥରୁ ଥାଏ
ମନରେ ଥାଏ ଭକ୍ତି ଭାବ
ସେଥି ପାଇଁ ସମସ୍ତେ ପଢୁ ଥାଆନ୍ତି ଭାଗବତ
ଏ ହେଉଛି କାର୍ତ୍ତିକ ମାସ ..... !

ଭବାନୀପାଟଣା, କଳାହାଣ୍ଡି
ଦୂରଭାଷ : ୭୮୯୪୨୬୭୧୫୪

# ଧୂଆଁ

## ଲକ୍ଷ୍ମୀ ଚାନ୍ଦ୍

*(ପୂର୍ବପ୍ରକାଶ ଉତ୍ତାରୁ)*

-ସେ କବିତା ଲେଖେ

ତଳକୁ ମୁହଁ କରି ରାହୁଳ କହିଥିଲା।

-ଆଚ୍ଛା ସେଥିପାଇଁ ତେବେ ମୋତେ ଛାଡିଦେଲ। ଭଲହେଲା। ତୁମେ କବିତାର ଏତେ ବଡ ପ୍ରେମିକ ବୋଲି ଜାଣିନଥିଲି। ମୋର କିନ୍ତୁ କବିତା ସହ ଜମା ପଡେନି। ଆଜିଯାଏ ମୁଁ ଗୋଟିଏ ବି କବିତା ଲେଖିପାରିନି। ବରଂ କହିବି ମୋତେ କବିତା ଫବିତା ଲେଖିବାକୁ ଭଲ ଲାଗେନି। ଭଲହୋଇଛି ତୁମ ପସନ୍ଦ ବିଷୟରେ ଜଣାଇଦେଲ, ଅନ୍ୟଥା ବାହାଘର ହୋଇଯାଇଥିଲେ ଆମ ଦୁହିଁଙ୍କର ଆଦୌ ପଡିନଥାନ୍ତା।

-କବିତା ସମସ୍ତେ ଲେଖିପାରନ୍ତିନି ସୋମା। ସେ ଏକ ଆବେଗର କଥା। ସମସ୍ତେ ଠିକଭାବେ ନିଜକୁ ପ୍ରକାଶ କରିପାରନ୍ତିନି। ମୁଁ ତା କବିତାରେ ଯେଉଁ ଆବେଗର ପ୍ରବଣତା ଅନୁଭବ କରିଛି ତାର ଗୋଟିଏ ଧାଡିରେ ସାରା ଜୀବନ ଜିଇଁ ହୋଇଯିବ।

-ଓ...ଏତେ ଭଲ ପାଅ ତାକୁ। ମୁଁ ଗୋଟେ ଭ୍ରମରେ ଜିଉଁଥିଲି।

-ହଁ ସୋମା ତା କବିତାରୁ ମୁଁ ତାକୁ ନିବିଡ ଭାବେ ଚିହ୍ନିପାରିଛି ଓ ପାଗଳ ପରି ଭଲ ପାଉଛି। ତାକୁ ନ ପାଇଲେ ମୋ ଜୀବନ ବ୍ୟର୍ଥ। ମୁଁ ତା ବିନା ବଂଚିପାରିବି ନାହିଁ। ମୁଁ ନିଜେ କବିତା ଲେଖେ ନାହିଁ, ମାତ୍ର କବିତାକୁ ବୁଝିପାରେ। କବିତାର ପ୍ରତି ଶବ୍ଦରେ ଥିବା ଆବେଗ ସହ ସମ୍ମିଳିତ ହୋଇପାରେ। ତେଣୁ ତା ପାଇଁ ପାଗଳ।

-ବେଶ୍ ତ ଡେରି କାହିଁକି ? ଏବେ ବିବାହ କରିନିଅ। ମୁଁ ଆଉ କିଛି ସମୟ ପରେ ତୁମଠୁ ଖୁବ୍ ଦୂରକୁ ଚାଲିଯିବି।

-ବିବାହ ତ ମୁଁ ତାକୁ ଇ କରିବି। ତେବେ ତୁମେ ଯୋଉଠି ଥିଲେ ବି ମୋ ବାହାଘରକୁ ନିଶ୍ଚୟ ଆସିବ।

-ଚେଷ୍ଟା କରିବି। ମୁଁ କାଲିଠୁ ଆଉ କାହାର ହୋଇଯିବି। ତାଙ୍କ ଭାବପ୍ରବଣତାକୁ ବି ମୋତେ ସମ୍ମାନ ଦେବାକୁ ହେବ।

-ହଁ ସୋମା। ତୁମ କଥା ଠିକ୍। ତେବେ ନିଶ୍ଚୟ ଚେଷ୍ଟା କରିବ।

ତାପରେ ଦୁହେଁ ବ୍ୟସ୍ତ ରହିଥିଲେ। ସୋମା ଆଉ ସମୟ ପାଇନଥିଲା ତା ସହ କଥା ହେବାକୁ। ଯେତେବେଳେ ରାହୁଳ କହିଲା ସେ ଗୋଟେ କବିତା ଲେଖୁଥିବା ଝିଅକୁ ଭଲପାଏ ଏବଂ ତାକୁ ନ ପାଇଲେ ସାରାଜୀବନ ଅବିବାହିତ ରହିଯିବ ତା ମନରେ ତାକୁ ବିବାହ କରି ନ ପାରିବାର ଯେଉଁ ସାମାନ୍ୟ ଅବସୋସ ବଂଚିଥିଲା ତାକୁ ସେ ନିଜେ ଦୂର କରିଦେଇ ନିଜ ଭବିଷ୍ୟତ ବିଷୟରେ ଭାବି ଟାଣିଓଟାରି ଖୁସି ହେବାକୁ ଲାଗିଲା। ମନେ ମନେ ଭାବିଲା ବିଦାୟ ବେଳେ ସେ ତାକୁ ଆଦୌ ଦେଖା କରିବ ନାହିଁ। ତା ମନରେ ଯଦି ତା ପାଇଁ ସାମାନ୍ୟ ସ୍ଥାନ ନାହିଁ ସେ କାହିଁକି ପଛ କଥା ମନେ ପକାଇ ସନ୍ତାପିତ ହେଉଥିବ। ଯେଉଁ ନୂଆ ଜୀବନ ସେ ଜିଇଁବାକୁ ଯାଉଛି ସେଥିରେ ରାହୁଳର ସ୍ଥାନ ନାହିଁ। ଆଜିଠୁ ସେ ରାହୁଳକୁ ମନ ଭିତରୁ ସଂପୂର୍ଣ୍ଣ ନିକାଲି ଦେବ। ଯାଉ ସେ ତାର କବିତା ଲେଖୁଥିବା ଝିଅ ପାଖକୁ। ଦିନରାତି ବସି କବିତା ଶୁଣୁଥିବ। ବାହାଘର ହାତଗଣ୍ଠି ପଡିଲାବେଳେ ସେ ତା ଭାବିସ୍ୱାମୀଙ୍କ ହାତର ସ୍ପର୍ଶ ପାଇ ଆତ୍ମବିସ୍ମୃତ ହୋଇଗଲା। ସେହି ହୋମ କୁଣ୍ଡରେ ହିଁ ରାହୁଳକୁ ନେଇ ଦେଖୁଥିବା ସ୍ୱପ୍ନକୁ ଜଳାଞ୍ଜଳି ଦେଇଦେଲା।

ବିଦାୟର ଲୁହକୋହ ସମୟରେ ଭିଡ ଠେଲି ରାହୁଳ ତାର ଏକଦମ ନିକଟକୁ ଚାଲିଆସିଲା। ଶୋକାତୁରା ଲୋକଙ୍କ ଉପସ୍ଥିତିକୁ ଖାତିର ନ କରି ତା କାନରେ କହିଲା-ତୁମେ ତ ଚାଲିଯାଉଛ, ତା ଠିକଣା ମୋତେ କିଏ ଖୋଜିଦେବ ?

-କାହା ଠିକଣା ? (ଛଳଛଳ କଂଣ୍ଠରେ ସୋମା ପଚାରିଲା।)

-ସେଇ ଯାହାର କବିତା ପଢି ମୁଁ ତା ପାଇଁ ପାଗଳ ହୋଇଯାଇଛି

ସୋମା ତାକୁ ସାମାନ୍ୟ ପଛକୁ ଠେଲି ନେଇ ପଚାରିଲା-କାହା କଥା କହୁଛ ?

-ସେଇ କବିତା ଲେଖୁଥିବା ଝିଅ, ତୁମ ଫ୍ରେଣ୍ଡ ଗ୍ରୁପର ସିଏ। ହେଲେ ମୁଁ ତାକୁ ପାଉନି।

-ଅଥଚ ଏତେ ଦିନ ଯାଏ ତା ପଛରେ ପଡିଛ ?

-ହଁ

-ତାର କଣ ନାଁ ନାହିଁ ? , କୋଉଠୁ ପାଇବି ମୁଁ ଏବେ ତାକୁ ? ତୁମେ ତାକୁ କୋଉଠି ଭେଟିଛ ?

-ଭେଟିଲି ଆଉ କେତେବେଳେ ? ମୁଁ ତାକୁ କେବେ ଦେଖିନାହିଁ।

- କଣ କହୁଛ ? ନଦେଖି ତାକୁ ଏତେ ଭଲ ପାଇଲ କେମିତି ?

- ତୁମକୁ ତ କହଥିଲି ନା ତା କବିତା ପଢି ମୁଁ ତାକୁ ଭଲପାଇବସିଛି। ବହୁତ ଖୋଜିଲିଣି ତାକୁ ମାତ୍ର ପାଉନାହିଁ। ତା ବିନା ମୁଁ କାହାକୁ ବି ବିବାହ କରିବି ନାହିଁ।

-କିନ୍ତୁ ତାକୁ ଜାଣିନାହଁ କି ତା ଠିକଣା ମଧ ରଖିନାହଁ

-ସେ ତୁମରି ସାଂଗମାନଙ୍କ ମଧ୍ୟରୁ ଜଣେ। ସମ୍ଭବତଃ ତୁମେ ତାକୁ ଜାଣିଥିବ

-ମୋ ସାଂଗ ବୋଲି କେମିତି ଭାବିନେଲ ? ହୁଏତ ବୟସ୍କା ହୋଇପାରିଥାଏ, ବିବାହିତ ହୋଇପାରିଥାଏ, କଲେଜ ବାହାରର ହୋଇପାରିଥାଏ। ତୁମେ ଏ ସମୟରେ ମୋତେ ଆଉ ଅଡୁଆରେ ପକାଅନା। ମୋର ଯେତିକି ମନେ ପଡୁଛି ମୋ ସାଂଗମାନଙ୍କ ମଧ୍ୟରୁ କେହି ସେମିତି ଚମତ୍କାର କବିତା ଲେଖିଲାବାଲା ନଥିଲେ। ହଁ ଆମ କେମେଷ୍ଟ୍ରି ମାଡାମ ହୋଇଥାଇ ପାରନ୍ତି। ସେ ଖୁବ ସୁନ୍ଦର କବିତା ଲେଖୁଥିବାର ମୁଁ ଜାଣିଛି ଏବଂ ତାଙ୍କର କିଛି ବହି ମଧ୍ୟ ପ୍ରକାଶ ପାଇସାରିଛି।

-ନା ନା ସେ ନୁହେଁ । ତାଙ୍କ କବିତା ମୁଁ ପଢିଛି। ପ୍ରକୃତରେ ସେ ଝିଅଟାର କବିତା ପଢିଲାପରେ ମୁଁ ତା କବିତାକୁ ଅନ୍ୟମାନଙ୍କ ସହ ତୁଳନା କରିଛି। ତା ପରି କେହି ଲେଖିପାରିବେ ନାହିଁ। ଆଉ ସେ ତୁମ ସାଂଗମାନଙ୍କ ମଧ୍ୟରୁ ଜଣେ। ଏ କଥା ମୁଁ ଏଥିପାଇଁ କହୁଛି ଯେ ତା ଲେଖାଟି ମୁଁ ତୁମ ଲେଡିଜ ହଷ୍ଟେଲ ପାଖରୁ ପାଇଛି ଓ କଲେଜ ନୋଟ ଖାତାରେ ହିଁ ତାକୁ ଲେଖାଯାଇଛି।

-କେବେକାର କଥା ଯେ ?

-ତୁମ ପିଜି ସରିଲାବେଳର । ସେଇ ସମୟରେ ମୁଁ କଲେଜ ଯାଇଥିଲି ତୁମକୁ ଭେଟିବାକୁ, ଅଥଚ ପାଇଲି ତା କବିତା ଯାହା ଲେଡିଜ କମନରୁମ ସାମନାରେ ପଡିଥିଲା। ତୁମେ ସେତେବେଳେ କ୍ଲାସକୁ ଯାଇଥିଲ। ମୁଁ ଆଉ ତୁମକୁ ଅପେକ୍ଷା ନ କରି ସେହି କବିତାଟିକୁ ବାରମ୍ବାର ପଢି ଏପରି ଆତ୍ମବିସ୍ମୃତ ହୋଇଗଲି ଯେ ତୁମକୁ ଭେଟିବା କଥା ଭୁଲିଯାଇ ଫେରିଆସିଲି। ସେଇଦିନଠୁ ସେ ମୋ ସହ ଅହରହ। ତା କବିତାରୁ ହିଁ ସମୁଦାୟ ଭାବେ ମୁଁ ତାକୁ ବୁଝିପାରିଛି। ତୁମେ ସେ କବିତାଟି ଦେଖିଲେ ହୁଏତ ତାକୁ ଜାଣିପାରିବ।

ପକେଟରୁ ଅତି ଯତ୍ନରେ ସାଇତିଥିବା କାଗଜ ଖଣ୍ଡିକ ବାହାର କରି ସୋମା ହାତକୁ ବଢାଇଦେଲା ରାହୁଳ।

ବିଭୋର
ଦେବାପଣରେ
ମୁଁ ଆଜି ବିଭୋର
ନିଜକୁ ଚୋରେଇ
ସାଇତିଛି ତୁମ ପାଇଁ
ଥରେ ତୁମ ନେବାପଣରେ
ଆପ୍ଲୁତ କରିଦିଅ ମୋତେ
ମୁଁ ଏଇଠି ବଢେଇ ବସିଛି ନିଜକୁ
ନିଅ...
ବବଲି

ସୋମା ଆଖି ବଡ ବଡ କରି ପଚାରିଲା - ଏଇୟାକୁ ତୁମେ ଏତେ ଭଲ ପାଅ ?

-ହଁ ସୋମା ଏଇ ବବଲି ହିଁ ଏବେ ମୋ ଜୀବନ ପାଲଟିଯାଇଛି। କହିପାରିବ କିଏ ଏହି ବବଲି ? କୋଉଠି ରୁହେ ?

-ମୁଁ...ମୁଁ...ନା ଜାଣିନି।

ଆରେ ମାଆ ବିଦାୟ ବେଳା ଗଡିଯାଉଛି...ସୋମାର ଶ୍ୱଶୁର କହିଲେ ଓ ଅନ୍ୟମାନେ ତାକୁ ଗାଡିପାଖକୁ ନେଇଗଲେ। ସୋମା ଥରେ ରାହୁଳକୁ ଏବଂ ଥରେ ଗାଡିକୁ ଚାହିଁବାକୁ ଲାଗିଲା।

*ସନ୍ତୋଷୀ ବିହାର, ଲକ୍ଷ୍ମୀ ସାଗର*
*ଭୁବନେଶ୍ୱର-୬*
*ଦୂରଭାଷ :୮୯୧୭୫୯୫୯୧୫*

# ସିବିସି ଭୁବନେଶ୍ୱର ପକ୍ଷରୁ ଖୋର୍ଦ୍ଧାଠାରେ ରାଷ୍ଟ୍ରୀୟ ଏକତା ଦିବସ କାର୍ଯ୍ୟକ୍ରମ

**ଭୁବନେଶ୍ୱର, (ପିଆଇବି):** ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କର ୧୫୦ତମ ଜନ୍ମବାର୍ଷିକୀ ତଥା ରାଷ୍ଟ୍ରୀୟ ଏକତା ଦିବସ ଉପଲକ୍ଷେ ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ କେନ୍ଦ୍ରୀୟ ସଞ୍ଚାର ବ୍ୟୁରୋ (ସିବିସି), ଭୁବନେଶ୍ୱର ପକ୍ଷରୁ ଏକ ଯୋଗଯୋଗ ଏବଂ ଲୋକସମ୍ପର୍କ କାର୍ଯ୍ୟକ୍ରମ ଖୋର୍ଦ୍ଧାସ୍ଥିତ ଜୟୀରାଜଗୁରୁ ଟାଉନହଲ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିବା ବେଳେ ବହୁ ବିଶିଷ୍ଟ ବ୍ୟକ୍ତି ସମ୍ମାନିତ ଅତିଥି ରୂପେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ଥିଲା ଜାତୀୟ ଏକତା, ସାମାଜିକ ସମରସତା, ଶାନ୍ତି, ଅଖଣ୍ଡତା ଓ ସୁଶାସନ ବିଷୟରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା। ମୁଖ୍ୟ ଅତିଥି ଶ୍ରୀ ଜଗଦେବ କହିଥିଲେ, ସର୍ଦ୍ଦାର ପଟେଲଙ୍କ ଦୃଢ଼ ନେତୃତ୍ୱ ଓ ଦୂରଦୃଷ୍ଟି ବିନା ଆଜିର ସଂଗଠିତ ଭାରତ ସମ୍ଭବ ହୋଇନଥାନ୍ତା। ସେ ସ୍ୱାଧୀନତା ସଂଗ୍ରାମରେ ଖୋର୍ଦ୍ଧା ଅଞ୍ଚଳର ମହତ୍ୱପୂର୍ଣ୍ଣ ଅବଦାନ ଉପରେ ଆଲୋକପାତ କରିଥିଲେ। ପ୍ରଧାନମନ୍ତ୍ରୀଙ୍କ ଦୂରଦୃଷ୍ଟି ଯୋଗୁଁ ଆଜି ସର୍ଦ୍ଦାର ପଟେଲ୍ ତାଙ୍କର ଯଥୋଚିତ ସ୍ୱୀକୃତି ପାଇପାରିଛନ୍ତି ବୋଲି



ସେ ପ୍ରକାଶ କରିଥିଲେ। ସେ ଆହୁରି ମଧ୍ୟ କହିଥିଲେ ଯେ, ଯୁବଶକ୍ତି ଏବଂ ନାରୀଶକ୍ତିକୁ ଦେଶ ଗଢ଼ିବାରେ ଆଗକୁ ବଢ଼ାଇବା ଜରୁରୀ। ଏହି ଅବସରରେ ଖୋର୍ଦ୍ଧା ବିଧାୟକଙ୍କ ନେତୃତ୍ୱରେ ଉପସ୍ଥିତ ଲୋକମାନେ ରାଷ୍ଟ୍ରୀୟ ଏକତା ଓ ଅଖଣ୍ଡତାର ଶପଥ ପାଠ କରିଥିଲେ। ଏହି କାର୍ଯ୍ୟକ୍ରମରେ ଦେଶର ଏକୀକରଣ କ୍ଷେତ୍ରରେ ସର୍ଦ୍ଦାର ପଟେଲଙ୍କ ଯୋଗଦାନର ସ୍ମରଣ କରାଯାଇଥିଲା। କାର୍ଯ୍ୟକ୍ରମ ଅବସରରେ ରାଷ୍ଟ୍ରୀୟ ଏକତା ଦିବସର ବାର୍ତ୍ତା ନେଇ ଆୟୋଜିତ ବକ୍ତୃତା, ପ୍ରବନ୍ଧ ଲିଖନ ଏବଂ ସ୍ଲୋଗାନ ଭଳି ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିବା କୃତୀ ଛାତ୍ରଛାତ୍ରୀଙ୍କୁ ଅବସରପ୍ରାପ୍ତ ଆଇଏଏସ ତଥା ଓରେରାର ପ୍ରଶାସନିକ ସଦସ୍ୟ ପ୍ରଦୀପ କୁମାର ବିଶ୍ୱାଳ ପୁରସ୍କୃତ କରିଥିଲେ। ଶ୍ରୀ ବିଶ୍ୱାଳ ନିଜ ବକ୍ତବ୍ୟରେ ଜାତୀୟ ଏକତାର ମହତ୍ୱ ଉପରେ ଗୁରୁତ୍ୱାରୋପ କରିବା ସହ ଦେଶକୁ ଏକାଠି କରିବାରେ ସର୍ଦ୍ଦାର ପଟେଲଙ୍କ ମହାନ ତ୍ୟାଗ ସମ୍ପର୍କରେ ଆଲୋକପାତ କରିଥିଲେ। ଅତିଥିମାନେ ଜନସାଧାରଣଙ୍କୁ ସଚେତନ, ସହିଷ୍ଣୁ ଓ ସମ୍ପ୍ରିତିପୂର୍ଣ୍ଣ ହେବା ପାଇଁ ଆହ୍ୱାନ ଦେଇଥିଲେ। ସିବିସି ଭୁବନେଶ୍ୱରର ବରିଷ୍ଠ କଳାକାରମାନଙ୍କ ଦ୍ୱାରା ଜାତୀୟ ଏକତା ଉପରେ ନୃତ୍ୟ ଏବଂ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏସବୁ କାର୍ଯ୍ୟକ୍ରମରେ ଭାରତର ବିବିଧତା ମଧ୍ୟରେ ଏକତାର ବାର୍ତ୍ତା ଦିଆଯାଇଥିଲା। ସିବିସିର ମାନ୍ୟତାପ୍ରାପ୍ତ କଳାକାରମାନେ ରାଷ୍ଟ୍ରୀୟ ଏକତା ଦିବସ ଉପରେ ସ୍ୱତନ୍ତ୍ର ନୃତ୍ୟ ପରିବେଷଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକ୍ରମରେ ଖୋର୍ଦ୍ଧା ବ୍ଲକ୍ ଅଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି, ଉପାଧ୍ୟକ୍ଷ ସୂର୍ଯ୍ୟରଞ୍ଜନ ମହାନ୍ତି, ପିଆଇବି ସହକାରୀ ନିର୍ଦ୍ଦେଶକ ମହେନ୍ଦ୍ର ପ୍ରସାଦ ଜେନା, ସିବିସିର ସହାୟକ ନିର୍ଦ୍ଦେଶକ ପ୍ରଦୀପ କୁମାର ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ। ସିବିସିର କ୍ଷେତ୍ର ପ୍ରଚାର ଅଧିକାରୀ ସସ୍ମିତା ପାଇକରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଦୁର୍ନୀତିରେ ଉବୁଟୁବୁ ଡିଇଓ ଅଫିସ

**ଭଦ୍ରକ :** ଅଭିଯୋଗ ଅନୁସାରେ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ସୀମା ଲଙ୍ଘିଲାଣି ଦୁର୍ନୀତି। ଡିଇଓ ବାବୁ ଜଣେ ରଙ୍ଗୀନ ମିଜାଜର ଲୋକ ଏବଂ ଫୁଟାଣିଆ ଓ ନିଜକୁ ସର୍ବେସର୍ବା ବୋଲି କହିବୁଲନ୍ତି। ଅଶୋକ ମହାପାତ୍ରଙ୍କ କୋର୍ଟ କେସ୍‌ରେ ୩୦/୪୦ ଜଣ ଅର୍ଥ ପାଇବାକୁ ଥିବା ବେଳେ ଜଣେ ଅବସରପ୍ରାପ୍ତ ଶିକ୍ଷକ ମହାନ୍ତି ସାରଙ୍କ ଜରିଆରେ ବିପୁଳ ଅର୍ଥ ଆଦାୟ ନେଇ ଅଭିଯୋଗ ହେଉଛି। ଅଶୋକ ମହାପାତ୍ରଙ୍କ ଘନିଷ୍ଠ ରାଉତ ବାବୁ ଓ ବେହେରା ବାବୁଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଚାଲିଛି। ସବୁଠାରୁ ବଡକଥା ହେଉଛି ଡିଇଓ ବାବୁଙ୍କ ସାଙ୍ଗ କେନ୍ଦୁଝରର ପଲେଇ ସାର ଭଦ୍ରକରେ ରହି ଡିଇଓଙ୍କ ପାଇଁ ଲାଞ୍ଚ ଯୋଗାଡ କରିବା ଠାରୁ ଆରମ୍ଭ କରି ବିଭିନ୍ନ ଅନୈତିକ କାର୍ଯ୍ୟରେ ସହଯୋଗ କରୁଛନ୍ତି। ଏହି ବାବୁ ଡିଇଓ ଏବଂ ବିଇଓଙ୍କ ପାଇଁ ଘର ଯୋଗାଡ ଠାରୁ ଆରମ୍ଭ କରି ଅନେକ କିଛି ଯୋଗାଇ ଦେଉଛନ୍ତି। ଡିଇଓ ମହୋଦୟ ନିକଟରେ ନୂଆପଡା ଗସ୍ତ କରିଥିଲେ। ନିର୍ବାଚନ ପ୍ରଚାର ଚାଲିଥିଲା ବେଳେ ସେ କାଳେ ସାମଲ ସାରଙ୍କ ଗୋଡ ଧରି ଆସନ ମଜଭୁତ କରିବା ଲକ୍ଷ୍ୟରେ ଯାଇଥିଲେ। ସାମଲ ବାବୁଙ୍କ ଭେଟ ନହେବାରୁ ତାଙ୍କ ଲୋକ ଚଗଲା ବାବୁଙ୍କ ଜରିଆରେ ଏହି ସୌଭାଗ୍ୟ ଅର୍ଜନ କରି ଫେରିଛନ୍ତି। ସାମଲ ବାବୁ କିନ୍ତୁ ଡିଇଓଙ୍କୁ କଡା ତାଗିଦ କରି କହିଛନ୍ତି ମୁଁ ଭଦ୍ରକ ଗଲେ ତୁମ କେଳେଙ୍କାରୀ କଥା ବୁଝିବି। ତୁମ ଅଫିସରେ ଯେଉଁ କେଳେଙ୍କାରୀ ଚାଲିଛି ତା'ର ବିଚାର ହେବ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଫ୍ଲୋ ମିଟର ନଥାଇ ...

ମୁଖ୍ୟ ଯନ୍ତ୍ରୀ (ଜଳସେବା)କୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଜି ତାଙ୍କ ଡ୍ରାଫ୍ଟ ଅଡିଟ୍ ରିପୋର୍ଟରେ ଦର୍ଶାଇଛନ୍ତି ଯେ, 'ଓଡ଼ିଶା ଜଳସେଚନ ନିୟମ, ୨୦୧୦'ର ଧାରା ୨୩-କର ଖୋଲାଖୋଲି ଉଲ୍ଲଂଘନ କରାଯାଇଛି। ଫ୍ଲୋ ମିଟର ଲଗାଯାଇନଥିବାରୁ ଜଳ ବ୍ୟବହାର ଉପରେ କୌଣସି ନିୟନ୍ତ୍ରଣ ରହୁନାହିଁ, ଯାହା ରାଜ୍ୟର ଜଳ ସଂପଦର ଗୁରୁତର ଅବକ୍ଷୟ ବା ହ୍ରାସ ପାଇଁ ଦାୟୀ। ଏହା ସରକାରୀ ପ୍ରଶାସନର ଦୁର୍ବଳତା ଏବଂ ଜଳକର ଆଦାୟରେ ବିଭାଗୀୟ ଅବହେଳାକୁ ସ୍ପଷ୍ଟ ଭାବେ ଦର୍ଶାଉଛି। ଡ୍ରାଫ୍ଟ ରିପୋର୍ଟରେ ବିସ୍ତୃତ ତଥ୍ୟ ଦେଇଛନ୍ତି ଏଜି। ମାତ୍ର ସେପ୍ଟେମ୍ବର ୧୮ତାରିଖରେ ରାଜ୍ୟ ବିଧାନସଭାରେ ଜଳସମ୍ପଦ ମନ୍ତ୍ରୀ ତଥା ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ଦର୍ଶାଇଥିଲେ ଯେ, ୨୦୨୪-୨୫ ଆର୍ଥିକ ବର୍ଷ ଶେଷ ସୁଦ୍ଧା ରାଜ୍ୟରେ ଶିଳ୍ପ ଓ ବାଣିଜ୍ୟିକ ପ୍ରତିଷ୍ଠାନଗୁଡ଼ିକ ଉପରେ ମୋଟ ୧୦୭୬୦ କୋଟି ୫୫ ଲକ୍ଷ ଟଙ୍କା ବକେୟା ଜଳକର ରହିଛି। ୨୦୨୦-୨୧ ଆର୍ଥିକ ବର୍ଷରେ ଏହି ବକେୟା ପରିମାଣ ୪୯୧୪ କୋଟି ଟଙ୍କା ଥିବାବେଳେ, ୨୦୨୧-୨୨ରେ ଏହା ବୃଦ୍ଧି ପାଇ ୫୭୬୭କୋଟି ଟଙ୍କା, ୨୦୨୨-୨୩ରେ ୭୪୭୧.୩୦କୋଟି ଟଙ୍କା ଓ ୨୦୨୩-୨୪ରେ ଏହା ୯୧୪୦.୦୬ କୋଟି ଟଙ୍କାକୁ ବୃଦ୍ଧି ପାଇଥିଲା। ଏହି ଜଳକର ବକେୟା ପରିମାଣ ଚିନ୍ତାଜନକ ଭାବେ ବୃଦ୍ଧି ପାଇବାରେ ଲାଗିଥିଲେ ମଧ୍ୟ ସରକାର ସମ୍ପୃକ୍ତ ଶିଳ୍ପ ସଂସ୍ଥାଗୁଡ଼ିକଠାରୁ ନା ଜଳକର ଆଦାୟ କରୁଛନ୍ତି ନା ସେମାନେ ଜଳକର ପୈଠ କରିବାରେ ଆଗ୍ରହ ଦେଖାଉଛନ୍ତି। ଯାହାକି ରାଜସ୍ୱ ଆଦାୟରେ ସରକାରଙ୍କ ସିଧାସଳଖ ନିଷ୍କ୍ରିୟତାକୁ ସ୍ପଷ୍ଟ ଭାବରେ ଦର୍ଶାଉଛି। ଜଳକର ବକେୟା ଉପରେ ବାର୍ଷିକ ୧୦% ହାରରେ ସୁଧ ଲଗାଇବା ପାଇଁ ନିୟମ ଥିଲେ ମଧ୍ୟ ଏତେ ବିପୁଳ ପରିମାଣର ଟଙ୍କା ବକେୟା ରହିବା ସାଧାରଣରେ ଚିନ୍ତାଜନକ ବିଷୟ ପାଲଟିଛି। ବକେୟା ଜଳକର ଆଦାୟ କରିବା ଓ ଅନିୟମିତତାକୁ ରୋକିବା ପାଇଁ ଜଳସମ୍ପଦ ବିଭାଗ ଦ୍ୱାରା ନିୟମ ଅନୁଯାୟୀ କାର୍ଯ୍ୟାନୁଷ୍ଠାନର ପ୍ରାବଧାନ ରହିଛି। ଓଡ଼ିଶା ଜଳସମ୍ପଦ ଆଇନ-୧୯୫୯ର ରୁଲ-୧୯୬୧ ଅନ୍ତର୍ଗତ ସମ୍ପୃକ୍ତ ଡିଭିଜନର ନିର୍ବାହୀ ଯନ୍ତ୍ରୀ ଅବା ଅଧୀକ୍ଷଣ ଯନ୍ତ୍ରୀଙ୍କ ଦ୍ୱାରା ଡିମାଣ୍ଡ ନୋଟିସ୍ ପଠାଯାଇ ବକେୟା ଜଳକର ଆଦାୟର ପ୍ରାବଧାନ ରହିଛି। ପ୍ରତିବର୍ଷ ଏପ୍ରିଲ ପହିଲାରୁ ବକେୟା ଜଳକର ଉପରେ ୧୦% ସୁଧ ହାରରେ ଏହି ବକେୟା ରାଶି ବୃଦ୍ଧି କରାଯିବାର ନିୟମ ଥିଲେ ମଧ୍ୟ ବିଭାଗୀୟ ଯନ୍ତ୍ରୀମାନଙ୍କ ସଲାସୁତୁରା ଓ ସରକାରଙ୍କ ନିଷ୍କ୍ରିୟତା ଯୋଗୁ ରାଜକୋଷକୁ ହଜାର ହଜାର କୋଟି ଟଙ୍କାର ରାଜସ୍ୱ କ୍ଷତି ସହିବାକୁ ପଡୁଥିବା ଚର୍ଚ୍ଚା ହେଉଛି।

### ଫେବୃଆରୀ ୧୭ରୁ ...

ସେହିପରି ୧୨ଶ ପରୀକ୍ଷାର ପ୍ରଥମ ଦିନରେ ବାୟୋଟେକନଲୋଜୀ, ଏଣ୍ଟ୍ରପ୍ରେନ୍ୟୁରସିପ, ସଂସ୍କୃତ ଇଲେକ୍ଟ, ଷ୍ଟେନୋଗ୍ରାଫି ଆଦି ବିଷୟର ପରୀକ୍ଷା ହେବ। ସେହିପରି ପରୀକ୍ଷାର ଶେଷ ଦିନରେ ଭାରତୀୟ ଶାସ୍ତ୍ରୀୟ ସଂଗୀତ(ଭୋକାଲ), ନେପାଳି, ଶାସ୍ତ୍ରୀୟ ସଂଗୀତ(ବାଦ୍ୟ) ଆଦି କେତେକ ବିଷୟ ରହିଛି। ସିବିଏସଇ ଏହା ମଧ୍ୟ ଘୋଷଣା କରିଛି ଯେ ଜାତୀୟ ଶିକ୍ଷାନୀତି-୨୦୨୦ର ସୁପାରିଶ ଅନୁସାରେ ୨୦୨୬ରେ ଦଶମ ଶ୍ରେଣୀ ପାଇଁ ଦୁଇଟି ବୋର୍ଡ ପରୀକ୍ଷା ଆୟୋଜନ କରାଯିବ। ସିବିଏସଇ ପକ୍ଷରୁ କୁହାଯାଇଛି ଯେ ପରୀକ୍ଷାର୍ଥୀମାନଙ୍କୁ ପ୍ରସ୍ତୁତି ପାଇଁ ଯଥେଷ୍ଟ ସମୟ ଦେବାକୁ ପ୍ରାୟ ୧୧୦ ଦିନ ପୂର୍ବରୁ ପରୀକ୍ଷା ତାରିଖ ଓ ସୂଚୀ ଘୋଷଣା କରାଯାଇଛି।

### ରାଜ୍ୟରେ ନିର୍ମାଣ ...

ଟିକେଟ୍ କାଉଣ୍ଟର, ସ୍ୱୟଂଚାଳିତ ଟିକେଟ୍ ଭେଣ୍ଡିଂ ମେସିନ୍ ଓ ପାନୀୟ ଜଳ ସୁବିଧା ଉପଲବ୍ଧ ହେବ। ସ୍ଥାନୀୟ ଆବଶ୍ୟକତାକୁ ଧ୍ୟାନରେ ରଖି ଏହା ନିର୍ମାଣ କରାଯିବ ତଥା ୨୦୨୬ ମସିହା ପାର୍ବଣ ଋତୁ ପୂର୍ବରୁ ସମସ୍ତ କାର୍ଯ୍ୟ ଶେଷ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ବୈଷ୍ଣବ ସୂଚନା ଦେଇଛନ୍ତି। ରେଳ ମନ୍ତ୍ରଣାଳୟର ଏହି ନିଷ୍ପତ୍ତି ପରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଉଭୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଧନ୍ୟବାଦ ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଓଡ଼ିଶାର ଭିତ୍ତିଭୂମି ବିକାଶକୁ ପ୍ରଧାନମନ୍ତ୍ରୀ ସବୁସମୟରେ ଗୁରୁତ୍ୱ ଦେଇଆସିଛନ୍ତି। ଏହି ଆରଓବି ନିର୍ମାଣ ଦ୍ୱାରା ରାଜ୍ୟରେ ପରିବହନ ନେଟୱାର୍କକୁ ସୁଦୃଢ଼ କରିବ ଓ ରେଳ ଫାଟକ ନିକଟରେ ଦୁର୍ଘଟଣା ଆଶଙ୍କା ହ୍ରାସ କରିବ ବୋଲି ସେ କହିଛନ୍ତି।

### ଦୁଇ ସ୍ୱତନ୍ତ୍ର ...

ଅନୁରୋଧ କରିଛନ୍ତି ବ୍ରହ୍ମପୁର ଏସ୍‌ପି। ଚିଠିରେ ଏସ୍‌ପି ଲେଖିଛନ୍ତି ଯେ ଆଡ୍‌ଭୋକେଟ୍ ପୀତବାସ ପଣ୍ଡା ହତ୍ୟା ଘଟଣାରେ ୧୩ ଜଣ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି ଓ ତଦନ୍ତ ଜାରି ରହିଛି। ଘଟଣାଟି ସମ୍ବେଦନଶୀଳ ହୋଇଥିବାରୁ ଏହାକୁ ଜଣେ ଅଭିଜ୍ଞ ସ୍ୱତନ୍ତ୍ର ସରକାରୀ ଓକିଲ ଲଢ଼ିବାର ଆବଶ୍ୟକତା ରହିଛି। ଓଡ଼ିଶା ହାଇକୋର୍ଟର ଆଡ୍‌ଭୋକେଟ୍ କାଳିଚରଣ ମିଶ୍ର ସିବିଆଇରେ ବିଭିନ୍ନ ପଦପଦବୀ, ସରକାରୀ ଓକିଲ, ବରିଷ୍ଠ ସରକାରୀ ଓକିଲ, ଉପ ଆଇନ ପରାମର୍ଶଦାତା ଓ ଅତିରିକ୍ତ ଆଇନ ପରାମର୍ଶଦାତା ଭାବେ କାର୍ଯ୍ୟ କରି ସାରା ଦେଶରେ ଅନେକ ସମ୍ବେଦନଶୀଳ ମାମଲା ଲଢ଼ିଛନ୍ତି। ବ୍ରହ୍ମପୁର କୋର୍ଟରେ ସେ ଏହି ମାମଲା ଲଢ଼ିବା ପାଇଁ ତାଙ୍କର ସମ୍ମତି ପ୍ରଦାନ କରିଛନ୍ତି। ସେହିପରି ଏହି ମାମଲାରେ କାଳିଚରଣ ମିଶ୍ରଙ୍କ ସହାୟତା କରିବା ପାଇଁ ସହକାରୀ ସ୍ୱତନ୍ତ୍ର ସରକାରୀ ଓକିଲ ଭାବେ କାର୍ଯ୍ୟ କରିବାକୁ ସମ୍ମତି ପ୍ରଦାନ କରିଛନ୍ତି ଓଡ଼ିଶା ହାଇକୋର୍ଟର ଆଡ୍‌ଭୋକେଟ୍ ଅବିନାଶ ପାଢ଼ୀ। ଏହା ସହିତ ଏହି ଦୁଇ ଆଡ୍‌ଭୋକେଟଙ୍କୁ ସ୍ୱତନ୍ତ୍ର ସରକାରୀ ଓକିଲ ଭାବେ ନିଯୁକ୍ତି ଦେବା ପାଇଁ ଗୃହ ବିଭାଗରୁ ଯଥାଶୀଘ୍ର ଅନୁମତି ଆଣିବାକୁ ବ୍ରହ୍ମପୁର ଏସ୍‌ପି ଚିଠିରେ କ୍ରାଇମବ୍ରାଞ୍ଚ ଡିଜିଙ୍କୁ ଅନୁରୋଧ କରିଛନ୍ତି। କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର କହିଛନ୍ତି ଯେ ବ୍ରହ୍ମପୁର ଏସ୍‌ପି ଲେଖିଥିବା ଚିଠିକୁ ଡିଜିପିଙ୍କ ନିକଟକୁ ପଠାଯିବ। ତାଙ୍କଠାରୁ ଅନୁମତି ମିଳିବା ପରେ ଚିଠିଟିକୁ ସରକାରଙ୍କ ପାଖକୁ ପଠାଯିବ। ଏହି ମାମଲାରେ ମୁଖ୍ୟ ଷଡ଼ଯନ୍ତ୍ରକାରୀ ଭାବେ ଗିରଫ ହୋଇଥିବା ବ୍ରହ୍ମପୁରର ପୂର୍ବତନ ବିଧାୟକ ତଥା ଜିଲ୍ଲା ବିଜେଡି ସଭାପତି ବିକ୍ରମ ପଣ୍ଡାଙ୍କ ଓକିଲ ଦୀପକ ପଟ୍ଟନାୟକ କହିଛନ୍ତି, ମୁଁ ଭାବୁଛି ବ୍ରହ୍ମପୁରରେ ଥିବା ସମସ୍ତ ସରକାରୀ ଓକିଲଙ୍କ ଉପରେ ପୁଲିସର ଭରସା ନାହିଁ। ସେଥିପାଇଁ ଏହି ମାମଲାର ପରିଚାଳନା ପାଇଁ ପୁଲିସ ହାଇକୋର୍ଟର ଦୁଇ ଜଣ ଆଡ୍‌ଭୋକେଟ୍‌ଙ୍କୁ ଯଥାକ୍ରମେ ସ୍ୱତନ୍ତ୍ର ସରକାରୀ ଓକିଲ ଓ ସହକାରୀ ସ୍ୱତନ୍ତ୍ର ସରକାରୀ ଓକିଲ ଭାବେ ନିଯୁକ୍ତି ଦେବାକୁ ଚିଠି ଲେଖିଛି। ମୋର ପ୍ରଶ୍ନ ଆଜି ପର୍ଯ୍ୟନ୍ତ ବ୍ରହ୍ମପର ପୁଲିସ ଯେତିକି କେସ୍ ଦେଇଛି, ଚାର୍ଜଶିଟ୍ ଦେଇଛି ଓ ଯେଉଁ କେସ୍ ଚାଲିଛି, ଏଥିରେ ଦଣ୍ଡ ହେଉଛି ଓ ଖଲାସ ବି ହେଉଛି। ସେହି ଓକିଲମାନେ କ'ଣ ନିକମ୍ମା ଥିଲେ କି? ସେ ଆହୁରି କହିଛନ୍ତି, ଗତ ୬ ତାରିଖରେ ପୀତବାସ ପଣ୍ଡାଙ୍କୁ ହତ୍ୟା କରାଯାଇଥିଲା। କିନ୍ତୁ ଯିଏ ଗୁଳି କରିଛି, ତାଙ୍କୁ ପୁଲିସ ଆଜି ପର୍ଯ୍ୟନ୍ତ ଧରିପାରିନି। ଘଟଣାର କେହି ପ୍ରତ୍ୟକ୍ଷ ସାକ୍ଷୀ ନାହାନ୍ତି। କେବଳ ପାରିପାର୍ଶ୍ୱିକ ପ୍ରମାଣକୁ ଆଧାର କରି ପୁଲିସ କେସ୍ କରିଛି। ଯେତେବେଳ ପର୍ଯ୍ୟନ୍ତ ମୁଖ୍ୟ ଅଭିଯୁକ୍ତ ଧରାପଡ଼ିନି, ଅନ୍ୟମାନଙ୍କୁ ଧରିବାର କାରଣ କ'ଣ? ଏମିତି ଏକ କୁହେଳିକା ଭିତରେ କେସ୍ କରାଯାଏନି। ଯଦି କାଲି ମୁଖ୍ୟ ଅଭିଯୁକ୍ତ ଧରାପଡ଼ିଯିବ ଓ ଏ ମାମଲାରେ ଏମାନେ (ଗିରଫ ଅଭିଯୁକ୍ତମାନେ) ନୁହନ୍ତି, ଅନ୍ୟମାନେ ସଂପୃକ୍ତ ଅଛନ୍ତି ବୋଲି କହିବେ, ତା'ହେଲେ କ'ଣ ହେବ? ମୁଖ୍ୟ ଅଭିଯୁକ୍ତ ଧରାପଡ଼ିବା ପୂର୍ବରୁ ଅନ୍ୟମାନଙ୍କୁ ପୁଲିସ କେଉଁ ଆଧାରରେ ଏହି ମାମଲାରେ ଯୋଡ଼ିଛି, ତାହା ଚାର୍ଜଶିଟ୍ ଦାଖଲ ହେଲା ପରେ ଜଣାପଡ଼ିବ। ସୂଚନାଯୋଗ୍ୟ, ବିକ୍ରମ ପଣ୍ଡାଙ୍କ ପକ୍ଷରୁ ମାମଲା ଲଢ଼ିବା ପାଇଁ ୪୪ ଜଣ ଆଇନଜୀବୀ ଓକିଲାତିନାମା ଦାଖଲ କରିଛନ୍ତି।

### 'ଏକତା ...

ମନେପକାଇ ଦେଉଛି ଯେ ଏକଜୁଟ ରହିବା ହେଉଛି ଆମର ସାମୂହିକ ଇଚ୍ଛା ଓ ଆମର ଶକ୍ତି। ସର୍ଦ୍ଦାର ପଟେଲଙ୍କ ଜୀବନରୁ ପ୍ରେରିତ ହୋଇ ଆମେ ଭାଇଚାରା, ଶାନ୍ତି ଓ ସମୃଦ୍ଧିର ବନ୍ଧନକୁ ସୁଦୃଢ଼ କରିବା ଓ ସମୃଦ୍ଧ ଓଡ଼ିଶା ଏବଂ ବିକଶିତ ଭାରତ ଗଢିବା ପାଇଁ ଏକଜୁଟ ହେବା ଆବଶ୍ୟକ। ଏହି ଅବସରରେ କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ସ୍ୱାଗତ ଭାଷଣ ଦେଇ କହିଥିଲେ ଯେ ଏହି ଦୌଡ଼ ମାଧ୍ୟମରେ ଆମେ ଏକତା, ସମନ୍ୱୟ ଓ ଦେଶପ୍ରେମର ଭାବନାକୁ ଜାଗ୍ରତ କରିବା ଓ ଏକ ସଶକ୍ତ ଭାରତ ଗଢିବାରେ ନିରନ୍ତର ଅଗ୍ରସର ହେବା ଆମ ସମସ୍ତଙ୍କ ଦାୟିତ୍ୱ। ପରିଶେଷରେ ଶାସନ ସଚିବ ସଚିନ ରାମଚନ୍ଦ୍ର ଜାଦବ ଧନ୍ୟବାଦ ଦେଇଥିଲେ। ସୂଚନା ଯୋଗ୍ୟଯେ ଏହି ଗଣଦୌଡ଼, କଳିଙ୍ଗ ଷ୍ଟାଡିଅମରୁ ଆରମ୍ଭ ହୋଇ ପାୱାର ହାଉସ ଛକ ପର୍ଯ୍ୟନ୍ତ ଆୟୋଜିତ ହୋଇଥିଲା। ରନ ଫର ୟୁନିଟି କାର୍ଯ୍ୟକ୍ରମରେ ବରିଷ୍ଠ ଅଧିକାରୀ, ଛାତ୍ରଛାତ୍ରୀ, ଖେଳାଳି ଓ ସାହସ୍ରାଧିକ ନାଗରିକ ଅଂଶଗ୍ରହଣ କରିଥିଲେ।

### ସବୁ ରାଜ୍ୟର ...

ପୋଲିସ ପର୍ଯ୍ୟନ୍ତ ଦୁଇଟି ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ତଥ୍ୟ ମାଗିଛି। ଏହା ୧୬ଟି ରାଜ୍ୟର ପୋଲିସ ଡିଜିଙ୍କଠାରୁ ପୋଲିସ କର୍ମଚାରୀଙ୍କୁ ବର୍ତ୍ତମାନ ମଞ୍ଜୁର କରାଯାଇଥିବା ବାର୍ଷିକ ୟୁନିଫର୍ମ ଭତ୍ତା, ପଦବୀ ଅନୁଯାୟୀ ଓ ପ୍ରତ୍ୟେକ ରାଜ୍ୟ କିମ୍ବା କେନ୍ଦ୍ରଶାସିତ ଅଞ୍ଚଳରେ ବର୍ତ୍ତମାନ ବ୍ୟବହୃତ ହେଉଥିବା ୟୁନିଫର୍ମର ଆନୁମାନିକ ମୂଲ୍ୟ ସମ୍ପର୍କରେ ବିବରଣୀ ମାଗିଛି। ଏମ୍‌ଏଚ୍‌ଏର ନିର୍ଦ୍ଦେଶ ପରେ, ଓଡ଼ିଶା ଡିଜିପି କଣ୍ଟ୍ରୋଲ ରୁମ୍ ରାଜ୍ୟ ପୋଲିସ ମୁଖ୍ୟାଳୟକୁ ବିଳମ୍ବ ନକରି ଆବଶ୍ୟକୀୟ ସୂଚନା ସଂଗ୍ରହ ଏବଂ ପଠାଇବାକୁ ନିର୍ଦ୍ଦେଶ ଦେଇଛି । ରିପୋର୍ଟରେ କୁହାଯାଇଛି ଯେ ଏହି ଅଭ୍ୟାସ ପୋଲିସ ଗବେଷଣା ଓ ବିକାଶ ବ୍ୟୁରୋ (ବିପିଆରଆଣ୍ଡବି) ଦ୍ୱାରା ଏକ ୟୁନିଫର୍ମ ଜାତୀୟ ନୀତି ଅଧୀନରେ ପୋଲିସ ପୋଷାକକୁ ମାନକୀକରଣ କରିବା ପାଇଁ ଚାଲିଥିବା ପ୍ରୟାସର ଏକ ଅଂଶ। ଦେଶବ୍ୟାପୀ ଗ୍ରହଣ କରାଯାଇ ପାରୁଥିବା ୟୁନିଫର୍ମର ଏକକ ମଡେଲ ସୁପାରିଶ କରିବା ପାଇଁ ବିପିଆରଆଣ୍ଡବିକୁ ସାମଗ୍ରୀ, ରଙ୍ଗ, ଚିହ୍ନ ଏବଂ ମୂଲ୍ୟ କାରକଗୁଡ଼ିକର ଅଧ୍ୟୟନ କରିବାର ଦାୟିତ୍ୱ ଦିଆଯାଇଛି।

### ବର୍ଷିଲେ ...

ସେ ବ୍ୟବସ୍ଥାଗତ ନିଷ୍କ୍ରିୟତା ଏବଂ ରାଜ୍ୟ ସରକାର ଓ ଖଣି ସଂସ୍ଥା ମଧ୍ୟରେ ସମ୍ଭାବ୍ୟ ଷଡ଼ଯନ୍ତ୍ରର ଅଭିଯୋଗ କରିଥିଲେ। ସେ କହିଥିଲେ ଯେ, ୨୦୧୭ ଡିସେମ୍ବର ୩୧ତାରିଖ ସୁଦ୍ଧା ଏହି ବକେୟା ରାଶି ଆଦାୟ କରିବା ପାଇଁ କୋର୍ଟ ସମୟସୀମା ଧାର୍ଯ୍ୟ କରିଥିଲେ ମଧ୍ୟ ଏହି ଅର୍ଥ ଆଦାୟ ହୋଇପାରି ନାହିଁ। ଯାହାକି ରାଜ୍ୟର ବ୍ୟବସ୍ଥା ବେଆଇନ ଖଣି ସଂସ୍ଥାମାନଙ୍କ ସହ ମିଳିତ ଭାବେ କାର୍ଯ୍ୟ କରୁଛି ବୋଲି ସେ ଯୁକ୍ତି ବାଢ଼ିଥିଲେ। ଖିଲାପୀ ଖଣି ଲିଜଧାରୀଙ୍କ ବିରୁଦ୍ଧରେ ୨୦୧୮ ମସିହାରୁ ରାଜସ୍ୱ ଆଦାୟ ଅଧିନିୟମ (ରେଭେନ୍ୟୁ ରିକଭରି ଆକ୍ଟ) ଅନୁଯାୟୀ ସାର୍ଟିଫିକେଟ୍ କେସ୍ ରୁଜୁ ହୋଇଥିଲେ ମଧ୍ୟ ଏହି ଅର୍ଥ ଆଦାୟ ପାଇଁ କୌଣସି 'ବାଧ୍ୟତାମୂଳକ କାର୍ଯ୍ୟାନୁଷ୍ଠାନ' ଗ୍ରହଣ କରାଯାଇ ନାହିଁ ବୋଲି ଓକିଲ ପ୍ରଶାନ୍ତ ଭୂଷଣ ଯୁକ୍ତି ବାଢ଼ିଥିବା ଜଣାପଡ଼ିଛି। ସୁପ୍ରିମକୋର୍ଟ ଖଣ୍ଡପୀଠ ଶୁଣାଣିବେଳେ ରାଜ୍ୟ ସରକାରଙ୍କ ପଦକ୍ଷେପକୁ ନେଇ ଅସନ୍ତୋଷ ବ୍ୟକ୍ତ କରିବା ପରେ ରାଜ୍ୟ ଆଡଭୋକେଟ୍ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ତୁରନ୍ତ ସୁଧାରମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୋର୍ଟଙ୍କୁ ଆଶ୍ୱସ୍ତ କରିଛନ୍ତି। ସେ ବ୍ୟକ୍ତିଗତ ଭାବେ ଏହି ମାମଲାରେ ମୁଖ୍ୟ ସଚିବଙ୍କ ସହ ଆଲୋଚନା କରିବେ ଓ ସମସ୍ତ ଆଇନଗତ ପଦକ୍ଷେପ ନିଆଯିବା ସୁନିଶ୍ଚିତ କରାଇବେ ବୋଲି କହିଥିଲେ। ଏହାସହିତ ଅଧିକ ସମୟ ଲୋଡ଼ିଥିଲେ। ତେବେ ଖଣ୍ଡପୀଠ ଏହି ମାମଲାର ପରବର୍ତ୍ତୀ ଶୁଣାଣି ୮ ସପ୍ତାହ ପରେ କରିବା ନିମନ୍ତେ କହିବା ସହ ରାଜ୍ୟ ସରକାର ଏହି ଅର୍ଥ ଆଦାୟ ପାଇଁ ନେଇଥିବା ନିର୍ଦ୍ଦିଷ୍ଟ ପଦକ୍ଷେପ ଯଥା- ସମ୍ପତ୍ତି ଜବତ, ନିଲାମ ଓ ଅନ୍ୟାନ୍ୟ ବାଧ୍ୟତାମୂଳକ ପଦକ୍ଷେପଗୁଡ଼ିକର ବିବରଣୀର ରେକର୍ଡକୁ କୋର୍ଟରେ ଉପସ୍ଥାପନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଯଦି ଏହି ଆଦାୟରେ ଉଲ୍ଲେଖନୀୟ ଅଗ୍ରଗତି ନହୁଏ, କୋର୍ଟ କଠୋର ଆଭିମୁଖ୍ୟ ପୋଷଣ କରିବେ ବୋଲି ଚେତାଇ ଦେଇଥିବା ଜଣାପଡ଼ିଛି।

# 'ପଛୁଆ ବର୍ଗଙ୍କୁ ତାଙ୍କ ହକ୍‌ରୁ ବଞ୍ଚିତ କରି ରଖିଥିଲା ବିଜେଡି'



**ଭୁବନେଶ୍ୱର :** ବିଜେଡି ଦୀର୍ଘବର୍ଷ ଓଡ଼ିଶାରେ କ୍ଷମତାରେ ଥିଲେ ବି ଜାଣିଶୁଣି ଯୋଜନାବଦ୍ଧ ଭାବେ କେନ୍ଦ୍ରୀୟ ତାଲିକାରୁ ବଂଚିତ ପଛୁଆ ବର୍ଗଙ୍କ ପାଇଁ କୌଣସି ପଦକ୍ଷେପ ନେଉ ନ ଥିଲା। ପଛୁଆ ବର୍ଗଙ୍କୁ ବିଜେଡି ତାଙ୍କ ହକ୍‌ରୁ ବଂଚିତ କରି ରଖିଥିଲା। ତେବେ କେନ୍ଦ୍ରୀୟ ଓବିସି କମିଶନ ପ୍ରତିଶ୍ରୁତି ଦେଇଛନ୍ତି ଯେ, ରାଜ୍ୟ ସରକାର ଯେତେ ଶୀଘ୍ର ରିପୋର୍ଟ ଦେବେ, ଦିଲ୍ଲୀରେ ତର୍ଜମା କରି ଓଡ଼ିଶାର ବଞ୍ଚିତ ଏସ୍‌ଇବିସି ବର୍ଗଙ୍କୁ ଓବିସି ବର୍ଗର କେନ୍ଦ୍ରୀୟ ତାଲିକାରେ ସାମିଲ କରାଯିବ ବୋଲି ସୁରଥ ବିଶ୍ୱାଳ କହିଛନ୍ତି। ଶ୍ରୀ ବିଶ୍ୱାଳ କହିଛନ୍ତି ଯେ, ୨ ଦିନିଆ ଓଡ଼ିଶାଗସ୍ତ ସମାପ୍ତ କରି ଦିଲ୍ଲୀ ଫେରିଯାଇଛନ୍ତି ଜାତୀୟ ଓବିସି କମିଶନ ଅଧ୍ୟକ୍ଷ। ବିଜେପି ଓବିସି ମୋର୍ଚ୍ଚାର ରାଜ୍ୟ କର୍ମକର୍ତାମାନଙ୍କ ସହ ଆଲୋଚନା ସମୟରେ କେନ୍ଦ୍ର ଓବିସି କମିଶନ ମଧ୍ୟ ଓଡ଼ିଶାର ଏସିବିସିମାନଙ୍କର ଯୁକ୍ତି ସମ୍ବଳିତ ତଥ୍ୟକୁ ସ୍ୱୀକାର କରି ସେମାନଙ୍କ ଦାବିକୁ ଗ୍ରହଣ କରାଯିବା ସମ୍ପର୍କରେ ମତପୋଷଣ କରିଥିଲେ। ଓଡିଶାରୁ ୫୦ରୁ ଅଧିକ ଜାତି ଓବିସି ବର୍ଗର କେନ୍ଦ୍ରୀୟ ତାଲିକାରେ ସାମିଲ ହେବା ପାଇଁ ଯୋଗ୍ୟ ବୋଲି କେନ୍ଦ୍ରୀୟ କମିଶନ ସ୍ୱୀକାର କରିଛନ୍ତି। ବିଭିନ୍ନ ଜାତି ବର୍ଗରୁ ଆସିଥିବା ପ୍ରତିନିଧିମାନେ କମିଶନ ଅଧ୍ୟକ୍ଷଙ୍କୁ ଯେଉଁ ଦସ୍ତାବିଜ୍ ଦେଲେ ସେମାନେ ରାଜ୍ୟ ସରକାରଙ୍କ ପାଖରେ ସେଇ ସବୁ ପ୍ରମାଣ ପତ୍ର ଦାଖଲ କରିବାକୁ ପରାମର୍ଶ ଦିଆଯାଇଛି। ଏହାଦ୍ୱାରା ପଛୁଆ ବର୍ଗଙ୍କ ପାଇଁ ଉଦ୍ଦିଷ୍ଟ କେନ୍ଦ୍ର ସରକାରଙ୍କ ଅନେକ ସୁବିଧା ସୁଯୋଗ ପାଇବାରେ ଏହି ଜାତିବର୍ଗର ଲୋକମାନେ ସକ୍ଷମ ହେବେ। କେନ୍ଦ୍ର ସରକାରଙ୍କ ସଂସ୍ଥାଗୁଡ଼ିକରେ ଚାକିରୀ, ପାଠପଢା ପାଇଁ ନାମ ଲେଖାରେ ସଂରକ୍ଷଣ ଓଡ଼ିଶାର ଏସିବିସି ବର୍ଗ ପାଇପାରୁନାହାନ୍ତି। ଏସିବିସିରୁ ଓବିସି ବର୍ଗର କେନ୍ଦ୍ରୀୟ ତାଲିକାରେ ସାମିଲ ହେଲେ ସଂରକ୍ଷଣର ସମସ୍ତ ସୁବିଧା ସୁଯୋଗ ପାଇପାରିବେ। ପାଠପଢ଼ା ପାଇଁ ଯେଉଁ ୨୭ ପ୍ରତିଶତ ସଂରକ୍ଷଣ ରହିଛି, ତାହା ମଧ୍ୟ ପାଇପାରିବେ। ଏନେଇ ରାଜ୍ୟ ସରକାର କେନ୍ଦ୍ରକୁ ଖୁବ୍‌ଶୀଘ୍ର ରିପୋର୍ଟ ଦେବେ ବୋଲି ଶ୍ରୀ ବିଶ୍ୱାଳ ଆଶାବ୍ୟକ୍ତ କରିଛନ୍ତି।

# ଡାବୁଗାଁ ଥାନା ତରଫରୁ 'ଏକତା ଦୌଡ' କାର୍ଯ୍ୟକ୍ରମ




**ନବରଙ୍ଗପୁର :** ନବରଙ୍ଗପୁର ଜିଲ୍ଲା ଡାବୁଗାଁଥାନା ପୋଲିସ ପ୍ରଶାସନ ତରଫରୁ 'ଏକତା ଦୌଡ' କାର୍ଯ୍ୟକ୍ରମ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଡାବୁଗାଁ ଥାନାରୁ ଏକତା ଦୌଡ ଆରମ୍ଭ କରାଯାଇ ଡାବୁଗାଁ ସହର ଉପରେ ଯାଇଥିବା ରାଜ୍ୟ ରାଜ ପଥ-୩୯ ଉପରେ ଦୌଡ଼ି ଦୌଡ଼ି ଅଙ୍ଗୀ ନଦୀ ଅପର ପାର୍ଶ୍ୱ କନ୍ୟାଶ୍ରମ ପର୍ଯ୍ୟନ୍ତ ପହଞ୍ଚିଥିଲେ। ସେଠାରେ ପୋଲିସ ପ୍ରଶାସନ ତରଫରୁ ସମସ୍ତ ଛାତ୍ର, କର୍ମଚାରୀ, ଅଧିକାରୀ ଓ ଜନସାଧାରଣ ମାନଙ୍କୁ ଏକତା ଦୌଡରେ ଭାଗ ନେଇଥିବାରୁ ଗ୍ଲୁକୋଜ ଦିଆଯାଇଥିଲା। ପରେ ସମସ୍ତଙ୍କୁ ଜଳଖିଆ ପ୍ୟାକେଟ୍ ପ୍ରଦାନ କରାଯାଇଥିଲା କ୍ଷସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ ତମ ଜୟନ୍ତୀ ଉପଲକ୍ଷେ ତଥା ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ଏକତା ଦୌଡ ଅନୁଷ୍ଠିତ ହୋଇଥିଲା। ଏକ ଭାରତ, ଆତ୍ମ ନିର୍ଭର ଭାରତ ନେଇ ଆସନ୍ତୁ ଦୌଡ଼ିବା, ରାଷ୍ଟ୍ର ନିର୍ମାଣ ପାଇଁ ସଜାଗ ହେବା ଏଇ ଦୌଡର ଉଦ୍ଦେଶ୍ୟ। ଉକ୍ତ କାର୍ଯ୍ୟକ୍ରମରେ ସବ୍-ଇନ୍ସପେକ୍ଟର ଚନ୍ଦନ ସାହୁ ଓ ବିକ୍ରମ କୁମାର ସାହୁ, ଏଏସ୍‌ଆଇ ଚନ୍ଦ୍ର ଶେଖର ହଜାରୀ ଓ ଗୋପାଳ କୃଷ୍ଣ ହାଲୱା, ହାବିଲଦାର ଶିବ ଶଙ୍କର ଭଞ୍ଜଙ୍କ ସହ କନେଷ୍ଟବଳ ଏବଂ ଓ ଏ ପି ଏଫ୍, ଅଗ୍ନିଶମ ଅଧିକାରୀ ଓ କର୍ମଚାରୀ, ସରକାରୀ ନୂତନ ଉଚ୍ଚ ବିଦ୍ୟାଳୟର ଛାତ୍ର,ଭରପ୍ରାପ୍ତ ପ୍ରଧାନଶିକ୍ଷକ ସନୋଜ କୁମାର ମହାପାତ୍ର, କ୍ରୀଡା ଶିକ୍ଷକ ହେମନ୍ତ କୁମାର ସାମଲ, ଶିକ୍ଷକ ଶେଖର ଚନ୍ଦ୍ର ସାହୁ ଓ ନନ୍ଦୀ କିଶୋର ଭୋଇ ପ୍ରମୁଖଙ୍କ ସହ ଡାବୁଗାଁର ଯୁବକ ଗୋଷ୍ଠୀ ବୃନ୍ଦ ଏକତା ଦୌଡରେ ସାମିଲ ହୋଇଥିଲେ। ଶାନ୍ତି ଶୃଙ୍ଖଳା ସହକାରେ ଏକତା ଦୌଡ ସମାପନ ହୋଇଥିବା ବେଳେ ଅନ୍ୟୁନ ଶତାଧିକ ବ୍ୟକ୍ତି ସାମିଲ ହୋଇଥିଲେ।

# ସର୍ଦ୍ଦାର ବଲଭ ଭାଇ ପଟେଲଙ୍କ ୧୫୦ ତମ ଜୟନ୍ତୀ ପାଳନ

**ଲକ୍ଷ୍ମୀପୁର :** ସର୍ଦ୍ଦାର ବଲଭ ଭାଇ ପଟେଲଙ୍କ ୧୫୦ ତମ ଜୟନ୍ତୀ ତଥା ରାଷ୍ଟ୍ରୀୟ ଏକତା ଦିବସ ଉପଲକ୍ଷେ ଲକ୍ଷ୍ମୀପୁର ପୋଲିସ ତରଫରୁ ଏକ ଗଣ ଦୌଡର ଆୟୋଜନ କରାଯାଉଛି। ଲକ୍ଷ୍ମୀପୁର ମହାବିଦ୍ୟାଳୟ ସମେତ ଆଇଟି ଆଇ କଲେଜ ସମେତ ସାଙ୍ଗାନ୍ନା ହାଇସ୍କୁଲର ଛାତ୍ର ଛାତ୍ରୀଙ୍କୁ ନେଇ ସ୍ଥାନୀୟ ମିନି ଷ୍ଟାଡିୟମରୁ ଲକ୍ଷ୍ମୀପୁର ନୂଆ ବଷ୍ଟାଣ୍ଡ ଯାଏଁ ଏକ ଗଣ ଦୌଡ଼ କରାଯାଇଥିଲା। ଏଥିରେ ଲକ୍ଷ୍ମୀପୁର ଏସଡ଼ିପିଓ ମନୋଜ ବେହେରା, ଆଇଆଇସି ସୁଜ୍ଞାନୀ ସାହୁ, ସବଇନିସ୍ପେକ୍ଟର ରଞ୍ଜିତ ମିଶ୍ର,ଶାନ୍ତିଲତା ବେହେରା, ମହାବିଦ୍ୟାଳୟ ଅଧକ୍ଷ ଗିରିଜା ଚୌଧୁରୀ, ସାଙ୍ଗାନ୍ନା ହାଇସ୍କୁଲ ପ୍ରଧାନ ଶିକ୍ଷକ ଗୋପାଳ ମଣ୍ଡଳ, ବିଜ୍ଞାନ ଶିକ୍ଷକ ଗୋଲକ ଚନ୍ଦ୍ର ଲେଙ୍କା, ଅତିରିକ୍ତ ତହସିଲଦାର ମାଧବ ଭତ୍ରା ଓ ତହସିଲ କର୍ମଚାରୀ, ବଣିକ ସଙ୍ଘ ସଭାପତି ମନୋଜ ସାହୁ ଓ ଉପ ସଭାପତି ଉମାଶଙ୍କର କର୍କରା ପ୍ରଭୃତି ସାମିଲ ଥିଲେ। ଏଥି ସହ ସ୍ଥାନୀୟ ପୂଜା ମଣ୍ଡପ ଠାରେ ସାଇବର କ୍ରାଇମ ହେଲ୍ପ ଲାଇନ ନମ୍ବର ୧୯୦୩ ଲେଖା ଥିବା ସେଲ୍ଫି ପଏଣ୍ଟ ର ଉଦଘାଟନ କରାଯାଇଥିଲା। ଏହି ଅବସରରେ ସାଙ୍ଗାନ୍ନା ହାଇସ୍କୁଲ, ମହାବିଦ୍ୟାଳୟ ଓ ଆଇଟିଆଇର ଛାତ୍ର ଛତ୍ରୀଙ୍କୁ ନେଇ ସାଙ୍ଗାନ୍ନା ହାଇସ୍କୁଲ ଠାରେ ରଚନା ପ୍ରତିଯୋଗିତା କରାଯାଇଥିଲା।

# କେନ୍ଦ୍ରାପାଟି ପଞ୍ଚାୟତରେ ପୋଖରୀ ଖୋଳାରେ ଦୁର୍ନୀତି ଅଭିଯୋଗ

**ଅସ୍ତରଙ୍ଗ:** ପୁରୀଜିଲ୍ଲା ଅସ୍ତରଙ୍ଗ ବ୍ଲକ୍ କେନ୍ଦ୍ରାପାଟି ପଞ୍ଚାୟତରେ ଦୁଇଟି ପୋଖରୀ ଖୋଳାରେ ବ୍ୟାପକ ଦୁର୍ନୀତି ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସୂଚନା ଯୋଗ୍ୟକି କଣ୍ଟାପଡା ଶ୍ମଶାନ ପୋଖରୀ ଓ ମା ଜାଗୁଳାଇ ପୋଖରୀକୁ ଜେସିବି ଲଗାଇ ଖୋଳି ମହାତ୍ମା ଗାନ୍ଧୀ ନିଶ୍ଚିତ ରୋଜଗାର ଯୋଜନାରେ ବାହାର ଗ୍ରାମର ଲୋକଙ୍କ ନାମରେ ମଜୁରୀ ପକାଇ ମିଥ୍ୟା ବିଲ୍ କରାଯାଇ ଥିବା କଣ୍ଟାପଡା ଗ୍ରାମବାସୀ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଗ୍ରାମବାସୀ ଦର୍ଶାଇଛନ୍ତି କି ଜାଗୁଳାଇ ପୋଖରୀକୁ ୮ ଘଣ୍ଟା ଜେସିବି ଲଗାଇ ପୋଖରୀ ଖୋଳାଯାଇଉଥିବା ଅଭିଯୋଗ ହୋଇଛି ଯାହା ବ୍ଲକ୍ କନିଷ୍ଠ ଯନ୍ତ୍ରୀ ରଶ୍ମିରେଖା ସାହୁଙ୍କ ନାମରେ ଦୁଇଟି ପୋଖରୀର କାର୍ଯ୍ୟାଦେଶ ଅଛି। କିଭଳି ଭାବେ ଗ୍ରାମ ଠାରୁ ୨ କିମି ଦୂର ଜୀୟୁନ୍ତି ଗ୍ରାମର ପ୍ରାୟ ଏକ ଶହ ଲୋକଙ୍କୁ ୭ ଦିନ କାମରେ ଲଗାଇ ମୋଟ ୩୧୫୦ ଟଙ୍କା ମଜୁରୀ ଦର୍ଶାଇ ମିଥ୍ୟା ବିଲ୍ କରି ୫,୫୦,୦୦୦ ହଜାର ଟଙ୍କା ହଡପ ହୋଇଥିବା ଗ୍ରାମବାସୀ ଲିଖିତ ଅଭିଯୋଗ କରିଛନ୍ତି। ପୁନଶ୍ଚ ସେହି କଣ୍ଟାପଡା ଗ୍ରାମର ଶ୍ମଶାନ ପୋଖରୀକୁ ଜେସିବି ଲଗାଇ ୧୦୦୦ ହଜାର ଟ୍ରିପ୍ ମାଟି ପ୍ରତି ଟ୍ରିପ୍ ୩୦୦ ହିସାବରେ ପ୍ରାୟ ୩ ଲକ୍ଷ୍ୟ ଟଙ୍କା ଆଦାୟ କରିବା ସହିତ ବିଜିପୁର (ନାମାରୋ) ଗ୍ରାମର ଶତାଧିକ ଲୋକଙ୍କ ନାମରେ ମିଥ୍ୟା ବିଲ୍ ହୋଇଥିବା ଅସ୍ତରଙ୍ଗ ବ୍ଲକ୍ ଆରଟିଆଇ ଆବାହକ ସୁବୋଧ କୁମାର ମହାନ୍ତି ଆରଟିଆଇ ତଥ୍ୟ ଆଧାରରେ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଛନ୍ତି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଯେଉଁ ପାଖ ଗ୍ରାମ ଜୀୟୁନ୍ତି ଗ୍ରାମର ଜବ କାର୍ଡଧାରୀ ଅଶ୍ୱିନୀ ରାଉତ ଓ ଅନ୍ୟ ଲୋକମାନଙ୍କ ନାମରେ ମାଷ୍ଟର ରୋଲରେ ନାମ ଅଛି ସେମାନେ ଏହି କାର୍ଯ୍ୟ କରିନାହାନ୍ତି କିମ୍ବା ଜାଣି ବି ନାହାନ୍ତି। ଯଦି କେହି ତାଙ୍କ ନାମକୁ ଅପବ୍ୟବହାର କରି ଏଭଳି ଅପରାଧିକ କାର୍ଯ୍ୟ କରିଛନ୍ତି ସେମାନେ ଏଥି ପ୍ରତି ଦାୟୀ ନୁହନ୍ତି ବୋଲି ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଏଠାରେ କିଭଳି ଭାବେ ଏହିପରି ଦୁର୍ନୀତି କିପରି କରାଗଲା ସ୍ଥାନୀୟ ପ୍ରଶାସନ ଜାଣିପାରିଲା ନାହିଁ ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଛି। ଏ ସମ୍ପର୍କରେ ଜିଲ୍ଲାପାଳ ଏହି ଘଟଣା ଉପରେ ଦୃଷ୍ଟି ଦେଇ ଉଚ୍ଚସ୍ତରୀୟ ତଦନ୍ତ କରି ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ଟଙ୍କା ଫେରସ୍ତ ଆଣିବା ପାଇଁ ଶ୍ରୀଯୁକ୍ତ ମହାନ୍ତି ନିବେଦନ କରିଛନ୍ତି।

# ପାରମ୍ପରିକ କଳାରେ ପରିବେଶ ଅନୁକୂଳ କଳାକୃତି



ରବୀନ୍ଦ୍ର କୁମାର ମହାରଣା

ଆମ ରାଜ୍ୟର ଐତିହ୍ୟ, ସଂସ୍କୃତି ଓ ପାରମ୍ପରିକ କଳାର ଆଦର ଆଧୁନିକ ଯୁଗର ଯୁବ ପିଢିଙ୍କ ମଧ୍ୟରେ ଧୀରେ ଧୀରେ ଲୋପ ପାଇବାରେ ଲାଗିଛି। କିନ୍ତୁ ଉପଯୁକ୍ତ ଶିଳ୍ପୀ ଗୁରୁମାନଙ୍କ ମାର୍ଗଦର୍ଶନରେ ଯୁବ ଶିଳ୍ପୀଙ୍କ ମଧ୍ୟରେ କଳାତ୍ମକ ପ୍ରତିଭାର ବିକଶିତ କରିବାର ମାଧ୍ୟମ ହୁଏ ପ୍ରାକୃତିକ ଉପକରଣ। ବର୍ଜ୍ୟବସ୍ତୁ ଗୋବର ଓ ମାଟି ଏବଂ ଟୁକୁଡା କାଗଜ ଓ କନାକୁ ନିଜର ସୃଜନାତ୍ମକ କଳା ସ୍ପର୍ଶରେ ଜୀବନ୍ତ ହୁଏ ଗୋବରରୁ ଗୋବର କଣ୍ଢେଇ, ମାଟିରୁ ମାଟି କଣ୍ଢେଇ ନତୁବା ପୋଡ଼ା ମାଟି କଣ୍ଢେଇ (ଟେରାକୋଟା), କାଗଜରୁ କାଗଜ ମୁଖା ଓ କନାରୁ ରଙ୍ଗ ବେରଙ୍ଗର ଚାନ୍ଦୁଆ। ଓଡ଼ିଶାର







ପାରମ୍ପରିକ କାରୁ କଳାର ପ୍ରଚାର, ପ୍ରସାର ଓ ବର୍ଜ୍ୟ ବସ୍ତୁରୁ କଳାକୃତି ତିଆରିରେ ଦକ୍ଷତା ବିକାଶ ପାଇଁ ଭାରତ ସରକାରଙ୍କ ଅନୁଦାନ ପ୍ରାପ୍ତ ସି.ଇ.ଏସ. ସଦା ଚେଷ୍ଟିତ। ଯୁବ ବର୍ଗ ତଥା ନୂତନ ପୀଢିର କଳାକାରଙ୍କ ମଧ୍ୟରେ ପାରମ୍ପରିକ କାରୁକଳାର ଆଦର ବଢାଇବା ସହ ପ୍ରତ୍ୟେକ କଳାର ଉତ୍ସ ହେଉଛି ପାରମ୍ପରିକ କଳା, ଏହି ବାର୍ତ୍ତାକୁ ଲୋକାଭିମୁଖୀ କରିବାର ପ୍ରୟାସ ଆରମ୍ଭ କରିଛି ଧଉଳି ଶାନ୍ତିସ୍ତୁପ ନିକଟସ୍ଥ ଧଉଳି ଚାରୁକଳା ମହାବିଦ୍ୟାଳୟ। ଭାରତ ସରକାରଙ୍କ ଅନୁଦାନ ପ୍ରାପ୍ତ ସି.ଇ.ଏସ.ର ସହ ଭାଗିଦାରୀତାରେ ଏକ ଦିନିକିଆ କାରୁକଳା କର୍ମଶାଳା ଆୟୋଜିତ ହୋଇଯାଇଛି ମହାବିଦ୍ୟାଳୟ ପରିସରରେ। ଉକ୍ତ କର୍ମଶାଳାରେ ମହାବିଦ୍ୟାଳୟର ଯୁବ ଶିଳ୍ପୀମାନେ ପାରମ୍ପରିକ ଗୁରୁ ଟେରାକୋଟା ଶିଳ୍ପୀ ସରୋଜ ରାଉତ, ଗୋବର କଣ୍ଢେଇ ଶିଳ୍ପୀ ଅବନ୍ତୀ ମହାରଣା, ଚାନ୍ଦୁଆ ଶିଳ୍ପୀ ସୁଜାସ୍ମିତା ତିୱାରୀ ଓ କାଗଜ ମୁଖା ଶିଳ୍ପୀ ପୁରୁଷୋତ୍ତମ ମହାପାତ୍ରଙ୍କ ଠାରୁ ପାରମ୍ପରିକ କଳାର ଗଠନ ପଦ୍ଧତି ତଥା ପାରମ୍ପରିକ କଳା କୌଶଳ ଶିଖି ନିଜେ ସୁନ୍ଦର ଓ ମନୋଲୋଭା କଳା କୃତିମାନ ଗଢିଥିଲେ ଯାହା କଳାନୁରାଗି ଦର୍ଶକଙ୍କୁ ବିମୋହିତ କରିଥିଲା। ଏହି କର୍ମଶାଳାର ସଂଯୋଜକ ତଥା ମୁଖ୍ୟ ଅତିଥି ବିଶିଷ୍ଟ ଭାସ୍କର୍ଯ୍ୟ ଶିଳ୍ପୀ ଜୟନ୍ତ କୁମାର ଦାସଙ୍କ କରକମଳରେ ପ୍ରଭୁ ଜଗତର ନାଥ ଜଗନ୍ନାଥଙ୍କ ଉଦ୍ଦେଶରେ ଦୀପ ପ୍ରଜ୍ଜ୍ୱଳନ ଓ ପୁଷ୍ପାର୍ଘ୍ୟ ଅର୍ପଣ ପୂର୍ବକ କର୍ମଶାଳାକୁ ଉଦ୍ଘାଟନ କରିବା ସହ ପରିତ୍ୟକ୍ତ ବସ୍ତୁରୁ କିପରି ପରିବେଶ ଅନୁକୂଳ କଳାକୃତି ତିଆରି କରି ସମାଜରେ ଉଦାହରଣ ସୃଷ୍ଟି କରିହେବ ଏବିଷୟରେ ଛାତ୍ରଛାତ୍ରୀଙ୍କୁ ଅବଗତ କରିଥିଲେ। ସମ୍ମାନିତ ଅତିଥିଭାବେ ବିଶିଷ୍ଟ ସମାଜସେବୀ ସୁଶାନ୍ତ କୁମାର ସାହୁ ଓ ପାରମ୍ପରିକ ଚିତ୍ରଶିଳ୍ପୀ ତଥା କଳା ଶିକ୍ଷକ ରବୀନ୍ଦ୍ର କୁମାର ମହାରଣା ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କ ଦ୍ୱାରା ସ୍ୱଳ୍ପ ସମୟ ମଧ୍ୟରେ ପ୍ରସ୍ତୁତ କଳାକୃତିର ଭୂୟସୀ ପ୍ରଶଂସା କରିଥିଲେ। ପ୍ରାରମ୍ଭରେ ମହାବିଦ୍ୟାଳୟର ଅଧ୍ୟକ୍ଷ ତଥା ଆନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଚିତ୍ରଶିଳ୍ପୀ ଡ. ପଞ୍ଚାନନ ସାମଲ କର୍ମଶାଳାର ଉପାଦେୟତା ବିଷୟରେ ବକ୍ତବ୍ୟ ରଖିବା ସହ ମହାବିଦ୍ୟାଳୟର ସମ୍ପାଦକ ରବିଶଙ୍କର ଦାସ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। କର୍ମଶାଳାର ଉଦଯାପନୀ ଉତ୍ସବରେ ସମସ୍ତ ଅତିଥିବୃନ୍ଦ ପାରମ୍ପରିକ ଗୁରୁ ମାନଙ୍କ କଳା ପ୍ରତିଭାକୁ ସମ୍ମାନ ପ୍ରଦାନ ଅବସରରେ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରିଥିଲେ। ଉପାଧ୍ୟକ୍ଷ ଚନ୍ଦନ କୁମାର ସାମଲ ଓ ଅଧ୍ୟାପିକା ସୋଫିୟା ୟସ୍ମିନ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ସ୍ଥଳେ ଅଧ୍ୟାପକ ରାମ ଶଙ୍କର ସାହୁ, ଯାନିତା ପ୍ରିୟଦର୍ଶିନୀ, ଲକ୍ଷ୍ମୀଧର ସ୍ୱାଇଁ ପ୍ରମୁଖ ଓ ସାଧାରଣ ଦର୍ଶକ ଅନୁଷ୍ଠାନର ଏପରି କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିବା ସହ ଯୁବ ଶିଳ୍ପୀମାନଙ୍କ ଉତ୍ସାହ ଓ କଳାଚାତୁରୀ ଦ୍ୱାରା ବିଲୁପ୍ତ ପ୍ରାୟ ପାରମ୍ପରିକ କଳାର ପୁନରୁଦ୍ଧାର ପାଇଁ ପ୍ରଚେଷ୍ଟା ଆଗାମୀ ଯୁବ ବର୍ଗଙ୍କ ପାଇଁ ପ୍ରେରଣାର ଉତ୍ସ କହିଲେ ଅତ୍ୟୁକ୍ତି ହେବ ନାହିଁ।

*ପାରମ୍ପରିକ ଚିତ୍ରଶିଳ୍ପୀ ତଥା କଳାଶିକ୍ଷକ*























### କେନ୍ଦ୍ର ସୂଚନା ପ୍ରସାରଣ ମନ୍ତ୍ରୀଙ୍କୁ ଦାବି ଜଣାଇଲା ସାମ୍ବାଦିକ ସଙ୍ଘର ସମଷ୍ଟୀ 'ସାମ୍ବାଦିକ ମିଳିତ ମଞ୍ଚ'

# ସାମ୍ବାଦିକ ସୁରକ୍ଷା ସ୍ୱତନ୍ତ୍ର ଆଇନ୍, ଭତ୍ତା କଲ୍ୟାଣ ପାଣ୍ଠି ବୃଦ୍ଧି ଦାବି

**ଭୁବନେଶ୍ୱର :** ସାମ୍ବାଦିକ ସଙ୍ଘର ସମଷ୍ଟୀ ସାମ୍ବାଦିକ ମିଳିତ ମଞ୍ଚ। ସାମ୍ବାଦିକ ମିଳିତ ମଞ୍ଚ ପକ୍ଷରୁ ନୂଆ ଦିଲ୍ଲୀରେ କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀଙ୍କୁ ତାଙ୍କ ବାସଭବନରେ ସାମ୍ବାଦିକଙ୍କ ସମସ୍ୟା ନେଇ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସାମ୍ବାଦିକମାନଙ୍କ ସୁରକ୍ଷା ପାଇଁ ମହାରାଷ୍ଟ୍ର ଢାଞ୍ଚାରେ ସ୍ୱତନ୍ତ୍ର ଆଇନ୍ ପ୍ରଣୟନ ନିମନ୍ତେ ଘୋଷଣା କରିବାକୁ ଦାବି କରିଛି ସାମ୍ବାଦିକ ମିଳିତ ମଞ୍ଚ। ମଞ୍ଚର ଆବାହକ ଲିଙ୍ଗରାଜ ସାହୁଙ୍କ ଅଧ୍ୟକ୍ଷତାରେ ଡ଼ ଗଦାଧର ଦାସ, ଡ଼ ବିପିନ ବିହାରୀ ମିଶ୍ର ପ୍ରମୁଖ ଉପସ୍ଥିତଥିଲେ। ଶ୍ରୀ ସାହୁ କହିଛନ୍ତି ଯେ, ଅନେକ ସମୟରେ କାର୍ଯ୍ୟରତ ସାମ୍ବାଦିକମାନେ କର୍ତବ୍ୟ କରୁଥିବା ବେଳେ ବହୁବାର ଆକ୍ରମଣର ଶିକାର



ହେଉଛନ୍ତି। ଏଣୁ ସ୍ୱତନ୍ତ୍ର ଆଇନ୍ ପ୍ରଣୟନ ତୁରନ୍ତ କରିବା, ବିଭିନ୍ନ ସାମ୍ବାଦିକଙ୍କ ସମେତ ବାପା ଓ ମା' ପାଇଁ ବୀମାର ସାମିଲ କରିବା, ବିଭିନ୍ନ ଅନୁମତିପ୍ରାପ୍ତ ୱେବ୍ ଚ୍ୟାନେଲ ଏବଂ ପୋର୍ଟାଲ ନ୍ୟୁଜ୍ ସଂସ୍ଥାର ସାମ୍ବାଦିକଙ୍କୁ ବୀମାରେ ଅନ୍ତର୍ଭୁକ୍ତ କରିବା, ସାମ୍ବାଦିକ କଲ୍ୟାଣ ପାଣ୍ଠିକୁ ବୃଦ୍ଧି କରିବା, ଅବସରପ୍ରାପ୍ତ ଭର୍ତା ପ୍ରଦାନ କରିବାକୁ ଦାବି କରି ଏକ ପତ୍ର ପ୍ରଦାନ କରିଥିଲେ। ପ୍ରକାଶ ଯେ, ଏହି ସବୁ ଦାବିକୁ ନିର୍ବାଚନ ଇସ୍ତାହାରରେ ରଖିବାକୁ ଗତ ୨୦୨୪ସାଧାରଣ ନିର୍ବାଚନରେ କେବଳ ସାମ୍ବାଦିକ ମିଳିତ ମଞ୍ଚ ନୂଆ ଦିଲ୍ଲୀରେ ବିଜେପି କାର୍ଯ୍ୟାଳୟରେ ବିଜେପି ଇସ୍ତାହାର କମିଟି ମୁଖ୍ୟଙ୍କୁ ଭେଟି ସାମ୍ବାଦିକଙ୍କ ସମସ୍ୟା ସମାଧାନ କଥା ଇସ୍ତାହାରରେ ରଖିବାକୁ ଦାବି କରିଥିଲା। ସେହିପରି ପ୍ରଥମକରି ଓଡ଼ିଶାରେ ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ ଦାବି କରି ୫ବର୍ଷ ପୂର୍ବରୁ ପ୍ରାୟ ୮୦ଜଣ ବିଧାୟକଙ୍କୁ ଭେଟି ଦାବି ଜଣାଇଥିଲା।

### ଲୌହପୁରୁଷ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀରେ ଶ୍ରଦ୍ଧାଞ୍ଜଳି ଦେଲେ କେନ୍ଦ୍ରମନ୍ତ୍ରୀ

# 'ସର୍ଦ୍ଦାର ପଟେଲଙ୍କ ଆଦର୍ଶରୁ ପ୍ରେରଣା ନେଇ ଏକଜୁଟ୍ ହୋଇ କାର୍ଯ୍ୟ କରିବା'

**ପାଟନା :** କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୁକ୍ରବାର ପାଟନା ସ୍ଥିତ ବିଜେପି କାର୍ଯ୍ୟାଳୟରେ ଲୌହପୁରୁଷ ତଥା 'ଭାରତରତ୍ନ' ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ଅବସରରେ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି। ଶ୍ରୀ ପ୍ରଧାନ ସମସ୍ତ ଦେଶବାସୀଙ୍କୁ 'ରାଷ୍ଟ୍ରୀୟ ଏକତା ଦିବସ'ର ହାର୍ଦ୍ଦିକ ଶୁଭେଚ୍ଛା ଜଣାଇବା ସହ କହିଛନ୍ତି ଯେ ସର୍ଦ୍ଦାର ପଟେଲଜୀ ନିଜର ଅତୁଟ ରାଷ୍ଟ୍ରନିଷ୍ଠା, ଅଦ୍ୱିତୀୟ ନେତୃତ୍ୱ ଏବଂ ଅଦମ୍ୟ ସଂକଳ୍ପ ବଳରେ ଅନେକ ରାଜ୍ୟକୁ ଏକ ସୂତ୍ରରେ ବାନ୍ଧି ଅଖଣ୍ଡ ଭାରତର ନିର୍ମାଣ କରିଥିଲେ। ତାଙ୍କର ଜୀବନ ଆମକୁ ଏହା ଶିକ୍ଷା ଦିଏ ଯେ ରାଷ୍ଟ୍ରର ଶକ୍ତି ଏକତାରେ ହିଁ ଅନ୍ତର୍ନିହିତ। ସେ ଭାରତୀୟ ରାଜନୀତିରେ ନିଜର ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବା ସହ ଦେଶର ଏକତା ପାଇଁ ଅସାଧାରଣ ପ୍ରୟାସ କରିଥିଲେ। ତାଙ୍କର ଦୂରଦୃଷ୍ଟି ଓ ନେତୃତ୍ୱ ଯୋଗୁଁ ଆଜି ଭାରତ ଏକ ଅଖଣ୍ଡ ରାଷ୍ଟ୍ର ଭାବରେ ଦଣ୍ଡାୟମାନ। ଶ୍ରୀ ପ୍ରଧାନ ଆହୁରି ମଧ୍ୟ କହିଥିଲେ,ସର୍ଦ୍ଦାର ପଟେଲଙ୍କ



ଜୟନ୍ତୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନରେ 'ରନ୍ ଫର୍ ୟୁନିଟି' ଆୟୋଜିତ ହେଉଛି। ଏହି ଦିନ ଦେଶବାସୀ ଏକଜୁଟ୍ ହୋଇ ସର୍ଦ୍ଦାର ପଟେଲଙ୍କ ନୀତିଗୁଡ଼ିକୁ ସମ୍ମାନ ଜଣାଇବା ସହ ଜାତୀୟ ଏକତା ଏବଂ ଅଖଣ୍ଡତା ପ୍ରତି ଆମର ପ୍ରତିବଦ୍ଧତାକୁ ବ୍ୟକ୍ତ କରୁଛନ୍ତି। ତାଙ୍କ ଆଦର୍ଶରୁ ପ୍ରେରଣା ନେଇ ଏକ ବିକଶିତ ଏବଂ ଶକ୍ତିଶାଳୀ ଭାରତର ନିର୍ମାଣ ପାଇଁ ଏକଜୁଟ୍ ହୋଇ କାର୍ଯ୍ୟ କରିବାକୁ ସଂକଳ୍ପ ନେବାକୁ ଶ୍ରୀ ପ୍ରଧାନ ଦେଶବାସୀଙ୍କୁ ଆହ୍ୱାନ କରିଛନ୍ତି।

# ରାଷ୍ଟ୍ରୀୟ ଦିବସ ଅବସରରେ ମିନି ମାରାଥନ

**ପଡିଆ :** ମାଲକାନଗିରି ଜିଲ୍ଲା ପଡିଆ ବ୍ଲକ ସଦର ମହକୁମାରେ ଲୌହ ମାନବ ସର୍ଦାର ବଲ୍ଲଭାଇ ପଟେଲଙ୍କ ୧୫୦ତମ ଜନ୍ମ ଜୟନ୍ତୀ ସହ ରାଷ୍ଟ୍ରୀୟ ଏକତା ଦିବସ ପାଳନ ଅବସରରେ ପଡିଆ ପୋଲିସ ପକ୍ଷରୁ ଗଣଦୌଡ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପଡିଆ ମୁଖ୍ୟ ବଜାରରେ ଥିବା ରାମ ମନ୍ଦିର ଛକଠାରୁ ପଡିଆ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଖେଳ ପଡିଆ ପର୍ଯ୍ୟନ୍ତ ପ୍ରାୟ ଦୁଇ କିମି ଦୂରତାର ଗଣ ଦୌଡ ଅନୁଷ୍ଠିତ କରାଯାଇଛି। ଏହାପରେ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଖେଳ ପଡିଆରେ ଅନୁଷ୍ଠିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଲୌହମାନବ ସର୍ଦାର ବଲ୍ଲଭାଇ ପଟେଲ ଆତ୍ମଜୀବନୀ, ସ୍ୱାଧୀନତା ସଂଗ୍ରାମରେ ତାଙ୍କ ଅବଦାନ, ସ୍ୱାଧୀନୋତ୍ତର ଭାରତ ଗଠନରେ ତାଙ୍କ ବଳିଷ୍ଠ ଅବଦାନ ବାବଦରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଛି। ଏଥିସହ ସରଦାର ବଲ୍ଲଭଭାଇ ପଟେଲ ସ୍ୱାଧୀନୋତ୍ତର



ଭାରତର ଗଡ଼ଜାତ ରାଜ୍ୟ ଗୁଡିକୁ ସଙ୍ଗଠିତ କରି ଭାରତ ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବାରୁ ସେ ଚିର ସ୍ମରଣୀୟ ବୋଲି କୁହାଯାଇଛି। ପଡିଆ ଥାନା ଅଧିକାରୀ ଡିଏସପି ରମେଶ୍ୱର ପଧାନଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସମାଜସେବୀ ଡଃ ଏନ୍ ରାଘବ ରାଓ, ଏମଡି ଫାରୁକ୍, କୋଟାମ ବାଲାୟା ପ୍ରମୁଖ ଉପସ୍ଥିତ ଥିଲେ। ପଡିଆ ପୋଲିସ ଓ ବିଏସଏଫ ପକ୍ଷରୁ ଅପରାହ୍ଣ ସମୟରେ ଭେଞ୍ଚନପଲ୍ଲୀ ଗ୍ରାମରେ ସାର୍ବଜନିନ ବୈଠକ କରାଯାଇ ବକ୍ତୃତା ପ୍ରତିଯୋଗୀତା କରାଯାଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି। ଏହି କାର୍ଯ୍ୟକ୍ରମକୁ ପଡିଆ ଥାନା ଏସଆଇ ନିରୋଦ କୁମାର ବାଘ, ଏଏସଆଇ ଅନିଲ କୁମାର ମିଶ୍ର, ଏଏସ୍ଆଇ କେଶବ ଭତ୍ରା ପ୍ରମୁଖ ପରିଚାଳନା କରିଛନ୍ତି।

### କଥା ଦେଇ କଥା ରଖିଲେ ସରକାର

# ପ୍ରତ୍ୟେକ ନୂତନ ରାସ୍ତା ପାର୍ଶ୍ୱରେ ହେବ ବୃକ୍ଷରୋପଣ

**ଭୁବନେଶ୍ୱର :** ସଂପ୍ରତି ଜଳବାୟୁ ପରିବର୍ତ୍ତନ ଏବଂ ପରିବେଶ ପ୍ରଦୂଷଣ ବିଶ୍ୱରେ ଏକ ମୁଖ୍ୟ ସମସ୍ୟା ଭାବେ ଉଭା ହୋଇଛି। ଦ୍ରୁତ ସହରୀକରଣ ଓ ଜଙ୍ଗଲ ହ୍ରାସ ଯୋଗୁଁ ଏହାର କୁପ୍ରଭାବ ସାରା ମାନବ ସମାଜ ଓ ଜୀବଜଗତ ଉପରେ ପରିଲକ୍ଷିତ ହେଉଛି। ତେଣୁ ଏହି ସମସ୍ୟାର ମୁକାବିଲା କରିବା ଏବଂ ଓଡ଼ିଶାକୁ ପରିବେଶ ଅନୁକୂଳ ରାଜ୍ୟ ଭାବେ ଗଢ଼ିତୋଳିବାକୁ ରାଜ୍ୟ ସରକାର ଯେଉଁ ପ୍ରତିଶ୍ରୁତି ପ୍ରଦାନ କରିଥିଲେ, ତାହାକୁ କାର୍ଯ୍ୟକାରୀ କରିବାକୁ ପ୍ରୟାସ ଆରମ୍ଭ କରିଛନ୍ତି। ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମାର୍ଗଦର୍ଶନକୁ ଅନୁପାଳନ କରି ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଓଡ଼ିଶା ସାମଗ୍ରିକ ପ୍ରଗତି ପଥରେ ଅଗ୍ରସର ହେଉଛି। ଏହି କ୍ରମରେ ସାରା ରାଜ୍ୟରେ ପୂର୍ତ୍ତ ବିଭାଗ ଅଧୀନରେ ନୂଆକରି ନିର୍ମାଣ ହେବାକୁ ଥିବା ପ୍ରତ୍ୟେକ ରାଜପଥ, ଜିଲ୍ଲା ମୁଖ୍ୟ ସଡ଼କ, ଅନ୍ୟାନ୍ୟ ସମସ୍ତ ସଡ଼କ ନିର୍ମାଣ ସମୟରେ ବୃକ୍ଷରୋପଣକୁ ବାଧ୍ୟତାମୂଳକ କରାଯିବା ନେଇ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି। ଏଥିନେଇ ବିଭାଗ ପକ୍ଷରୁ ନିର୍ମାଣ ହେବାକୁ ଥିବା ରାସ୍ତାର ଉଭୟ ପାଶ୍ୱର୍ ଏବଂ ଡିଭାଇଡର ମଝିରେ ଥିବା ଖାଲିସ୍ଥାନରେ ବ୍ୟାପକ ବୃକ୍ଷରୋପଣ କରାଯିବା ନେଇ ଇଆଇସି (ସିଭିଲ୍ ତଥା ରୋଡସ୍), ଇଆଇସି (ଏନ୍ଏଚ୍), ଏମ୍.ଡି, ଓବିସିସିଙ୍କୁ ଚିଠି ଜରିଆରେ ଅବଗତ କରାଯାଇଛି। ଗ୍ରୀନ୍ କରିଡର ବିକାଶ ଓ ପରିଚାଳନା ଲକ୍ଷ୍ୟ ନେଇ ସବୁ ରାସ୍ତାକଡ଼ରେ ବୃକ୍ଷ ରୋପଣ କରାଯିବ। ଏହି କ୍ରମରେ ରାସ୍ତା ନିର୍ମାଣ ସମୟରେ ନିର୍ମାଣ ବ୍ୟୟର ଅତିରିକ୍ତ ୧ ପ୍ରତିଶତ ଅର୍ଥରାଶି ବୃକ୍ଷରୋପଣ ଏବଂ ରକ୍ଷଣାବେକ୍ଷଣ ବାବଦରେ ଖର୍ଚ୍ଚ କରିବା ନେଇ ମାର୍ଗଦର୍ଶିକା ଜାରି କରାଯାଇଛି। ଏହାଦ୍ୱାରା ଅଙ୍ଗାରକାମ୍ଳ ଅବଶୋଷଣ ଓ ଅମ୍ଳଜାନ ସ୍ତର ବୃଦ୍ଧି ସହ ବାୟୁ ପ୍ରଦୂଷଣକୁ କମ୍ କରିହେବ। ଏହି ବୃକ୍ଷରୋପଣ ଶବ୍ଦ ପ୍ରଦୂଷଣକୁ କମ୍ କରିବା ସହ ମୃତ୍ତିକା କ୍ଷୟକୁ ରୋକିବା ଏବଂ ବାୟୁର ମାନକ ବୃଦ୍ଧି କରିବା ସହ ଖରାଦିନେ ଆଖପାଖ ଅଞ୍ଚଳରେ ଶୀତଳତା ସୃଷ୍ଟି କରିବାରେ ସହାୟକ ହେବ। ଏଠାରେ ସୂଚନାଯୋଗ୍ୟ ଯେ ରାଜ୍ୟ ସରକାର ପୂର୍ବରୁ ନିର୍ବାଚନରେ ଦେଇଥିବା ପ୍ରତିଶ୍ରୁତି ମୁତାବକ ବ୍ୟାପକ ବନୀକରଣ ସହ ଜଳବାୟୁ ପରିବର୍ତ୍ତନରେ ମୁକାବିଲା ଦିଗରେ କାର୍ଯ୍ୟ କରୁଛନ୍ତି। ଏହି ପରିପ୍ରେକ୍ଷିରେ ରାସ୍ତା ପାର୍ଶ୍ୱର୍ରେ ବୃକ୍ଷରୋପଣ ନିଷ୍ପତ୍ତି ମୃତ୍ତିକା ସଂରକ୍ଷଣ ଓ ବିଭିନ୍ନ ପ୍ରଦୂଷଣକୁ କମ୍ କରିବା ଦିଗରେ କାର୍ଯ୍ୟ କରିବ। ପରିବେଶ ସନ୍ତୁଳନ ରକ୍ଷା କ୍ଷେତ୍ରରେ ରାଜ୍ୟ ସରକାରଙ୍କ ଏହି ଯୁଗାନ୍ତକାରୀ ପଦକ୍ଷେପ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ଏବଂ ସମଗ୍ର ଦେଶରେ ଓଡ଼ିଶା ଏକ ଅଗ୍ରଣୀ ରାଜ୍ୟରେ ପରିଣତ ହୋଇପାରିବ।




## ସମବାୟ ବିଭାଗରେ 'ରାଷ୍ଟ୍ରୀୟ ଏକତା ଦିବସ ଶପଥ' କାର୍ଯ୍ୟକ୍ରମ

**ଭୁବନେଶ୍ୱର :** ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ତଥା ରାଷ୍ଟ୍ରୀୟ ଏକତା ଦିବସ ପାଳନ ଅବସରରେ ଆଜି ସମବାୟ ବିଭାଗ ସମ୍ମିଳନୀ କକ୍ଷରେ ରାଷ୍ଟ୍ରୀୟ ଏକତା ଦିବସ ଶପଥ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ସମବାୟ ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀ ରାଜେଶ ପ୍ରଭାକର ପାଟିଲ ଯୋଗ ଦେଇ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କୁ ରାଷ୍ଟ୍ରୀୟ ଏକତା ଦିବସର ଶପଥ ପାଠ କରାଇଥିଲେ।




# ଓଡ଼ିଶାରେ କ୍ରନିକ୍ କିଡ୍‌ନୀ ରୋଗର ପ୍ରତିରୋଧ ଓ ନିୟନ୍ତ୍ରଣ ସମ୍ପର୍କରେ ବୈଠକ


**ଭୁବନେଶ୍ୱର :** ମିଳିତ ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶାଳୟରେ ଓଡ଼ିଶାରେ କ୍ରନିକ କିଡିନୀ ରୋଗ (ସିକେଡି) ନିୟନ୍ତ୍ରଣ ଓ ପ୍ରତିରୋଧ ସମ୍ବନ୍ଧୀୟ ସ୍ଥିତି ବିଶ୍ଳେଷଣ ଏବଂ ଆଗାମୀ ପଦକ୍ଷେପ ନିର୍ଦ୍ଧାରଣ ସମ୍ପର୍କରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସଚିବ ତଥା ଆୟୁକ୍ତ ଅଶ୍ୱଥୀ ଏସଙ୍କ ଅଧ୍ୟକ୍ଷତାରେ ଟେକନିକାଲ କମିଟି ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ନିୟନ୍ତ୍ରଣ ପଦକ୍ଷେପଗୁଡ଼ିକ ପାଇଁ ରୋଡମ୍ୟାପ୍, ରୋଗୀଙ୍କ ଅସୁବିଧା ର ସମାଧାନ ଆଦି ବିଷୟରେ ଆଲୋଚନା ହୋଇଥିଲା। ସଭାରେ ରାଜ୍ୟ ଏବଂ ରାଜ୍ୟ ବାହାରର ବିଭିନ୍ନ ମେଡିକାଲ କଲେଜ, ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ, ବିଶେଷଜ୍ଞ ଡାକ୍ତର ଓ ଗବେଷକମାନେ ଅଂଶଗ୍ରହଣ କରିଥିଲେ। ସଭାରେ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ସିକେଡିର ବୃଦ୍ଧି ହାର, ପାଣି ଓ ପରିବେଶ ଗୁଣବତ୍ତା, ରୋଗ ନିରୀକ୍ଷଣ ଅବସ୍ଥା ଉପରେ ବିସ୍ତୃତ ଆଲୋଚନା ହୋଇଥିଲା।



ଏହି ସଭାରେ ରାଜ୍ୟସ୍ତରୀୟ ସିକେଡି ସର୍ଭିଲାନ୍ସ ସିଷ୍ଟମ ଗଠନ, ଜନ ଜାଗୃତି ଓ ସ୍କ୍ରିନିଂ କ୍ୟାମ୍ପ, ପଞ୍ଜୀକରଣ, ବିଶେଷଜ୍ଞ ମାନଙ୍କୁ ଅଧିକ ଗବେଷଣା ନିମନ୍ତେ ପ୍ରେରିତ କରିବା ସହ ସଚେତନତା କରାଯିବା, ସମ୍ପୃକ୍ତ ବିଭାଗ ଗୁଡିକ ଭୂମିକା ଆଦି ବିଷୟରେ ଆଲୋଚନା କରାଯାଇଛି। ଏହି ବୈଠକରେ ଜାତୀୟ ସ୍ୱାସ୍ଥ୍ୟ ମିସନ ଏମଡି ଡ଼ ବୃନ୍ଦା ଡି., ସ୍ୱତନ୍ତ୍ର ସଚିବ ବିଜୟ ମହାପାତ୍ର, ଡିଏମଇଟି ଡ଼ ସନ୍ତୋଷ ମିଶ୍ର, ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡ଼ ନୀଳକଣ୍ଠ ମିଶ୍ର , ପରିବାରକଲ୍ୟାଣ ନିର୍ଦ୍ଦେଶକ ଡ଼ ପ୍ରଦୀପ ଗୁରୁ , ଅତିରିକ୍ତ ନିର୍ଦ୍ଦେଶକ ଡ଼ ସୁଶାନ୍ତ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ବୈଠକରେ ଆଇସିଏମଆର ବୈଜ୍ଞାନିକ ଡ଼ ସୁବ୍ରତ ପାଲୋ, ନିମ୍ସ ହାଇଦରାବାଦ ଡ଼ ଗଙ୍ଗାଧର ଟି ପିପିଟି ମାଧ୍ୟମରେ ତଥ୍ୟ ଉପସ୍ଥାପନ କରିଥିଲେ।

# ଓଏସ୍ଏପି ବାଟାଲିୟନରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜନ୍ମ ଜୟନ୍ତୀ ପାଳିତ

**କଟକ :** କଟକସ୍ଥିତ ଷଷ୍ଠ ଓଏସଏପି ବାଟାଲିୟନ ପରିସରରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ ତମ ଜନ୍ମ ଜୟନ୍ତୀ ଅବସରରେ ରାଜ୍ୟସ୍ତରୀୟ ରାଷ୍ଟ୍ରୀୟ ଏକତା ଦିବସ ସମାରୋହ ପାଳିତ ହୋଇଯାଇଛି। ଏହି ଅବସରରେ ଆରକ୍ଷୀ ମହାନିର୍ଦ୍ଦେଶକ (କ୍ରାଇମ ବ୍ରାଞ୍ଚ) ବିନୟତୋଷ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହାପୁରୁଷ ସର୍ଦ୍ଦାର ପଟେଲଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ସମ୍ମିଳିତ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିଥିଲେ। ରାଷ୍ଟ୍ରର ଏକତା, ଅଖଣ୍ଡତା, ସୁରକ୍ଷା ତଥା ଦେଶର ଆଭ୍ୟନ୍ତରୀଣ ସୁରକ୍ଷାକୁ ସୁଦୃଢ଼ କରିବାପାଇଁ ଉପସ୍ଥିତ ପୋଲିସ ଅଧିକାରୀ, କର୍ମଚାରୀ ଏବଂ ପ୍ୟାରେଡରେ ସାମିଲ ହୋଇଥିବା ଯବାନଙ୍କୁ ଆରକ୍ଷୀ ମହାନିର୍ଦ୍ଦେଶକ, ଶ୍ରୀ ମିଶ୍ର ଶପଥ ପାଠ କରାଇଥିଲେ। ଏହା ସହ ସର୍ଦ୍ଦାର ପଟେଲଙ୍କ ଜୀବନ ଦର୍ଶନ ଉପରେ ଆଲୋକପାତ କରିବା ସହ ତାଙ୍କ କାର୍ଯ୍ୟଦକ୍ଷତା, ଦେଶପ୍ରେମ ଓ ସ୍ୱାଧୀନତା ସଂଗ୍ରାମରେ ଅତୁଳନୀୟ ଅବଦାନ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ସ୍ୱାଧୀନତା ପରେ ୫୬୨ଟି ଦେଶୀୟ ରାଜ୍ୟଗୁଡିକୁ ଭାରତରେ ମିଶାଇବା ପାଇଁ ସର୍ଦ୍ଦାର ପଟେଲ ଯେଉଁ ଅକ୍ଲାନ୍ତ ପରିଶ୍ରମ କରିଥିଲେ, ତାହା ଅତୁଳନୀୟ ଥିଲା। ଯାହା ଫଳରେ ବିଶ୍ୱ ଦରବାରରେ ଭାରତ ଆଜି ଏକ ସ୍ୱତନ୍ତ୍ର ରାଷ୍ଟ୍ର



ଭାବେ ପରିଚୟ ଲାଭ କରିଛି ବୋଲି ଶ୍ରୀ ମିଶ୍ର ମତବ୍ୟକ୍ତ କରିଥିଲେ। ଦେଶର ପ୍ରତ୍ୟେକ ନାଗରିକ ଭାଇଚାରା, ବନ୍ଧୁତା ଏବଂ ଏକତାର ମନୋଭାବ ନେଇ କାର୍ଯ୍ୟ କରିବା ସହ ଭାରତର ଇତିହାସ ପାଇଁ ଏକ ସ୍ୱତନ୍ତ୍ର ଅଧ୍ୟାୟ ସୃଷ୍ଟି କରିବାକୁ ମଧ୍ୟ ସେ ଆହ୍ୱାନ ଦେଇଥିଲେ। ଆଗାମୀ ଦିନରେ ସମସ୍ତେ ମିଳିମିଶି ରାଜ୍ୟରେ ଆଇନଶୃଙ୍ଖଳା ନିୟନ୍ତ୍ରଣ, ଅପରାଧ ଦମନ ଓ ସମାଜରେ ଶାନ୍ତି ପ୍ରତିଷ୍ଠା କରିବାକୁ ଶ୍ରୀ ମିଶ୍ର ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଓଡିଶା ପୋଲିସର ୩୪ ପୋଲିସ ଜିଲ୍ଲାର ସମସ୍ତ ଥାନାରେ ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଥିବା ସମ୍ପର୍କରେ ସୂଚନା ଦେଇଥିଲେ। ଏହା ସହ ସମାଜର ସମସ୍ତ ବ୍ୟକ୍ତି ବିଶେଷଙ୍କୁ ନେଇ ଏକତା ପାଇଁ ଦୌଡ଼, ଶିକ୍ଷାନୁଷ୍ଠାନର ଛାତ୍ର ଛାତ୍ରୀଙ୍କ ମଧ୍ୟରେ ଚିତ୍ରାଙ୍କନ, ପ୍ରବନ୍ଧ, ତର୍କ ଭଳି ପ୍ରତିଯୋଗିତା ଆୟୋଜନ କରାଯାଇ କାର୍ଯ୍ୟକ୍ରମକୁ ଆକର୍ଷଣୀୟ କରାଯାଇଛି ବୋଲି ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ(ଆଧୁନିକୀକରଣ) ଏସ. କେ. ପ୍ରିୟଦର୍ଶୀ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ମୁଖ୍ୟାଳୟ) ଅରୁଣ ବୋଥ୍ରା, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (କମୁନିକେସନ) ଦୟାଲ ଗଙ୍ଗୱାର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଏସଏପି) ରାଜେଶ କୁମାରଙ୍କ ସମେତ ପୋଲିସ ବିଭାଗର ବହୁ ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

Printed, Published and Owned by **Lingaraj Dash**, Published at Plot No.-4233, Sulochana Bhawan, Behind Badagada High School, Badagada, Bhubaneswar-751018, Dist-Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com / lingaraj@gmail.com
Managing Editor : **Laxmipriya Dash**
ପରିଚାଳନା ସମ୍ପାଦିକା : **ଲକ୍ଷ୍ମୀପ୍ରିୟା ଦାଶ**
Editor : **Tarak Mohanty**
ସମ୍ପାଦକ : **ତାରକ ମହାନ୍ତି**